ବର୍ଷ-୨୬, ସଂଖ୍ୟା-୨୩୩
ଭୁବନେଶ୍ୱର
ଅଗଷ୍ଟ ୨୯, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 233
Bhubaneswar
August, 29 2026, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ରାକ୍ଷୀ ପିନ୍ଧିଲେ ପ୍ରଧାନମନ୍ତ୍ରୀ

# ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

## ୧ କୋଟି ୩ ଲକ୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କ ଆକାଉଣ୍ଟକୁ ଗଲା ୫,୧୬୩ କୋଟିରୁ ଅଧିକ ଟଙ୍କା

## ଖୁବ୍ ଶୀଘ୍ର ପ୍ରତିଷ୍ଠା ହେବ ନୟାଗଡ଼ ଚିନି କଳ ଏବଂ ଆରମ୍ଭ ହେବ ବୃତଙ୍ଗ ଜଳସେଚନ ପ୍ରକଳ୍ପ

## ସୁଭଦ୍ରା ସହାୟତା ପ୍ରଦାନ କରି ଭାଇର କର୍ତ୍ତବ୍ୟ ସମ୍ପାଦନ କରିବା ଭଳି ଅନୁଭବ ହେଉଛି – ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୮(ମହାଭାରତ): ରାକ୍ଷୀ ପୂର୍ଣ୍ଣିମା ଅବସରରେ ଭାଇଟିଏ ନିଜ ଭଉଣୀକୁ କିଛି ଉପହାର ଦେଇଥାଏ। ଓଡ଼ିଶାର ଶାସନ ମୁଖ୍ୟ ଭାବେ ରକ୍ଷା ବନ୍ଧନରେ ସୁଭଦ୍ରା ସହାୟତା ପ୍ରଦାନ କରି ମତେ ଏକ ଭାଇର କର୍ତ୍ତବ୍ୟ ସମ୍ପାଦନ କରିବା ଭଳି ଅନୁଭବ ହେଉଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୟାଗଡ଼ ଠାରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ବଣ୍ଟନ ଅବସରରେ କହିଛନ୍ତି।

ସୂଚନାଯୋଗ୍ୟ ଯେ ଆଜି ନୟାଗଡ଼ ଜିଲ୍ଲା ଲାଠିପଡ଼ାଠାରେ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପମୁଖ୍ୟମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ଗହଣରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରାଯାଇଛି । ରାଜ୍ୟର ୧ କୋଟି ୩ ଲକ୍ଷ ୨୬ ହଜାର ୧୬୨ ହିତାଧିକାରୀଙ୍କୁ ୫,୧୬୩ କୋଟି ର ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି । ଏଥିରେ ନୟାଗଡ଼ ଜିଲ୍ଲାର ୨ ଲକ୍ଷ ୩୩ ହଜାର ୫୮୫ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି । ଉପସ୍ଥିତ ସୁଭଦ୍ରା ମା ଓ ଭଉଣୀ ମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ "ସୁଭଦ୍ରା ଯୋଜନା କେବଳ ଟଙ୍କା ଆବଣ୍ଟନର ଅବସର ନୁହେଁ, ଏହା ହେଉଛି ନାରୀ ସଶକ୍ତିକରଣର ପ୍ରତୀକ ଏବଂ ରାଜ୍ୟର ଅଧା ଜନସଂଖ୍ୟା ପ୍ରତି ଆମ ସରକାରଙ୍କ ପ୍ରତିବଦ୍ଧତା ।

ନାରୀ ସଶକ୍ତିକରଣର ପ୍ରକୃତ ଅର୍ଥ ବ୍ୟାଖ୍ୟା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେବଳ ସହାୟତା ପ୍ରଦାନ କରିବା ସଶକ୍ତିକରଣ ନୁହେଁ, ବରଂ ମହିଳାମାନଙ୍କୁ ସାମାଜିକ, ରାଜନୈତିକ ତଥା ଆର୍ଥିକ ସ୍ତରରେ ଆତ୍ମନିର୍ଭର କରି ନିଜ ପାଇଁ ନିଜେ ନିଷ୍ପତ୍ତି ନେବାର



ଅଧିକାର ଦେବା ହିଁ ଅସଲ ସଶକ୍ତିକରଣ। ଆଇଆଇଏମ୍ ସମ୍ବଲପୁର ଓ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସର୍ଭେ ରିପୋର୍ଟକୁ ଉଦ୍ଧୃତ କରି ସେ ପ୍ରକାଶ କରିଛନ୍ତି ଯେ ପ୍ରାୟ ୮୦ ପ୍ରତିଶତ ମହିଳା ସୁଭଦ୍ରା ସହାୟତାକୁ କେବଳ ଦୈନନ୍ଦିନ ଆବଶ୍ୟକତା ପାଇଁ ଖର୍ଚ୍ଚ ନକରି, ଦୀର୍ଘମିଆଦୀ ଆର୍ଥିକ ସୁରକ୍ଷା, ବ୍ୟବସାୟ ଓ ବିକାଶ କାର୍ଯ୍ୟରେ ନିୟୋଜିତ କରିଛନ୍ତି। ୮୭.୧୯ ପ୍ରତିଶତ ହିତାଧିକାରୀ ସୁଭଦ୍ରାକୁ ଅତ୍ୟନ୍ତ ଉପଯୋଗୀ ବୋଲି ମତ ଦେଇଛନ୍ତି । ମହିଳାଙ୍କ ଆକାଉଣ୍ଟ ବାଲାନ୍ସ ଓ ମାସିକ ଖର୍ଚ୍ଚରେ ବୃଦ୍ଧି ଘଟିଛି । ନୟାଗଡ଼ର ରଞ୍ଜୁବାଳା ଓ ସୌଦାମିନୀ ନନ୍ଦ, ଗଞ୍ଜାମର ଗୌରୀ ସାହୁ, ସୁବର୍ଣ୍ଣପୁରର ଭାରତୀ ଜଗଦଳ, ଏବଂ କୋରାପୁଟର ଆରତୀ ଖୋସଲାଙ୍କ ଭଳି ଉଦ୍ୟମୀ ଭଉଣୀମାନଙ୍କ ସଫଳତାର କାହାଣୀ ରାଜ୍ୟର ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛି ବୋଲି ସେ କହିଛନ୍ତି ।ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଗଠିତ 'ମହିଳା ଉଦ୍ୟୋଗୀ ମଞ୍ଚ ' ଜରିଆରେ ମହିଳାମାନଙ୍କୁ ବିଜିନେଶ ଆରମ୍ଭ କରିବାକୁ ମାର୍ଗ ଦର୍ଶନ , ଦକ୍ଷତା ପ୍ରଶିକ୍ଷଣ, ବଜାର ସଂଯୋଗ ଏବଂ ଆର୍ଥିକ ସହାୟତା ଇତ୍ୟାଦି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ ।ଧାର୍ଯ୍ୟ ଲକ୍ଷ୍ୟ ପୂର୍ବରୁ ୨୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରି ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ । ଏହାସହିତ ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଏବଂ ରାଜ୍ୟ ବଜେଟ୍‌ରେ ମହିଳାଙ୍କ ପାଇଁ ୧ ଲକ୍ଷ ୨୨ ହଜାର ୭୬୪ କୋଟି ଟଙ୍କାର ଐତିହାସିକ ବ୍ୟୟବରାଦ ବିଷୟରେ ସେ ଆଲୋକପାତ କରିଥିଲେ। ସଂସଦରେ 'ନାରୀଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ମହିଳାମାନଙ୍କୁ ରାଜନୈତିକ ସଂରକ୍ଷଣ ଦେବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମକୁ ସେ ପ୍ରଶଂସା କରିବା ସହ ଆଗାମୀ ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିବସ ଅବସରରେ ସମସ୍ତଙ୍କୁ ଦୀପଟିଏ ଜାଳି ଆଶୀର୍ବାଦ ପ୍ରାର୍ଥନା କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ନୟାଗଡ଼ ଜିଲ୍ଲାର ୨ ଲକ୍ଷ ୩୩ ହଜାର ୫୮୫ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ପଞ୍ଚମ କିସ୍ତିରେ ୧୧୬ କୋଟି ୮୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି। ନୟାଗଡ଼ ଜିଲ୍ଲାବାସୀଙ୍କୁ ଆଶ୍ୱାସନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ସହଯୋଗରେ ଖୁବ୍ ଶୀଘ୍ର ନୟାଗଡ଼ ଚିନି କଳ ପ୍ରତିଷ୍ଠା ସହିତ ବୃତଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ଆରମ୍ଭ ହେବ । ଏହି ଅବସରରେ ବାଚସ୍ପତି ସୁରମା ପାଢୀ କହିଥିଲେ ଯେ ଆମ ସରକାର ଦାୟିତ୍ୱ ନେବା ସମୟରେ ସଠିକ୍ ନିଷ୍ପତ୍ତି ନେଇ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଜି ଏହି ସୁଭଦ୍ରା ଯୋଜନା ରାଜ୍ୟର ଏକ କୋଟିରୁ ଉର୍ଦ୍ଧ୍ୱ ମା ଓ ଭଉଣୀଙ୍କ ସାମାଜିକ ଓ ଆର୍ଥିକ ଜୀବନରେ ପରିବର୍ତ୍ତନ ଆଣିଛି । ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ସାଢେ ଚାରି କୋଟି ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ମୁଖ୍ୟମନ୍ତ୍ରୀ ଦିନ ରାତି କଠିନ ପରିଶ୍ରମ କରୁଛନ୍ତି । ନୟାଗଡ଼ର ଇଂରାଜୀ ବନାନକୁ ସଂଶୋଧନ କରି ନୟାଗଡ଼ ଜିଲ୍ଲାର ସ୍ୱାଭିମାନ ଓ ଅସ୍ମିତାକୁ ମୁଖ୍ୟମନ୍ତ୍ରୀ ସୁରକ୍ଷିତ କରିଛନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେ ଯେ ସୁଭଦ୍ରା ହେଉଛି ମା ଓ ଭଉଣୀ ମାନଙ୍କ ସ୍ୱପ୍ନ, ସମ୍ମାନ ଓ ସ୍ୱାବଲମ୍ବନର ପ୍ରତୀକ । ରାକ୍ଷୀ ପୂର୍ଣ୍ଣିମା ଅବସରରେ ଆମ ବସ୍ ରେ ମା ଓ ଭଉଣୀ ମାନଙ୍କ ପାଇଁ ମାଗଣା ଯାତ୍ରା ସୁବିଧା କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ ସୁଭଦ୍ରା ଆଜି ମହିଳାମାନଙ୍କୁ ନିଜେ ନିଷ୍ପତ୍ତି ନେବାର ଓ ଉଦ୍‌ଯୋଗୀ ବନିବାର ସୁଯୋଗ ପ୍ରଦାନ କରିଛି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସୁଭଦ୍ରା ହେବ ବିକାଶର ମୂଳପିଣ୍ଡ ବୋଲି ସେ କହିଥିଲେ। ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର ଧାର୍ଯ୍ୟ ସମୟ ପୂର୍ବରୁ ଲକ୍ଷପତି ଦିଦି ଟାର୍ଗେଟ୍ ହାସଲ କରି ରେକର୍ଡ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇ କହିଥିଲେ ଯେ ଟେଲିଭିଜନରେ ମୁଖ୍ୟମନ୍ତ୍ରୀଙ୍କ ବୋଟ୍ ଓ ଖାଲିପାଦରେ ବନ୍ୟା ଗସ୍ତ ଦେଖି ସଂସଦ ରେ ସାଂସଦ ମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ କହିଥିଲେ ଯେ ମାତୃ ଶକ୍ତିର ଜାଗରଣ ହେଲେ ସମାଜର ବିକାଶ ହୁଏ । ଆଜି ଦେଶରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଓ ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ମାତୃଶକ୍ତିର ସମ୍ମାନ କ୍ଷେତ୍ରରେ ଏକ ନୂଆ ଜାଗରଣ ସୃଷ୍ଟି ହୋଇଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଓ ଗଞ୍ଜାମ ଜିଲ୍ଲାର ସଫଳ ସୁଭଦ୍ରା ହିତାଧିକାରୀ ଓ ପ୍ରଶିକ୍ଷିତ ହିତାଧିକାରୀଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ସୁଭଦ୍ରା ବାର୍ଷିକ ରିପୋର୍ଟ ୨୦୨୫-୨୬, ଏସ୍‌ବିଆଇ ସର୍ଭେ ରିପୋର୍ଟ ଏବଂ ସୁଭଦ୍ରା ସମୀକ୍ଷା ଉନ୍ମୋଚନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଡ଼ଃ ମୃଣାଳିନୀ ଦରସ୍ୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଖଣ୍ଡପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନାର୍ଜୀ ଏବଂ ନୟାଗଡ଼ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସୋନିଆଙ୍କ ଆତ୍ମଜୀବନୀ ପ୍ରକାଶନକୁ ନେଇ ବିବାଦ

## ରିପୋର୍ଟକୁ ଖଣ୍ଡନ କଲା ପେଙ୍ଗୁଇନ୍

ନୂଆଦିଲ୍ଲୀ,୨୮।୮: କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଆତ୍ମଜୀବନୀ 'ବିଲଙ୍ଗିଂ: ଏ ଜର୍ନି ଅଫ୍ ଲଭ୍'ର ଭାରତୀୟ ପ୍ରକାଶନକୁ ନେଇ ବିବାଦ ଦେଖାଦେଇଛି । ପାଣ୍ଡୁଲିପିରେ ପ୍ରସ୍ତାବିତ ପରିବର୍ତ୍ତନ ଓ କେତେକ ଅଂଶ ବାଦ୍ ଦେବାକୁ ସୋନିଆ ରାଜି ନ ହେବାରୁ ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ ପୁସ୍ତକ ପ୍ରକାଶନରୁ ଓହରିଯାଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ଏହି ରିପୋର୍ଟକୁ ପେଙ୍ଗୁଇନ୍ ଖଣ୍ଡନ କରିଛି।




ପେଙ୍ଗୁଇନ୍ ଇଣ୍ଡିଆ ଶୁକ୍ରବାର କହିଛି ଯେ, ଭାରତରେ ସୋନିଆ ଗାନ୍ଧୀଙ୍କ ଏହି ପୁସ୍ତକର ପ୍ରକାଶକ ଭାବେ ଏହି ସଂସ୍ଥା ନାହିଁ। ତେଣୁ ପାଣ୍ଡୁଲିପିରେ ସଂଶୋଧନ କରିବାକୁ ସୋନିଆ ରାଜି ନ ହେବାରୁ ପେଙ୍ଗୁଇନ୍ ପ୍ରକାଶନରୁ ଓହରିଯାଇଥିବା ନେଇ ଯେଉଁ ଖବର ପ୍ରକାଶ ପାଇଛି, ତାହା ପ୍ରକୃତ ପରିସ୍ଥିତିକୁ ପ୍ରତିଫଳିତ କରୁନାହିଁ।

ପୁସ୍ତକର ତଥ୍ୟ ଯାଞ୍ଚ କରିବା ଓ ଏହାର ଉନ୍ନତି ପାଇଁ ଲେଖକଙ୍କୁ ପରାମର୍ଶ ଦେବା ପ୍ରକାଶକଙ୍କ ଅଧିକାର ଓ ଦାୟିତ୍ୱ ବୋଲି ସଂସ୍ଥା କହିଛି। ଏଥିସହ ପେଙ୍ଗୁଇନ୍ କହିଛି ଯେ, ସୋନିଆଙ୍କ ଆତ୍ମଜୀବନୀ ପ୍ରକାଶ କରିବାକୁ ସେମାନେ ଆଗ୍ରହୀ ଓ ପ୍ରସ୍ତୁତ ଥିଲେ। ଆଲୋଚନା ଚାଲିଥିବା ସମୟରେ ମଧ୍ୟ ସଂସ୍ଥାର ଏହି ସ୍ଥିତି ରହିଥିଲା।

ଅନ୍ୟପକ୍ଷରେ, ରିପୋର୍ଟ ଅନୁସାରେ ଭାରତରେ ପୁସ୍ତକଟିର ପ୍ରକାଶନ ଓ ବିତରଣ ପାଇଁ ହାର୍ପର୍‌କଲିନ୍ସ ଇଣ୍ଡିଆ ସହ ଚୁକ୍ତି ଚୂଡ଼ାନ୍ତ ହେବାର ନିକଟରେ ରହିଛି। ଏହାର ଆନ୍ତର୍ଜାତିକ ପ୍ରକାଶନ ଉପରେ ଏହି ପରିବର୍ତ୍ତନର ପ୍ରଭାବ ପଡ଼ିବ ନାହିଁ। ନଭେମ୍ବର ୧୦ରେ ପୁସ୍ତକଟି ବିଶ୍ୱବ୍ୟାପୀ ପ୍ରକାଶ ପାଇବ। ଆମେରିକାରେ ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍‌ର ଆଲ୍‌ଫ୍ରେଡ୍ ଏ. ନଫ୍ ଏହାକୁ ପ୍ରକାଶ କରିବ।

# କାଶ୍ମୀରୀ ପଣ୍ଡିତଙ୍କୁ ପୁଣି ଧମକ

ଶ୍ରୀନଗର୨୮।୮(ମହାଭାରତ): ଜମ୍ମୁ-କାଶ୍ମୀରରେ କାଶ୍ମୀରୀ ପଣ୍ଡିତମାନଙ୍କୁ ପୁଣି ଧମକ ଦିଆଯାଇଛି। ଲସ୍କର-ଏ-ତୋଇବା (ଏଲ୍‌ଇଟି) ସହ ସମ୍ପର୍କ ଥିବା କୁହାଯାଉଥିବା ୟୁନାଇଟେଡ୍ ଲିବରେସନ୍ କାଉନସିଲ (ୟୁଏଲ୍‌ସି) ନାମରେ ଅଗଷ୍ଟ ୨୭ ତାରିଖରେ ଏକ ଧମକପୂର୍ଣ୍ଣ ଚିଠି ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଛି। ଚଳିତ ମାସରେ କାଶ୍ମୀରୀ ପଣ୍ଡିତଙ୍କୁ ଟାର୍ଗେଟ୍ କରି ଏହା ଚତୁର୍ଥ ଧମକ ବୋଲି ରିପୋର୍ଟ ହୋଇଛି। ତେବେ ଚିଠିର ସତ୍ୟତା ଏବଂ ଏହା ପଛରେ କିଏ ଅଛି, ସେନେଇ ସୁରକ୍ଷା ଓ ଗୁଇନ୍ଦା ଏଜେନ୍ସି ଯାଞ୍ଚ କରୁଛନ୍ତି। ଚିଠିରେ କାଶ୍ମୀରୀ ପଣ୍ଡିତଙ୍କ ବିସ୍ଥାପନ ଓ ହତ୍ୟା ସମ୍ପର୍କିତ ପୁରୁଣା ମାମଲା ପୁଣି ଖୋଲିବା ପ୍ରୟାସକୁ ନେଇ ଆପତ୍ତି ଉଠାଯାଇଛି। ଏଥିରେ ବିଜବେହରା, ଗାବକାଦଲ, ସୋପୁର ଓ ହଣ୍ଡୱାଡା ଘଟଣାର ମଧ୍ୟ ତଦନ୍ତ କରିବାକୁ କୁହାଯାଇଛି। ବିସ୍ଥାପିତ ପଣ୍ଡିତଙ୍କ ସମ୍ପର୍କିତ ମାମଲା ଖୋଲିବାରେ ଯେଉଁମାନେ ଭୂମିକା ନେଉଛନ୍ତି, ସେମାନଙ୍କୁ ଛଡାଯିବ ନାହିଁ ବୋଲି ଚିଠିରେ ଧମକ ଦିଆଯାଇଛି। ଅତିରିକ୍ତ ସୁରକ୍ଷା ଦିଆଗଲେ ମଧ୍ୟ ଏଥିରୁ ସୁରକ୍ଷା ମିଳିବ ନାହିଁ ବୋଲି ମଧ୍ୟ ଧମକ ଦିଆଯାଇଛି। ସୁରକ୍ଷା ଏଜେନ୍ସିଗୁଡିକ ଚିଠିର ଉତ୍ସ, ପ୍ରାମାଣିକତା ଏବଂ ଏଥିରେ ଦିଆଯାଇଥିବା ଧମକ ପଛରେ କୌଣସି ନିର୍ଦ୍ଦିଷ୍ଟ ଯୋଜନା ଅଛି କି ନାହିଁ, ତାହା ଯାଞ୍ଚ କରୁଛନ୍ତି।

# ଦ୍ରୁତ ତରଳୁଛି ହିମାଳୟର ହିମଶୈଳ

## ୨୭ ମିଟର ପର୍ଯ୍ୟନ୍ତ କମିଛି ବରଫର ଘନତା

କାଠମାଣ୍ଡୁ,୨୮।୮(ମହାଭାରତ): ନେପାଳରେ ସାମ୍ପ୍ରତିକ ଭୟଙ୍କର ଆକସ୍ମିକ ବନ୍ୟା ଘଟିବାର ପ୍ରାୟ ୫ ମାସ ପୂର୍ବରୁ ହିମାଳୟ ଅଞ୍ଚଳର ହିମଶୈଳ ଦ୍ରୁତ ଗତିରେ ତରଳୁଥିବା ଏବଂ ଏହା ଭବିଷ୍ୟତରେ ଭୟଙ୍କର ବିପଦର କାରଣ ହୋଇପାରେ ବୋଲି ଦୁଇଟି ରିପୋର୍ଟରେ ସତର୍କ କରାଯାଇଥିଲା। ଚଳିତବର୍ଷ ମାର୍ଚ୍ଚରେ ଆନ୍ତର୍ଜାତିକ ସମନ୍ୱିତ ପର୍ବତ ବିକାଶ କେନ୍ଦ୍ର (ଆଇସିଏମ୍‌ଓଡି) ପ୍ରକାଶ କରିଥିବା ଦୁଇଟି ରିପୋର୍ଟରେ ହିନ୍ଦୁକୁଶ-ହିମାଳୟ ଅଞ୍ଚଳର ହିମବାହରେ ୧୯୭୫ ପରଠାରୁ ସର୍ବାଧିକ ୨୭ ମିଟର ପର୍ଯ୍ୟନ୍ତ ବରଫର ଘନତା ହ୍ରାସ ପାଇଥିବା କୁହାଯାଇଥିଲା।



କାଠମାଣ୍ଡୁସ୍ଥିତ ଆଇସିଏମ୍‌ଓଡି ଏହି ରିପୋର୍ଟରେ କହିଥିଲା ଯେ, ଏକବିଂଶ ଶତାବ୍ଦୀ ଆରମ୍ଭ ହେବା ପରଠାରୁ ହିମବାହରୁ ବରଫ କ୍ଷୟ ହେବାର ହାର ପ୍ରାୟ ଦୁଇଗୁଣ ହୋଇଯାଇଛି। ୧୯୯୦ରୁ ୨୦୨୦ ମଧ୍ୟରେ ହିନ୍ଦୁକୁଶ-ହିମାଳୟ ଅଞ୍ଚଳର ହିମବାହଗୁଡ଼ିକ ସେମାନଙ୍କ ମୋଟ ଆୟତନର ପ୍ରାୟ ୧୨% ହରାଇଥିବାବେଳେ ଆନୁମାନିକ ବରଫ ଭଣ୍ଡାରର ୯% ହ୍ରାସ ପାଇଛି। ଏହି ପରିସ୍ଥିତି ହିମାଳୟର କେତେକ ଅଞ୍ଚଳ ହିମବାହ ତରଳିବାର ଏକ ସଙ୍କଟପୂର୍ଣ୍ଣ ସୀମାର ନିକଟରେ ପହଞ୍ଚିଥିବାର ସଙ୍କେତ ବୋଲି ରିପୋର୍ଟରେ କୁହାଯାଇଥିଲା।ନେପାଳର ଏହି ଆକସ୍ମିକ ବନ୍ୟାର ପ୍ରକୃତ କାରଣ ନେଇ ବୈଜ୍ଞାନିକମାନଙ୍କ ତଦନ୍ତ ଜାରି ରହିଛି। ତେବେ ଏଥିରେ ଏକାଧିକ କାରଣ କାମ କରିଥିବା ନେଇ ବୈଜ୍ଞାନିକମାନେ ଆକଳନ କରୁଛନ୍ତି। ପୂର୍ବରୁ ଯେଉଁ ଉଚ୍ଚ ପାହାଡ଼ିଆ ଅଞ୍ଚଳରେ ତୁଷାରପାତ ହେଉଥିଲା, ସେଠାରେ ଏବେ ସମୁଦ୍ରପତ୍ତନଠାରୁ ୪,୦୦୦ ମିଟର ଓ ତା'ଠାରୁ ଅଧିକ ଉଚ୍ଚତାରେ ତୁଷାରପାତ ବଦଳରେ ବର୍ଷା ହେବା ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି।

ଡେରାଡୁନସ୍ଥିତ ୱାଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହିମାଳୟାନ୍ ଜିଓଲୋଜିର ଜଣେ ବୈଜ୍ଞାନିକ କହିଛନ୍ତି, ତାପମାତ୍ରା ବୃଦ୍ଧି ଯୋଗୁଁ ପୂର୍ବରୁ ତୁଷାରପାତ ହେଉଥିବା ଉଚ୍ଚତାରେ ଏବେ ବର୍ଷା ହେଉଛି ଏବଂ ହିମବାହ ଅତି ଦ୍ରୁତ ଗତିରେ ତରଳୁଛି। ଆଇସିଏମ୍‌ଓଡିର ବରିଷ୍ଠ ହିମମଣ୍ଡଳ ବିଶେଷଜ୍ଞ ତଥା ଆଇଆଇଟି ଇନ୍‌ଦୋରର ସହଯୋଗୀ ପ୍ରଫେସର ମହମ୍ମଦ ଫାରୁକ ଆଜମ କହିଛନ୍ତି, ବରଫ ଆବରଣ କମିବା ଏବଂ ହିମବାହ ତରଳିବାରୁ ଅଧିକ ପଥୁରିଆ ଓ ଅନାବୃତ ଭୂଭାଗ ବାହାରକୁ ଆସୁଛି। ଏହି ଅଞ୍ଚଳଗୁଡ଼ିକ ଅଧିକ ତାପ ଶୋଷଣ କରୁଥିବାରୁ ପାହାଡ଼ ଢାଲୁ ଅଧିକ ଅସ୍ଥିର ହୋଇପଡୁଛି।

# ନଦୀରେ ଭାସି ଆସୁଥିବା ମୃତଦେହ ଚିହ୍ନଟ ପାଇଁ ସଂଘର୍ଷ

କାଠମାଣ୍ଡୁ,୨୮।୮(ମହାଭାରତ): ଆକସ୍ମିକ ବନ୍ୟାରେ ପ୍ରାୟ ୬୦୦ ଲୋକଙ୍କ ମୃତ୍ୟୁ ଏବଂ ୧,୦୦୦ରୁ ଅଧିକ ଲୋକ ନିଖୋଜ ହେବା ପରେ ନେପାଳରେ ବର୍ତ୍ତମାନ ଭୋଟେକୋଶୀ ଓ ତ୍ରିଶୂଳୀ ନଦୀ ପ୍ରଣାଳୀରୁ ମିଳୁଥିବା ମୃତଦେହଗୁଡ଼ିକୁ ସଂରକ୍ଷଣ ଓ ଚିହ୍ନଟ କରିବା ପାଇଁ ସଂଘର୍ଷ ଆରମ୍ଭ ହୋଇଯାଇଛି। ନଦୀର ନିମ୍ନଭାଗରେ ଲଗାତାର ମୃତଦେହ ଭାସି ଆସୁଥିବାରୁ ନେପାଳର ବିଭିନ୍ନ ଜିଲ୍ଲାର ଶବଗୃହ ଗୁଡିକ ଭର୍ତ୍ତି ହୋଇ ସାରିଛି।

ଶବ ରଖିବାପାଇଁ ଆଉ ଜାଗା ନାହିଁ। କାଠମାଣ୍ଡୁ ପୋଷ୍ଟ ଅନୁଯାୟୀ ଭୋଟେକୋଶୀ ବନ୍ୟାରେ ଭାସିଯାଇଥିବା ମୃତଦେହଗୁଡ଼ିକ କେନ୍ଦ୍ରୀୟ ନେପାଳର ନୁୱାକୋଟ, ଚିତୱନ, ତନାହୁନ ଓ ନୱଲପରାସୀ ସମେତ ବିଭିନ୍ନ ଅଞ୍ଚଳରୁ ଉଦ୍ଧାର ହୋଇଛି। କେତେକ ଜିଲ୍ଲାର ସ୍ଥାନୀୟ ହସ୍ପିଟାଲରେ ସ୍ଥାନ ନଥିବାରୁ ମୃତଦେହଗୁଡ଼ିକୁ ଅନ୍ୟତ୍ର ପଠାଇବାକୁ ପଡ଼ିଛି। ଆହୁରି ମୃତଦେହ ମିଳିଲେ ସେଗୁଡ଼ିକୁ ରଖିବା ପାଇଁ ଅସ୍ଥାୟୀ ବ୍ୟବସ୍ଥା ମଧ୍ୟ କରାଯାଉଛି। ଚିତୱନ ଏବେ ମୃତଦେହ ଉଦ୍ଧାରର ଏକ ପ୍ରମୁଖ ସ୍ଥାନ ପାଲଟିଛି। ଗୁରୁବାର ସକାଳ ୯ଟା ୩୦ ସୁଦ୍ଧା ଫିଶଲିଙ୍ଗରୁ ଗୋଲାଘାଟ ପର୍ଯ୍ୟନ୍ତ ତ୍ରିଶୂଳୀ ଓ ନାରାୟଣୀ ନଦୀର ଚିତୱନ ଅଂଶରୁ ୧୩୭ଟି ମୃତଦେହ ଉଦ୍ଧାର ହୋଇଥିବା ଜଣାପଡିଛି। ହସ୍ପିଟାଲର ଶବଗୃହଗୁଡିକ ଏକ ସମୟରେ କେବଳ ପ୍ରାୟ ୩୦ରୁ ୫୦ଟି ମୃତଦେହ ରଖିବାର କ୍ଷମତା ଥିବାରୁ ଅଧିକାରୀମାନେ ଭରତପୁରରେ ଏକ ବ୍ୟବହାର ହେଉନଥିବା ସରକାରୀ ଭବନକୁ ଅସ୍ଥାୟୀ ମୃତଦେହ ସଂରକ୍ଷଣ କେନ୍ଦ୍ରରେ ପରିଣତ କରିଛନ୍ତି।

ମୃତଦେହଗୁଡ଼ିକର ପଚନ ପ୍ରକ୍ରିୟା ମନ୍ଥର କରିବା ପାଇଁ ଏୟାର କଣ୍ଡିସନର ଓ ଡ୍ରାଇ ଆଇସ୍ ବ୍ୟବହାର କରିବାକୁ କର୍ତ୍ତୃପକ୍ଷ ଯୋଜନା କରିଛନ୍ତି। ସ୍ଥାନୀୟ ଶିଳ୍ପ ଓ ବ୍ୟବସାୟିକ ସଂଗଠନଗୁଡ଼ିକ ଡ୍ରାଇ ଆଇସ୍ ବ୍ୟବସ୍ଥା କରିବାରେ ସହଯୋଗ କରିବାକୁ ରାଜି ହୋଇଛନ୍ତି। ଯଦି ଏହି ଅସ୍ଥାୟୀ କେନ୍ଦ୍ର ମଧ୍ୟ ପୂର୍ଣ୍ଣ ହୋଇଯାଏ, ତେବେ ଦେବଘାଟର ବିଦ୍ୟୁତ ଶବଦାହ କେନ୍ଦ୍ରକୁ ବିକଳ୍ପ ଭାବେ ବ୍ୟବହାର କରାଯିବ। ଗୁରୁବାର ସୁଦ୍ଧା ୯୩ଟି ମୃତଦେହ ପୋଖରାକୁ ଆଣାଯାଇଛି।

# ଶିମିଳିପାଳରେ ମୁକ୍ତରେ ବୁଲିବ ବାଘୁଣୀ 'ଜିନ୍ନତ୍'

ମୟୂରଭଞ୍ଜ,୨୮।୮(ମହାଭାରତ): ଶିମିଳିପାଳରୁ ଆସିଛି ଖୁସିର ଖବର । ବାଘୁଣୀ 'ଜିନ୍ନତ୍' ବେକରୁ କଢାଯିବ ରେଡିଓ କଲର। ୨୦୨୪ ନଭେମ୍ବରରେ ମହାରାଷ୍ଟ୍ରର ତାଡୋବା-ଅନ୍ଧାରୀ ବ୍ୟାଘ୍ର ଅଭୟାରଣ୍ୟରୁ ଅଣାଯାଇଥିବା ବାଘୁଣୀ 'ଜିନ୍ନତ୍' ଶିମିଳିପାଳ ଜଙ୍ଗଲରେ ନିଜର ସ୍ଥାନ ସଫଳତାର ସହ ସ୍ଥାପନ କରିବା ସହ ୪ ସନ୍ତାନ ଜନ୍ମ କରିଛି । ପ୍ରାରମ୍ଭିକ ସମୟରେ ଶିମିଳିପାଳ ଜଙ୍ଗଲ ଛାଡି ପଳାଇବାକୁ ଚେଷ୍ଟା କରିଥିଲା । ପରେ ତାକୁ ସୁରକ୍ଷିତ ଉଦ୍ଧାର କରି ପୁଣି ଶିମିଳିପାଳ ଅଣାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ଏହାର ଗତିବିଧି ଉପରେ ନଜର ରଖିବା ପାଇଁ ବ୍ୟବହାର ହେଉଥିବା ରେଡ଼ିଓ କଲରକୁ ହଟାଇବାକୁ ନିଷ୍ପତ୍ତି ନେଇଛି ।

## ଜମି ଦେବା ନାଁରେ ଠକେଇ ମାମଲା

# ପୂର୍ବତନ ମନ୍ତ୍ରୀ ନୃସିଂହ ସାହୁଙ୍କ ପୁଅ ଅଜିତ ଗିରଫ

ଭୁବନେଶ୍ୱର୨୮।୮(ମହାଭାରତ): ପୂର୍ବତନ ବିଜୁ ଜନତା ଦଳ (ବିଜେଡି)ର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ମନ୍ତ୍ରୀ ନୃସିଂହ ସାହୁଙ୍କ ପୁଅ ଅଜିତ କୁମାର ସାହୁଙ୍କୁ ଆଜି(ଶୁକ୍ରବାର) ଭୁବନେଶ୍ୱର-କଟକ ଯୁଗ୍ମ କମିସନରେଟ୍ ପୁଲିସ ଗିରଫ କରିଛି। ତାଙ୍କ ବିରୋଧରେ ଜମି କାରବାରରେ ଠକେଇ ନେଇ ଦିଲ୍ଲୀ ଓ ଭୁବନେଶ୍ୱରରେ ଏକାଧିକ ମାମଲା ଦାଏର ହୋଇଥିଲା।

ସୂଚନାନୁସାରେ, କମିସନରେଟ୍ ପୁଲିସର ଏକ ଟିମ୍ ଆଜି ସନ୍ଧ୍ୟାରେ ଚାଉ କରି ଅଜିତଙ୍କୁ ନୟାପଲ୍ଲୀସ୍ଥିତି ନୂଆସାହି ବାସଭବନରୁ ଗିରଫ କରିଛି। ତାଙ୍କ ବିରୋଧରେ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଓ ଦିଲ୍ଲୀର ପଟିଆଲା କୋର୍ଟରେ ମାମଲା ଦାୟର ହୋଇଛି। ତ୍ରିଶୁଳିଆ ଅଞ୍ଚଳରେ ଭଲ ଲୋକେସନ୍‌ରେ ଘରବାଡି ଜାଗା ଯୋଗାଇଦେବାକୁ କହି ଲକ୍ଷାଧିକ ଟଙ୍କା ନେଇଥିଲେ। ଜାଗା ଦେବାକୁ ଚାପ ପକାଇବାରୁ ବିଭିନ୍ନ ବାହାନା ଦେଖାଇ ଏହାକୁ ଏଡାଇଚାଲିଥିଲେ। ଅଜିତଙ୍କ ଠକେଇର ଶିକାର ସାଂସଦ ସୁଜିତ କୁମାର ଓ ଅନ୍ୟ ତିନିଜଣ ହୋଇଛନ୍ତି। ସେମାନେ ପୃଥକ ଭାବେ ପୁଲିସ ଥାନାରେ ମାମଲା ଦାଏର କରିଛନ୍ତି। ସାଂସଦ ସୁଜିତ, ଦିଲ୍ଲୀର ତୋଗଲକ ଥାନାରେ ୨୦୨୪ରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଏହି ମାମଲାରେ ଦିଲ୍ଲୀ ପଟିଆଲା କୋର୍ଟରେ ବାରମ୍ବାର ସମନ ସତ୍ତ୍ୱେ ସେ ହାଜର ହେଉନଥିଲେ। ଫଳରେ ଅଜିତଙ୍କୁ କୋର୍ଟ ପଳାତକ ଘୋଷଣା କରିଥିଲେ।

ଏନେଇ କମିସନରେଟ୍ ପୁଲିସ ପକ୍ଷରୁ କେଣସି ପ୍ରେସ୍ ସୂଚନା ଦିଆଯାଇନାହିଁ। ଏନେଇ ଅଭିଯୁକ୍ତ ଅଜିତ ନିଜ ପ୍ରତିକ୍ରିୟାରେ କହିଛନ୍ତି, ତାଙ୍କ ବିରୋଧରେ ସମସ୍ତ ଅଭିଯୋଗ ମିଛ। ତାଙ୍କ ବିରୋଧରେ କୋର୍ଟରେ ମାମଲା ହୋଇଥିବା କଥା ସେ ଜାଣନ୍ତି ନାହିଁ। ସେ ଦିଲ୍ଲୀ କୋର୍ଟରୁ କେଣସି ସମନ ଗ୍ରହଣ କରିନାହାନ୍ତି। ତାଙ୍କ ଗାଁ ଠିକଣାରେ ଏହା ଆସିଥାଇପାରେ, କିନ୍ତୁ ସେ ସମନ ସମ୍ପର୍କରେ କିଛି ଜାଣନ୍ତି ନାହିଁ।

# ୨୩ ବର୍ଷରେ ବି ଜମି ଅଧିଗ୍ରହଣ ସରୁନି

ଭୁବନେଶ୍ୱର,୨୮।୮(ମହାଭାରତ): ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ୨୩ବର୍ଷ ତଳେ ଆରମ୍ଭ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ତାଳଚେର-ବିମଳାଗଡ ରେଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ । ଏହି ପ୍ରକଳ୍ପ ଲାଗି ଯାହା ମୂଳ ବ୍ୟୟ ଅଟକଳ ଥିଲା ତାହା ଇତିମଧ୍ୟରେ ପାଖାପାଖି ୫ଗୁଣ ବୃଦ୍ଧି ପାଇଥିବାବେଳେ ଏବେ ଏହି ବହୁ ପ୍ରତୀକ୍ଷିତ ରେଳ ପ୍ରକଳ୍ପ କେବେ କାର୍ଯ୍ୟକ୍ଷମ ହେବ ସେଥିଘେନି ନିର୍ଦ୍ଦିଷ୍ଟ ଭାବେ କେହି କିଛି ସୂଚନା ଦେଇପାରୁ ନାହାନ୍ତି ।ପ୍ରାୟ ୫୦ବର୍ଷ ଧରି ଏହି ରେଳ ପ୍ରକଳ୍ପ ପାଇଁ ଦାବି ଉଠିଆସୁଛି । ଏହି ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଭୁବନେଶ୍ୱରରୁ ରାଉରକେଲା ମଧ୍ୟରେ ଦୂରତା ହ୍ରାସ ପାଇବା ସହ ଯାତାୟାତ ଲାଗି ଢେର କମ୍ ସମୟ ଲାଗିବ । ଏହାଛଡା ରେଳ ପଥରେ ମାଲ୍ ପରିବହନ ରାଉରକେଲା ଓ ପାରାଦୀପ ବନ୍ଦର ମଧ୍ୟରେ ଭଲ ଭାବେ ହୋଇପାରିବ । ବିଶେଷକରି କୋଇଲା ସମେତ ଅନ୍ୟାନ୍ୟ ଖଣିଜ ପଦାର୍ଥ ପରିବହନରେ ଏହି ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ।

ଦିଲ୍ଲୀପ ରାୟ କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟସଭା ସଦସ୍ୟ ଥିବାବେଳେ ଏହି ପ୍ରକଳ୍ପ ଲାଗି ବିଭିନ୍ନ ସ୍ତରରେ ଚାପ ପ୍ରୟୋଗ କରୁଥିଲେ । ବିଶେଷକରି ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ତାଙ୍କ ଉଦ୍ୟମରେ ଏହି ପ୍ରକଳ୍ପ ଲାଗି ବ୍ୟୟବରାଦ ହୋଇଥିଲା । ୨୦୦୩-୦୪ରେ ବାଜପେୟୀ ସରକାରଙ୍କ ଶେଷ ବଜେଟ୍‌ରେ ତାଳଚେର-ବିମଳାଗଡ ରେଳ ପ୍ରକଳ୍ପ ଲାଗି ୭୨୭ କୋଟି ବ୍ୟୟ ଅଟକଳ ହୋଇଥିଲା ।



ତେବେ ଇତିମଧ୍ୟରେ ଏହି ପ୍ରକଳ୍ପର ବ୍ୟୟ ଅଟକଳ ୩୩୧୦ କୋଟି ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ୧୯୦୧ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି । ଚଳିତବର୍ଷ ବଜେଟ୍‌ରେ ଏଥିପାଇଁ ୯୫୦ କୋଟି ଟଙ୍କା ରଖାଯାଇଛି । ୧୫୦ କିଲୋମିଟର ଦୈର୍ଘ୍ୟର ତାଳଚେର-ବିମଳାଗଡ ରେଳ ପ୍ରକଳ୍ପର ଅନୁଗୁଳ, ଦେବଗଡ ଓ ସୁନ୍ଦରଗଡ ଜିଲ୍ଲା ଦେଇଯିବ । ଏଥିପାଇଁ ମୋଟ ୮୬୩ ହେକ୍ଟର ଜମି ଆବଶ୍ୟକ ଥିବାବେଳେ ୭୫୬ ହେକ୍ଟର ଅଧିଗୃହୀତ ହୋଇଛି । ଅବଶିଷ୍ଟ ୧୦୭ ହେକ୍ଟର ଜମି ଅଧିଗ୍ରହଣ ପାଇଁ ବାକି ରହିଛି । ଏଥିରୁ ୭୭ ହେକ୍ଟର ବେସରକାରୀ ଜମି ହୋଇଥିବାବେଳେ ୫ ହେକ୍ଟର ଜଙ୍ଗଲ ଓ ୨୪ ହେକ୍ଟର ସରକାରୀ ଜମି ଅନ୍ତର୍ଭୁକ୍ତ । ମୋଟାମୋଟି ଭାବେ ୨୩ବର୍ଷ ଭିତରେ ଆବଶ୍ୟକୀୟ ସମସ୍ତ ସରକାରୀ ଜମି ଅଧିଗୃହୀତ ହୋଇପାରି ନାହିଁ । ଜମି ଅଧିଗ୍ରହଣ ବିବାଦ ଯୋଗୁ ଅବଶିଷ୍ଟ ୭୭ ହେକ୍ଟର ବେସରକାରୀ ଜମି ରେଳ ପ୍ରକଳ୍ପ ପାଇଁ ନିଆଯିବାରେ ବିଳମ୍ବ ହେଉଥିବା କୁହାଯାଉଛି ।୧୫୦ କିଲୋମିଟର ଦୈର୍ଘ୍ୟର ଏହି ରେଳ ପ୍ରକଳ୍ପ ମଧ୍ୟରୁ ଇତିମଧ୍ୟରେ ତାଳଚେରରୁ ଖମାର ପର୍ଯ୍ୟନ୍ତ ମାତ୍ର ୪୮ କିଲୋମିଟର କାର୍ଯ୍ୟକ୍ଷମ ହୋଇଛି । ଖମାରରୁ ଗୋଲାବନ୍ଧ ପର୍ଯ୍ୟନ୍ତ ୩୫ କିଲୋମିଟର ରେଳ ପଥ ନିର୍ମାଣ କାର୍ଯ୍ୟ ଲାଗି ଜମି ଅଧିଗ୍ରହଣ ସଂପୂର୍ଣ୍ଣ ହୋଇନାହିଁ । ଏଥିମଧ୍ୟରେ ୬୧ଟି ଛୋଟ ପୋଲ ଭିତରୁ ୪୧ଟିର ନିର୍ମାଣ ସରିଛି । ୧୧ଟି ରେଳ ଓଭର ବ୍ରିଜ୍‌ରୁ ୩ଟି ଓ ୧୬ଟି ରେଳ ଅଣ୍ଡରପାସ୍‌ରୁ ୧୨ଟିରେ ନିର୍ମାଣ କାମ ସରିଥିବା କୁହାଯାଉଛି । ଗୋଲାବନ୍ଧରୁ ମହୁଲଡିହା ପର୍ଯ୍ୟନ୍ତ ୩୫ କିଲୋମିଟର ରେଳପଥ ନିର୍ମାଣରେ ଜମି ଅଧିଗ୍ରହଣ ପ୍ରମୁଖ ସମସ୍ୟା ହୋଇଛି ।

# ନେପାଳ ବନ୍ୟା ବିଭୀଷିକା: ବରଗଡ଼ର ମା'-ଝିଅ ନିଖୋଜ, ସ୍ୱାମୀ ସୁରକ୍ଷିତ

ବରଗଡ଼,୨୮।୮(ମହାଭାରତ): ନେପାଳର ପ୍ରଳୟଙ୍କାରୀ ବନ୍ୟାରେ ବରଗଡ଼ ଜିଲାର ମା' ଓ ଝିଅ ନିଖୋଜ ହୋଇ ଯାଇଥିବା ସୂଚନ ମିଳିଛି। ସେମାନେ ହେଲେ, ବରଗଡ଼ ବ୍ଲକ ଜାମପାଲି ପଞ୍ଚାୟତ ସର୍ଲା ଗ୍ରାମର ଗୁନ୍ନମ ଜୟକ୍ରୀଷ୍ଣାଙ୍କ ସ୍ତ୍ରୀ ଗୁନ୍ନମ ସାଇ ବିନ୍ଦୁ କୁମାରୀ ଏବଂ ଦେଢବର୍ଷର ଶିଶୁକନ୍ୟା ହରିକ୍ଷା। ଜୟକ୍ରୀଷ୍ଣା ନେପାଳର ଏକ ହାଇଡ୍ରୋ ପାୱାର କମ୍ପାନୀରେ କାମ କରୁଥିଲେ। ସେ ବିଭାଗୀୟ ଯନ୍ତ୍ରୀଙ୍କ ସହିତ କମ୍ପାନୀ କାମ କରିବାକୁ ପାହାଡ଼ ଉପରକୁ ଯାଇଥିବାବେଳେ ଘରେ ତାଙ୍କ ସ୍ତ୍ରୀ ଓ ଶିଶୁକନ୍ୟା ଥିଲେ। ଏହି ସମୟରେ ବନ୍ୟା ମାଡ଼ି ଆସିବାରୁ ମା', ଝିଅ ଭାସି ଯାଇଥିଲେ ବୋଲି ସୂଚନା ମିଳିଛି। ଜୟକ୍ରୀଷ୍ଣା ଫୋନ ଯୋଗେ ଏହି ଘଟଣା ସମ୍ପର୍କରେ ସର୍ଲାସ୍ଥିତ ପରିବାର ଲୋକଙ୍କୁ ଜଣାଇ ଥିବାବେଳେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି।

## ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକନେକୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକନେ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଅଣ୍ଡା ଚିକେନ ଫ୍ରାଏ' ।



..... ଖବର ......

# ନୋରାଙ୍କ ଆଖିରେ ଲୁହ



ଅଭିନେତ୍ରୀ ନୋରା ଫତେହୀ ଏକ ପଡ୍‌କାଷ୍ଟରେ ତାଙ୍କ ଜୀବନର ସବୁଠାରୁ କଠିନ ସମୟ କଥା ମନେପକାଇ ଭାବପ୍ରବଣ ହେବାର ଦେଖିବାକୁ ମିଳିଛି। ସେହି ସମୟଟି ହେଉଛି କନ୍‌ମ୍ୟାନ୍ ସୁକେଶ ଚନ୍ଦ୍ରଶେଖରଙ୍କୁ ୨୦୦ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ ତଦନ୍ତ ପରିସରଭୁକ୍ତ କରାଯିବା ପରର କିଛି ବର୍ଷ। ଏହି ବିବାଦ ଯୋଗୁଁ ତାଙ୍କର ଭାବମୂର୍ତ୍ତି କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଲୋକେ ତାଙ୍କୁ ପ୍ରବଳ ସମାଲୋଚନା କରିଥିଲେ। ଏହା ପରେ ତାଙ୍କୁ ଅନେକ ବିଜ୍ଞାପନ ଓ ଚଳଚ୍ଚିତ୍ର କାମରୁ ବାଦ୍ ? ଦିଆଯାଇଥିଲା। ସେ ସଂପୂର୍ଣ୍ଣ ଏକାକୀ ଅନୁଭବ କରିଥିଲେ। ଏହି ଘଟଣା ତାଙ୍କୁ ଏତେ ମାନସିକ ଆଘାତ ଦେଇଥିଲା ଯେ ସେ କଥା ମନେପକାଇବା ବେଳକୁ ଆଜି ବି ତାଙ୍କ ଆଖିରେ ଲୁହ ଆସିଯାଉଛି। ସୁକେଶଙ୍କୁ ନୋରା ବ୍ୟକ୍ତିଗତ ଭାବେ ଜାଣନ୍ତି ଏବଂ ତାଙ୍କ ପାଖରୁ ସେ ଉପହାର ନେଇଛନ୍ତି ବୋଲି ଲୋକଙ୍କ ଗହଣରେ ଚର୍ଚ୍ଚା ହୋଇଆସିଥିଲେ ହେଁ ନୋରା ଏସବୁ ମିଛ ବୋଲି ଦାବି କରିଛନ୍ତି। ତେବେ ସେ ସ୍ୱୀକାର କରିଛନ୍ତି ଯେ ସେ ସୁକେଶଙ୍କ ପରିବାର ଠାରୁ ଏକ କାର ଉପହାର ନେଇଥିଲେ। ତଥାପି ଅନେକ ଲୋକ ଆଜି ବି ବିଶ୍ୱାସ କରନ୍ତି ଯେ ସେ ସୁକେଶ ସହିତ ପ୍ରେମ ସମ୍ପର୍କରେ ଥିଲେ। ବର୍ଷ ବର୍ଷର କଠିନ ପରିଶ୍ରମ ବଳରେ ଗଢ଼ିଥିବା କ୍ୟାରିଅର ଗୋଟିଏ ଘଟଣା ଯୋଗୁଁ ଧରାଶାୟୀ ହୋଇଯିବା ତାଙ୍କ ପାଇଁ ସବୁଠାରୁ ଦୁଃଖଦାୟକ ଥିଲା। ତଥାପି ସେ ୨୦୨୪ ମସିହାରୁ ପୁଣି ଥରେ ଅଭିନୟ, ନୃତ୍ୟ ଓ ସଂଗୀତ କ୍ଷେତ୍ରରେ ମନୋନିବେଶ କରି ନିଜର ହୃତ ଲୋକପ୍ରିୟତା ଫେରିପାଇବାରେ ଅନେକାଂଶରେ ସଫଳ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଉକ୍ତ ପଡ୍‌କାଷ୍ଟରେ ନୋରା ତାଙ୍କ ସହ ଜଡ଼ିତ ଅନ୍ୟାନ୍ୟ ବିବାଦ ସମ୍ପର୍କରେ ଖୋଲା ଆଲୋଚନା କରିବା ସହିତ ବିବାହ କରି ମାତୃତ୍ୱ ଲାଭ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି।

## କେଶ ଝଡୁଥିଲେ ଆପଣାନ୍ତୁ ମେଥି



ଦିନକୁ ଦିନ ବଦଳୁଥିବା ଜୀବନଶୈଳୀ, ଖାଦ୍ୟ, ପ୍ରଦୂଷଣ, ଧୂଳି କେବଳ ସ୍ୱାସ୍ଥ୍ୟ ଏବଂ ଚର୍ମ ଉପରେ ପ୍ରଭାବ ପକାଇ ନଥାଏ, ବରଂ ଏଥିପାଇଁ କେଶ ସମସ୍ୟା ମଧ୍ୟ ବଢ଼ିବାରେ ଲାଗିଛି ଆଜିକାଲି କେଶ ଝଡ଼ିବା ହେଉ କି କେଶ ଧଳା ପଡିଯିବା ଭଳି ସମସ୍ୟା ଅନେକଙ୍କ ସହ ଘଟୁଛି ବିଶେଷ କରି ଖରାଦିନରେ ରୁପି ସମସ୍ୟା ମଧ୍ୟ ବଢ଼ିଯାଇଥାଏ । ଏହି କେଶ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଲୋକମାନେ ଅନେକ ପ୍ରକାରର ସାମ୍ପୁ ବ୍ୟବହାର କରନ୍ତି, କିନ୍ତୁ କେମିକାଲ ଯୋଗୁଁ ଏହା ଲାଭ ଦେବା ବଦଳରେ କେଶର କ୍ଷତି କରିଥାଏ ଯଦି ଆପଣ କେଶ ଝଡ଼ିବା ସମସ୍ୟାକୁ ନେଇ ଚିନ୍ତାରେ ପଡିଯାଇଛନ୍ତି। ତେବେ ଆଜି ଆମେ ଆପଣଙ୍କୁ ଏକ ସ୍ୱତନ୍ତ୍ର ଘରୋଇ ଉପଚାର କହିବାକୁ ଯାଉଛୁ ଏଥିପାଇଁ ଆପଣଙ୍କୁ କେଶରେ ମେଥି ପାଣି ଲଗାଇବାକୁ ପଡିବ । ଏହାଦ୍ୱାରା ଆପଣଙ୍କ କେଶ ଝଡ଼ିବା କମିଯିବା ସହ ପତଳା କେଶ ମୋଟା ହୋଇଯାଇଥାଏ। କାରଣ ମେଥିରେ ଥିବା ଲୌହର ପରିମାଣ ରକ୍ତ ସଞ୍ଚାଳନକୁ ଠିକ କରିବା ସହ କେଶକୁ ମଜଭୁତ କରିବା ସହ ରୁପିକୁ ମଧ୍ୟ ଦୂରେଇଦେଇଥାଏ କିଭଳି ଓ କେମିତି ବ୍ୟବହାର କରିବେ ?ଏଥିପାଇଁ ସର୍ବପ୍ରଥମେ ଏକ ବଡ଼ ପାତ୍ରରେ ଏକ ଗ୍ଲାସ୍ ପାଣି ନିଅନ୍ତୁ ଏହି ପାଣିରେ ମେଥି ରଖନ୍ତୁ ଏବଂ ରାତିସାରା ଭିଜିବା ପାଇଁ ଛାଡିଦିଅନ୍ତୁ ସକାଳେ ମେଥିକୁ ଅଲଗା କରି ଏହି ପାଣିକୁ ଅଲଗା ପାତ୍ରରେ ରଖନ୍ତୁ । ବର୍ତ୍ତମାନ ଏହି ପାଣିରେ କିଛି ବୁନ୍ଦା କେଶ ତେଲ ମିଶାଇ ଏହି ଜଳକୁ ଏକ ସ୍ପ୍ରେ ବୋତଲରେ ରଖନ୍ତୁ ଆପଣଙ୍କ କେଶରେ ମେଥି ପାଣି ସିଞ୍ଚନ କରିବା ପୂର୍ବରୁ ସାମ୍ପୁ ଲଗାନ୍ତୁ । ସାମ୍ପୁ ଲଗାଇବା ଦ୍ୱାରା କେଶ ମୂଳ ସଫା ହୋଇଯାଇଥାଏ । ଭଲ ଭାବରେ ମୁଣ୍ଡ ଧୋଇବା ପରେ ସେଥିରେ ମେଥି ମିଶା ପାଣି ସ୍ପ୍ରେ କରନ୍ତୁ । ଏହିପରି କେଶକୁ ଅତି କମରେ ୧ ଘଣ୍ଟା ଛାଡିଦିଅନ୍ତୁ । ଏହା ପରେ କେଶକୁ ପାଣିରେ ଧୋଇ ଦିଅନ୍ତୁ ।

# କର୍ତ୍ତବ୍ୟ ପାଳନ ହିଁ ଆଧ୍ୟାତ୍ମିକତା




ଅନେକ ଦିନ ତଳର କଥା। ସନ୍ଥନଗରରେ ସୁପ୍ରସିଦ୍ଧ ସନ୍ଥ ଜ୍ଞାନେଶ୍ୱର ସକାଳୁ ପୂଜାର୍ଚ୍ଚନା ପରେ ଆଶ୍ରମ ସମ୍ମୁଖରେ ବହୁଥିବା ନଦୀ କୂଳରେ ଭ୍ରମଣ କରୁଥିଲେ। ଏହି ସମୟରେ ଏକ ଶିଶୁର କ୍ରନ୍ଦନ ଶୁଣିପାରିଲେ । ଜ୍ଞାନେଶ୍ୱରଙ୍କ ନଜର ଏକ ଶିଶୁ ଉପରେ ପଡ଼ିଲା। ସେ ଜଳରେ ବୁଡ଼ିଯାଉଥିଲା। ସେ ତୁରନ୍ତ ନଦୀଗର୍ଭକୁ କୁଦି ପଡ଼ିଲେ । ଶିଶୁକୁ ବଞ୍ଚାଇ କୂଳକୁ ନେଇ ଆସିଲେ। ସେ ଦେଖିଲେ ଯେ କୂଳରେ ଜଣେ ସାଧୁ ମହାତ୍ମା ବସି ଧ୍ୟାନ କରୁଛନ୍ତି । ତାଙ୍କୁ ଦେଖିବା ପରେ ଜ୍ଞାନେଶ୍ୱର ତାଙ୍କୁ ଡାକିଲେ। ସାଧୁ ଜଣକ ଆଖି ଖୋଲି ଦେଖିବାରୁ ମହାନ ସନ୍ଥ ଜ୍ଞାନେଶ୍ୱର ଛିଡ଼ା ହୋଇଥିଲେ। ସେ ଜ୍ଞାନେଶ୍ୱରଙ୍କୁ ପ୍ରଣାମ କଲେ। ଜ୍ଞାନେଶ୍ୱର ପଚାରିଲେ, ତୁମେ ଏଠାରେ କ'ଣ କରୁଛ ? ସାଧୁ କହିଲେ, ମୁଁ ଏଠାରେ ଧ୍ୟାନ କରୁଥିଲି। ଜ୍ଞାନେଶ୍ୱର ପଚାରିଲେ, ତୁମେ କ'ଣ ପ୍ରକୃତରେ ଧ୍ୟାନସ୍ଥ ହୋଇପାରୁଥିଲ ? ସାଧୁ କହିଲେ, ନା ! ମୁଁ ଧ୍ୟାନ ଲଗାଇବାକୁ ଚେଷ୍ଟା କରୁଥିଲି କିନ୍ତୁ ମୋର ମନ ବିଚଳିଥିଲା। "ତୁମକୁ ସେହି ଶିଶୁର ଚିତ୍କାର ଶୁଭୁଥିଲା ନା ନାହିଁ ?" ଜ୍ଞାନେଶ୍ୱର ପ୍ରଶ୍ନ କଲେ। ସାଧୁ କହିଲେ ହଁ ଶୁଭୁଥିଲା। କିନ୍ତୁ ମୁଁ ତ' ଧ୍ୟାନ କରୁଥିଲି । ଧ୍ୟାନ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଥିଲା। ସାଧୁଙ୍କ କଥା ଶୁଣି ଜ୍ଞାନେଶ୍ୱର ସ୍ମିତ ହସିଲେ ଏବଂ କହିଲେ, ତୁମ ଧ୍ୟାନ କିପରି ସଫଳ ହୋଇପାରିବ ! ଈଶ୍ୱର ତୁମକୁ କାହାର ସେବା କରିବାର ସୁଯୋଗ ଦେଇଛନ୍ତି ଏବଂ ତାହା ହିଁ ତୁମର ପ୍ରଥମ କର୍ତ୍ତବ୍ୟ ଥିଲା। ଯଦି ତୁମେ ଏହି କର୍ତ୍ତବ୍ୟର ପାଳନ କରିଥାନ୍ତ ତେବେ ତୁମର ଧ୍ୟାନ ଲଗାଇବାରେ ମନ ଲାଗିଥାଆନ୍ତା । ପ୍ରଭୁଙ୍କ ଦ୍ୱାରା ନିର୍ମିତ ଏହି ସଂସାରର ଆନନ୍ଦ ନେବାକୁ ହେଲେ ପ୍ରଥମେ ସଂସାରରୂପୀ ବଗିଚାର ଯତ୍ନ ନେବା ଶିଖିବାକୁ ପଡ଼ିବ। ତା'ହେଲେ ଯାଇ ତୁମେ ଈଶ୍ୱରଙ୍କ ନିକଟବର୍ତ୍ତୀ ହୋଇପାରିବ । ନିଜ କଥାକୁ ସ୍ପଷ୍ଟ କରିବାକୁ ଯାଇ ଜ୍ଞାନେଶ୍ୱର କହିଲେ, ଆଧ୍ୟାତ୍ମ କେବେହେଲେ ନିଜ କର୍ତ୍ତବ୍ୟ ଠାରୁ ପଳାୟନ କରିବା ଶିଖାଏ ନାହିଁ । ସତ୍ୟ ଏହା ଯେ କର୍ତ୍ତବ୍ୟ ପାଳନ ହିଁ ବ୍ୟକ୍ତିକୁ ଆଧ୍ୟାତ୍ମ ଧାରଣ କରିବା ଲାଗି ଯୋଗ୍ୟ କରିଥାଏ । ଜ୍ଞାନେଶ୍ୱରଙ୍କ ଏପରି ସାରଗର୍ଭକ ଭାଷଣ ଶୁଣି ସାଧୁ ତାଙ୍କର ପାଦ ଧରିପକାଇଲେ ଏବଂ କହିଲେ, ମହାଭାଗ ! ଆଜି ଆପଣ ମୋ ଜୀବନର ଉଦ୍ଦେଶ୍ୟ ମୋତେ କହିଦେଇଛନ୍ତି, ମୋ ମନ ଏବେ ପୂର୍ଣ୍ଣ ସନ୍ତୁଷ୍ଟି ଲାଭ କରିବ ।

# ବ୍ରହ୍ମାଙ୍କ ବଂଶ



ହିନ୍ଦୁ ଧର୍ମର ପ୍ରମୁଖ ଦେବତାଙ୍କ ମଧ୍ୟରେ ବ୍ରହ୍ମା ପରିଗଣିତ ହୋଇଥା'ନ୍ତି। ସେ ହିନ୍ଦୁମାନଙ୍କ ତିନି ପ୍ରମୁଖ ଦେବତା ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ମଧ୍ୟରୁ ଅନ୍ୟତମ। ଭଗବାନ ବିଷ୍ଣୁଙ୍କ ନାଭିରୁ ଯାଇଥିବା ପଦ୍ମରୁ ବ୍ରହ୍ମାଙ୍କ ଉତ୍ପତ୍ତି ହୋଇଥିଲା। ବ୍ରହ୍ମାଙ୍କୁ ସୃଷ୍ଟିର ରଚୟିତା ବୋଲି କୁହାଯାଇଛି। ସେ ଜୀବଜନ୍ତୁଙ୍କ ସୃଷ୍ଟି କରିଥିଲେ। ପ୍ରମୁଖ ଦେବତା ହୋଇଥିଲେ ମଧ୍ୟ ତାଙ୍କ ପୂଜା ଖୁବ କମ ହୋଇଥାଏ। ଏହାର ଭିନ୍ନ ଭିନ୍ନ କାରଣ ରହିଛି। ପ୍ରଥମତଃ ସେ ସରସ୍ୱତୀଙ୍କ ଠାରୁ ଅଭିଶାପ ପାଇଥିଲେ, ଦ୍ୱିତୀୟରେ ଭଗବାନ ଶିବଙ୍କୁ ଅସତ୍ୟ କହିଥିବା କାରଣରୁ ବ୍ରହ୍ମାଙ୍କ ପୂଜା ବର୍ଜିତ ହୋଇଥିବା ମଧ୍ୟ ପୁରାଣରେ ଉଲ୍ଲେଖ ରହିଛି। ବ୍ରହ୍ମାଙ୍କର ଏକମାତ୍ର ତଥା ପ୍ରମୁଖ ମନ୍ଦିର ରାଜସ୍ଥାନର ପୁଷ୍କର ନାମକ ସ୍ଥାନରେ ରହିଛି। ଅନେକ ଲୋକ ବ୍ରହ୍ମାଙ୍କୁ 'ବ୍ରହ୍ମ' ବୋଲି ଭୁଲବଶତଃ କହିଥା'ନ୍ତି। ବାସ୍ତବରେ 'ବ୍ରହ୍ମ' ଶବ୍ଦର ଅର୍ଥ ହେଉଛି 'ଈଶ୍ୱର'। ପୁରାଣରେ ବ୍ରହ୍ମାଙ୍କ ମାନସ ପୁତ୍ରଙ୍କ ବିଷୟରେ ଉଲ୍ଲେଖ ରହିଛି। ବ୍ରହ୍ମାଙ୍କ ମନରୁ ମରିଚି, ନେତ୍ରରୁ ଅତ୍ରି, ମୁଖରୁ ଅଙ୍ଗିରସ, କାନରୁ ପୁଲସ୍ତ୍ୟ, ନାଭିରୁ ପୁଲହ, ହାତରୁ କ୍ରତୁ, ଚର୍ମରୁ ଭୃଗୁ, ପ୍ରାଣରୁ ବଶିଷ୍ଠ, ଆଙ୍ଗୁଠିରୁ ଦକ୍ଷ, ଛାଇରୁ କନ୍ଦର୍ଭ, କୋଳରୁ ନାରଦ, ଇଚ୍ଛାରୁ ସନକ, ସନନ୍ଦନ, ସନାତନ, ସନତକୁମାର ଏବଂ ଶରୀରରୁ ସ୍ୱୟମ୍ଭୁ ମନୁ, ଧ୍ୟାନରୁ ଚିତ୍ରଗୁପ୍ତ ଆଦି ପ୍ରକଟ ହୋଇଥିଲେ। ପୁରାଣରେ ବ୍ରହ୍ମା-ପୁତ୍ରମାନଙ୍କୁ "ବ୍ରହ୍ମ ଆତ୍ମା ବୈ ଜାୟତେ ପୁତ୍ର" ବୋଲି କୁହାଯାଇଛି। ବ୍ରହ୍ମା ସର୍ବପ୍ରଥମେ ଯେଉଁ ଚାରି ଜଣ ପୁତ୍ର-ସନକ, ସନନ୍ଦନ, ସନାତନ ଏବଂ ସନତକୁମାରଙ୍କୁ ସୃଷ୍ଟି କରିଥିଲେ, ସେମାନଙ୍କର ସୃଷ୍ଟି ରଚନା କାର୍ଯ୍ୟରେ କୌଣସି ରୁଚି ନଥିଲା। ସେମାନେ ବ୍ରହ୍ମଚର୍ଯ୍ୟ ପାଳନ କରି ବ୍ରହ୍ମତତ୍ତ୍ୱରେ ମଗ୍ନ ହୋଇଗଲେ। ଏପରି ବୀତରାଗ ପୁତ୍ରମାନଙ୍କର ନିରପେକ୍ଷ ବ୍ୟବହାର ଦେଖି ବ୍ରହ୍ମାଙ୍କୁ ଅତ୍ୟନ୍ତ କ୍ରୋଧ ଉତ୍ପନ୍ନ ହେଲା। ବ୍ରହ୍ମାଙ୍କ ସେହି କ୍ରୋଧରୁ ଏକ ପ୍ରଚଣ୍ଡ ଜ୍ୟୋତି ଜନ୍ମ ନେଲା। ସେହି ସମୟରେ କ୍ରୋଧରେ ଜଳୁଥିବା ବ୍ରହ୍ମାଙ୍କ ମସ୍ତକରୁ ଅର୍ଦ୍ଧନାରୀଶ୍ୱର ରୁଦ୍ର ଉତ୍ପନ୍ନ ହେଲେ। ବ୍ରହ୍ମା ସେହି ଅର୍ଦ୍ଧନାରୀଶ୍ୱର ରୁଦ୍ରଙ୍କୁ ସ୍ତ୍ରୀ ଏବଂ ପୁରୁଷ ଦୁଇ ଭାଗରେ ବିଭକ୍ତ କଲେ। ପୁରୁଷଙ୍କ ନାମ 'କା' ଏବଂ ସ୍ତ୍ରୀଙ୍କ ନାମ 'ୟା' ରଖାଗଲା। ପ୍ରଜାପତ୍ୟ କଳ୍ପରେ ବ୍ରହ୍ମା ଏହି ପୁରୁଷ ଏବଂ ସ୍ତ୍ରୀଙ୍କୁ ସ୍ୱୟମ୍ଭୁ ମନୁ ଏବଂ ସ୍ତ୍ରୀଙ୍କୁ ଶତରୂପା ରୂପରେ ପ୍ରକଟ କଲେ। ଏହି ଦୁହିଁଙ୍କ ଠାରୁ ପ୍ରିୟବ୍ରତ, ଉତ୍ତାନପାଦ, ପ୍ରସୂତି ଏବଂ ଆକୂତି ନାମରେ ସନ୍ତାନ ଜନ୍ମ ନେଲେ। ଏହାପରେ କନ୍ୟା ଆକୂତିଙ୍କ ବିବାହ ରୁଚିଙ୍କ ସହିତ ଏବଂ ପ୍ରସୂତିଙ୍କ ବିବାହ ଦକ୍ଷଙ୍କ ସହିତ ହୋଇଗଲା। ଦକ୍ଷ-ପ୍ରସୂତିଙ୍କ ଠାରୁ ୨୪ କନ୍ୟା ଜନ୍ମ ନେଲେ। ସେମାନଙ୍କ ମଧ୍ୟରୁ ଶ୍ରଦ୍ଧା, ଲକ୍ଷ୍ମୀ, ପୁଷ୍ଟି, ଧୃତି, ତୃଷ୍ଟି, ମେଧା, କ୍ରିୟା, ବୁଦ୍ଧି, ଲଜ୍ଜା, ବପୁ, ଶାନ୍ତି, ଋଦ୍ଧି ଏବଂ କିର୍ତ୍ତୀ ଆଦି ୧୩ ଜଣ କନ୍ୟାଙ୍କ ବିବାହ ଧର୍ମଙ୍କ ସହିତ ହୋଇଥିଲା ଏବଂ ଏହାପରେ ଭୃଗୁଙ୍କ ସହିତ ଖ୍ୟାତି, ଶିବଙ୍କ ସହିତ ସତୀ, ମରିଚିଙ୍କ ସହିତ ସମ୍ଭୂତି, ଅଙ୍ଗିରଙ୍କ ସହିତ ସ୍ମୃତି, ପୁଲସ୍ତ୍ୟଙ୍କ ସହିତ ପ୍ରିତି, ପୁଲହଙ୍କ ସହିତ କ୍ଷମା, କୃତିଙ୍କ ସହିତ ସନ୍ତତିଙ୍କର, ଅତ୍ରିଙ୍କ ସହିତ ଅନସୂୟା, ବଶିଷ୍ଠଙ୍କ ସହିତ ଉର୍ଜ୍ଜା, ବ୍ରହ୍ମଙ୍କ ସହିତ ସ୍ୱାହା ତଥା ପିତରଙ୍କ ସହିତ ସ୍ୱଧାଙ୍କର ବିବାହ ହେଲା। ପରବର୍ତ୍ତୀ କାଳରେ ଏମାନଙ୍କ ଠାରୁ ହିଁ ସୃଷ୍ଟି ବିକଶିତ ହୋଇଥିଲା।

# ବିନୟୀ ହେବାର ସୁଫଳ

ଜଣେ ସାଧୁ ଥିଲେ । ତାଙ୍କର ଶେଷ ସମୟ ଉପନୀତ ହେବାରୁ ସେ ନିଜ ଶିଷ୍ୟମାନଙ୍କୁ ପାଖକୁ ଡାକିଲେ । ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ସାଧୁ କହିଲେ, ମୁଁ ତୁମମାନଙ୍କୁ ଆଜି ଏକ ଗୁଢ଼ ରହସ୍ୟ କହିବି । ଏଥର



ସାଧୁଜଣକ ନିଜ ପାଟି ଆଁ କଲେ ଏବଂ ଶିଷ୍ୟମାନଙ୍କୁ କହିଲେ, ମୋ ପାଟିରେ କେତୋଟି ଦାନ୍ତ ଅଛି, ତୁମେ ମାନେ ଗଣି କରି କୁହ । କିଛି ସମୟ ଗଣିବା ପରେ ସମସ୍ତ ଶିଷ୍ୟ ଏକ ସ୍ୱରରେ କହିଲେ, ଗୁରୁଦେବ ଆପଣଙ୍କର ତ' ଗୋଟିଏ ବୋଲି ଦାନ୍ତ ନାହିଁ । ଗୁରୁ କହିଲେ, ଏଥର ଦେଖ । ମୋ ଜିଭ ଅଛି ନା ନାହିଁ । ଶିଷ୍ୟମାନେ କହିଲେ, ହଁ ଅଛି । ଗୁରୁ ପୁଣି ଥରେ ପଚାରିଲେ, ଏହା କିପରି ହେଲା ? ଜିଭ ତ' ଜନ୍ମରୁ ଥିଲା, ଦାନ୍ତ ପରେ ଉଠିଲା । ତା'ହେଲେ ଦାନ୍ତ କିପରି ଆଗେ ଝଡ଼ିଗଲା, ମାତ୍ର ଜିଭ ରହିଗଲା ? ଗୁରୁଙ୍କ ପ୍ରଶ୍ନର କୌଣସି ଉତ୍ତର ଶିଷ୍ୟମାନଙ୍କ ପାଖରେ ନଥିଲା । ଶିଷ୍ୟଙ୍କ ଉତ୍କଣ୍ଠା ଶାନ୍ତ କରିବା ଲାଗି ଗୁରୁଦେବ ସେମାନଙ୍କୁ କହିଲେ, ଏହି ଜିଭରେ ମାଧୁର୍ଯ୍ୟ ଥିଲା, ମୃଦୁତା ବି ଥିଲା । ତା'ସହିତ ଏହା କୋମଳ ଥିଲା । ସେଇଥିପାଇଁ ଆଜି ବି ଏହି ଜିଭ ମୋ ପାଖରେ ତିଷ୍ଠି ରହିଛି । ଅନ୍ୟପକ୍ଷରେ ଦାନ୍ତଗୁଡ଼ିକରେ ଆରମ୍ଭରୁ କଠୋରତା ଭରି ରହିଥିଲା । ସେଥିପାଇଁ ପଛରେ ଆସି ମଧ୍ୟ ସେଗୁଡ଼ିକ ଜିଭ ଭଳି ଦୀର୍ଘଜୀବୀ ହୋଇପାରିଲେ ନାହିଁ । ଏଣୁ ତୁମେମାନେ ଯଦି ଦୀର୍ଘଜୀବୀ ହେବାକୁ ଚାହୁଁଛ, ତା'ହେଲେ କଠୋରତା ଛାଡ଼ ଏବଂ ବିନମ୍ରତା ଶିଖ । ଗୁରୁଙ୍କ ବାଣୀ ଶିଷ୍ୟମାନଙ୍କ ହୃଦୟ ଛୁଇଁଗଲା । ଏହି କଥାର ଅର୍ଥ ହେଉଛି, ସମାଜରେ ରହିବାକୁ ହେଲେ ମନୁଷ୍ୟକୁ ବିନମ୍ର ହେବାକୁ ପଡ଼ିବ, ତା'ହେଲେ ଯାଇ ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ

## ଓଡ଼ିଶା ରାଜ୍ୟପାଳଙ୍କ ଏଡିସି ଭାବେ ଯୋଗ ଦେଲେ ଅନୁଗୁ ଶିବା ମାରୁତି ରେଡ୍ଡୀ

ଭୁବନେଶ୍ବର ୨୮।୮(ମହାଭାରତ): ଆଇପିଏସ ଅଧିକାରୀ ଅନୁଗୁ ଶିବା ମାରୁତି ରେଡ୍ଡୀ ମଙ୍ଗଳବାର ଦିନ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ଏଡିସି (ଏଡ୍‌-ଡି-କ୍ୟାମ୍ପ) ଭାବେ ଯୋଗ ଦେଇଛନ୍ତି। ଲୋକ ଭବନରେ ଏକ ଔପଚାରିକ ସମାରୋହରେ ରାଜ୍ୟପାଳ ଶ୍ରୀ ରେଡ୍ଡୀଙ୍କୁ ନୂତନ ଦାୟିତ୍ୱରେ ସ୍ୱାଗତ କରିଛନ୍ତି। ଏହି ଅବସରରେ ରାଜ୍ୟପାଳଙ୍କ କମିଶନର-ତଥା- ଶାସନ ସଚିବ ଡ. ରୂପା ରୋଶନ ସାହୁଙ୍କ ସମେତ ରାଜ୍ୟପାଳଙ୍କ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ନୂତନ ପଦବୀ ଗ୍ରହଣ କରିବା ପୂର୍ବରୁ ଶ୍ରୀ ରେଡ୍ଡୀ ଜି. ଉଦୟଗିରିର ସବ୍‌-ଡିଭିଜନାଲ୍ ପୋଲିସ୍ ଅଫିସର୍ (ଏସଡିପିଓ) ଭାବେ କାର୍ଯ୍ୟରତ ଥିଲେ। ପୂର୍ବରୁ ରାଜ୍ୟପାଳଙ୍କ ପୋଲିସ ଏଡିସି ଭାବେ କାର୍ଯ୍ୟରତ ଥିବା ଆଇପିଏସ୍ ଅଧିକାରୀ ଅନନ୍ୟା ଅଓ୍ୱସ୍ଥୀଙ୍କ ସ୍ଥାନରେ ଶ୍ରୀ ରେଡ୍ଡୀ ଯୋଗ ଦେଇଛନ୍ତି।ଓଡ଼ିଶା ରାଜ୍ୟପାଳଙ୍କୁ ଦୁଇ ଜଣ ଏଡିସି ସହାୟତା କରିଥାନ୍ତି ଓ ଜଣେ ଭାରତୀୟ ନୌସେନାରୁ ଓ ଅନ୍ୟ ଜଣେ ଓଡ଼ିଶା ପୋଲିସରୁ। ବର୍ତ୍ତମାନ ଲେଫ୍ଟନାଂଟ ହର୍ଷିତ ଦେଓ ନୌସେନା ଏଡିସି ଭାବେ କାର୍ଯ୍ୟ କରୁଥିବା ବେଳେ ଶ୍ରୀ ରେଡ୍ଡୀ ପୋଲିସ୍ ଏଡିସି ଭାବେ ଯୋଗ ଦେଇଛନ୍ତି।ଏଡିସି ରାଜ୍ୟପାଳଙ୍କ ଔପଚାରିକ କାର୍ଯ୍ୟକ୍ରମ, ଆନୁଷ୍ଠାନିକ ଉତ୍ସବ ଏବଂ ଅନ୍ୟାନ୍ୟ ପ୍ରୋଟୋକଲ୍ ସମ୍ପର୍କୀୟ ଦାୟିତ୍ୱରେ ସହାୟତା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି।

## ତହସିଲଦାର ଓ ଏଆରଆଇ ସସ୍‌ପେଣ୍ଡ

ଭୁବନେଶ୍ବର,୨୮।୮(ମହାଭାରତ):: ଜମି ଦୁର୍ନୀତି ମାମଲାରେ ତହସିଲଦାର ଓ ଏଆରଆଇ ସସ୍‌ପେଣ୍ଡ ।କୋମନା ତହସିଲଦାର ତଥା ସବ୍ ରେଜିଷ୍ଟ୍ରାର ସର୍ବେଶ୍ୱର ଜାଲ ସସ୍‌ପେଣ୍ଡ । ତହସିଲଦାରଙ୍କୁ ନିଲମ୍ବନ କରିଛି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ । ଏଆରଆଇ ରାମନାଥ ମିଶ୍ରଙ୍କୁ ନିଲମ୍ବନ କଲେ ଜିଲ୍ଲାପାଳ ।

ସୂଚନା ଅନୁସାରେ, ଚାନ୍ଦୋପଲା ଗାଁର ସତ୍ୟ ନାରାୟଣ ପ୍ରଧାନୀଙ୍କ ନାଁରେ ଚାରି ଏକର ୪୦ ଡେସି ମିଲ ଚାଷଜମି ଥିଲା । ସତ୍ୟନାରାୟଣ ଫସଲବୀମା ପାଇଁ ଚାଷଜମି ପଟ୍ଟା ଧରି ସମବାୟ ସମିତିକୁ ଯାଇଥିଲେ। ସେଠି ଜାଣିବାକୁ ପାଇଲେ ଯେ, ତାଙ୍କ ନାଁରେ ଚାଷଜମି ନାହିଁ, ସବୁ ବିକ୍ରି ହୋଇଯାଇଛି । ଚାଷଜମି ଖାତା ନଂ ୧୭୮ ୩୮୧, ୧୭୮/୩୮୨ ଓ ୧୭୮ ୩୮୩କୁ ପ୍ରକୃତ ଜମିମାଲିକ ସତ୍ୟନାରାୟଣଙ୍କ ଅଜାଣତରେ କେହି ବିକ୍ରି କରିଦେଇଥିବା ଅଭିଯୋଗ ହୋଇଥିଲା। ଅନ୍ୟପଟେ ସେହି ଚାଷଜମି ବଲାଙ୍ଗିର ଜିଲ୍ଲା ବେଲପଡ଼ା ଅଞ୍ଚଳର ପର୍ଶୁରାମ ପାଢ଼ୀ, ପାଟଣାଗଡ଼ର ସଂଜୟ କୁମାର ଅଗ୍ରୱାଲ ଓ ରାମପୁର ଅଞ୍ଚଳର ବୀରେନ୍ଦ୍ର ସରାଫଙ୍କ ନାଁରେ କିଣିଥିଲେ । ପରେ ଚାଷ ଜମି ପ୍ରକୃତ ମାଲିକଙ୍କୁ ଫେରାଯାଇଥିଲା । ଏହି ମାମଲାରେ ବଡ ଆକ୍ସନ ନେଇଛନ୍ତି ରାଜ୍ୟ ସରକାର ।

## ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିର୍ଣ୍ଣୟକୁ ନେଇ ଗଜପତିଙ୍କୁ ଚିଠି

ଭୁବନେଶ୍ବର, ୨୮।୮(ମହାଭାରତ): ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ଆନିମେସନ୍ ଫିଲ୍ମ ପ୍ରସଙ୍ଗରେ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିର୍ଣ୍ଣୟକୁ ନେଇ ଗଜପତିଙ୍କୁ ଚିଠି । ଗଜପତିଙ୍କୁ ଚିଠି ଦ୍ୱାରା ଅବଗତ କରିଛନ୍ତି ମୁକ୍ତିମଣ୍ଡପ ପଣ୍ଡିତ ସଭା । ଏନେଇ ଗଜପତିଙ୍କ ଶ୍ରୀନହର କାର୍ଯ୍ୟାଳୟ ପକ୍ଷରୁ ମୁକ୍ତିମଣ୍ଡପ ସମ୍ପର୍କିତ ଚିଠି ପ୍ରକାଶ ପାଇଛି । ଚିଠିରେ କୁହାଯାଇଛି ଯେ, ଆନିମେସନ ଫିଲ୍ମ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ପରମ୍ପରା, ସଂସ୍କୃତି ଓ ତତ୍ତ୍ୱ ନଷ୍ଟ ହେଉଛି । ଫିଲ୍ମରେ ଜଗନ୍ନାଥଙ୍କୁ ବିକୃତ ଭାବେ ଦର୍ଶାଯାଇଛି । ଏହା ଅକ୍ଷମଣୀୟ ଅପରାଧ 'ଆଇନ ସମ୍ମତ ନୁହେଁ ଫିଲ୍ମ ରିଲିଜ । ସମସ୍ତ ମାଧ୍ୟମରେ ଏହାର ପ୍ରସାରଣ ଉପରେ ରୋକ ଲଗାଇବାକୁ ଦାବି ହୋଇଛି ।

# ପଞ୍ଜୀକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିୟମାନୁପାଳନ ସୁନିଶ୍ଚିତ ପାଇଁ କଡ଼ା ନଜର ରଖିବା ନିମନ୍ତେ ରାଜସ୍ୱ ବିଭାଗର ନିର୍ଦ୍ଦେଶ

ଭୁବନେଶ୍ବର, ୨୮।୮(ମହାଭାରତ): ରାଜ୍ୟରେ ଜମି ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ଦାୟିତ୍ୱସମ୍ପନ୍ନ ଏବଂ ନିୟମ ଅନୁପାଳନ ସୁନିଶ୍ଚିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଆସୁଛନ୍ତି। ପଞ୍ଜୀକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଦକ୍ଷତା ବୃଦ୍ଧି ପାଇଁ ଅନେକ ପ୍ରଯୁକ୍ତିଭିତ୍ତିକ ବ୍ୟବସ୍ଥା ମଧ୍ୟ ପ୍ରଚଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପଞ୍ଜୀକରଣ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟକଳାପ ଉପରେ ନିୟମିତ ମନିଟରିଂ ତଥା କଡ଼ା ନଜର ରଖିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଛି କ୍ଷ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଜିଲ୍ଲାପାଳମାନଙ୍କୁ ଦେଇଥିବା ବାର୍ତ୍ତାରେ ନୂଆପଡ଼ା ଜିଲ୍ଲାରେ ଜମି ପଞ୍ଜୀକରଣ ସମ୍ପର୍କିତ ଏକ ଗୁରୁତର ଜାଲିଆତି ଘଟଣା ସାମ୍ନାକୁ ଆସିଥିବା ଦର୍ଶାଇଛନ୍ତି କ୍ଷ ସୂଚନାଯୋଗ୍ୟ ଯେ, ଏହି ଘଟଣାରେ ନୂଆପଡ଼ା ଜିଲ୍ଲାର କୋମନା ତହସିଲର ତହସିଲଦାର ଭାବେ କାର୍ଯ୍ୟରତ ତଥା ସବ୍-ରେଜିଷ୍ଟ୍ରାରଙ୍କ ଦାୟିତ୍ୱ ତୁଲାଉଥିବା ଅଧିକାରୀ ସର୍ବେଶ୍ୱର ଜାଲଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି କ୍ଷ ପ୍ରାଥମିକ ତଦନ୍ତରୁ ସମ୍ପୃକ୍ତ ଅଧିକାରୀ ସ୍ୱାର୍ଥାନ୍ୱେଷୀ ମହଲ ସହ ମିଳିତ ଭାବେ ଏକ ବୃହତ୍ ଜମିଖଣ୍ଡର ଜାଲିଆତିପୂର୍ଣ୍ଣ ପଞ୍ଜୀକରଣକୁ ସହଜ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ନୂଆପଡ଼ା ଜିଲ୍ଲାପାଳଙ୍କଠାରୁ ସୂଚନା ମିଳିବା ପରେ ସମ୍ପୃକ୍ତ ତହସିଲଦାରଙ୍କୁ ରାଜ୍ୟ ସରକାର ତୁରନ୍ତ ନିଲମ୍ବିତ କରିଛନ୍ତି।

ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିଜ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ଏଡିଏମ) ତଥା ଜିଲ୍ଲା ରେଜିଷ୍ଟ୍ରାରଙ୍କୁ ପଞ୍ଜୀକରଣ ସମ୍ପର୍କିତ କାର୍ଯ୍ୟକଳାପର ନିୟମିତ ମନିଟରିଂ ସୁନିଶ୍ଚିତ କରି ସ୍ୱଷ୍ଟ ନଜର ରଖିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି କ୍ଷ

ଏଥିସହିତ, ପଞ୍ଜୀକରଣ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟପ୍ରଣାଳୀ ଓ କାର୍ଯ୍ୟକଳାପର ଆକସ୍ମିକ ପରିଦର୍ଶନ ତଥା ଯାଞ୍ଚ କରିବାକୁ ମଧ୍ୟ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ; ଯାହାଦ୍ୱାରା ଏଭଳି ଅନିୟମିତତାକୁ ସମୟୋପଯୋଗୀ ଭାବେ ଚିହ୍ନଟ କରି ରୋକାଯାଇପାରିବ। ପ୍ରଯୁକ୍ତି ବିଦ୍ୟାର ସର୍ବାଧିକ ଉପଯୋଗ ପୂର୍ବକ ପଞ୍ଜୀକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ରାଜ୍ୟ ସରକାରଙ୍କ ପ୍ରମୁଖ ପ୍ରାଥମିକତା। ଏପରି ଅନିୟମିତତାକୁ କୌଣସି ପରିସ୍ଥିତିରେ ପ୍ରଶ୍ରୟ ଦିଆଯିବ ନାହିଁ ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ନିୟମର ସମୁଚିତ ଅନୁପାଳନ ସୁନିଶ୍ଚିତ କରିବା ସହ ଦୋଷୀଙ୍କ ବିରୋଧରେ ଯଥାବିଧି ପଦକ୍ଷେପ ନିଆଯିବ।

# ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଅଞ୍ଚଳରୁ ମାଓବାଦୀ ଡମ୍ପ ଠାବ

ମାଲକାନଗିରି ,୨୮।୮(ମହାଭାରତ):: ଆତ୍ମସମର୍ପଣ କରିଥିବା ମାଓବାଦୀ ମାନଙ୍କୁ ପଚରାଉଚରା ଆଧାରରେ, ମାଲକାନଗିରି ଜିଲ୍ଲା ମାଥିଲି ଥାନା ସୀମା ଅନ୍ତର୍ଗତ ଚେରକୋଟଲା, କିରମିଟି, କଟୁଆପଦର , କଦଭାଟା ଜଙ୍ଗଲ ଅଞ୍ଚଳରେ ମାଲକାନଗିରିର ଡ଼ିଭିଏଫ ଜବାନ ମାନେ ଙ୍କ ଦ୍ୱାରା ସର୍ଚ୍ଚ ଅପରେସନ କରାଯାଇଥିଲା। ଏହି ଅଭିଯାନରେ ବସ୍ତର ଜିଲ୍ଲାର ଦରଭା ଥାନା ସୀମା ଏବଂ ସୁକମା ଜିଲ୍ଲା (ଛତିଶଗଡ଼)ର ପୁଷପାଲ ଥାନା ସୀମା ସହିତ ସୀମାନ୍ତବର୍ତ୍ତୀ ଉକ୍ତ ଅଞ୍ଚଳରେ ଆଜି ଭୋର ସମୟରେ



ଏକ ପ୍ରମୁଖ ମାଓ ଡମ୍ପ ଠାବ କରାଯାଇଥିଲା। ଏହି ଡମ୍ପ ରୁ ଦେଶ ବନ୍ଧୁକ , ଆଇଇଡି, କ୍ଲେମର ମାଇନ, ଔଷଧ, ବ୍ୟାଟେରୀ, ମାଓ ପୋଷାକ, ପୁସ୍ତକ ସହ ବହୁ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଛି। ସନ୍ଦେହ କରାଯାଉଛି ଯେ ଏହି ସାମଗ୍ରୀଗୁଡ଼ିକ ସାଧାରଣ ନାଗରିକ ଏବଂ ସୁରକ୍ଷା ବାହିନୀକୁ ଟାର୍ଗେଟ କରିବା ପାଇଁ ଉଦ୍ଦିଷ୍ଟ ଥିଲା।ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ । ଉଦ୍ଧାର ହୋଇଥିବା ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ଆନ୍ଧ୍ର -ଓଡିଶା ବୋର୍ଡର ଯୋନାଲ କମିଟି ମାଓ କ୍ୟାଡରମାନଙ୍କର ବୋଲି ସନ୍ଦେହ କରାଯାଉଛି। କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ତାରିଖ ଅନୁଯାୟୀ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ମାଲକାନଗିରି ସମ୍ପୂର୍ଣ୍ଣ ନକ୍ସଲ ମୁକ୍ତ ହୋଇସାରିଛି। ଜାନୁଆରୀ ୨୦୨୫ ରୁ ୩୧ ମାର୍ଚ୍ଚ ୨୦୨୬ ମଧ୍ୟରେ ମାଲକାନଗିରି ଜିଲ୍ଲାରେ ୨ ଜଣ ନକ୍ସଲଙ୍କୁ ଗିରଫ କରାଯାଇଛି ଏବଂ ୨୩ ଜଣ ନକ୍ସଲ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହା ଉଲ୍ଲେଖନୀୟ ଯେ ଜୁନ୍ ୨୦୨୬ ରେ ତିନୋଟି ପ୍ରମୁଖ ଡମ୍ପ ଉଦ୍ଧାର କରାଯାଇଥିଲା। ଏହା ବ୍ୟତୀତ, ଭବିଷ୍ୟତରେ ମାଓ କାର୍ଯ୍ୟକଳାପର ପୁନରାବୃତ୍ତିକୁ ରୋକିବା ପାଇଁ ଡମ୍ପଗୁଡ଼ିକରେ ଲୁଚାଇ ରଖାଯାଇଥିବା ମାଓବାଦୀଙ୍କ ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଚିହ୍ନଟ ଏବଂ ଉଦ୍ଧାର କରିବା ପାଇଁ ଏସଓଜି ଏବଂ ଡ଼ିଭିଏଫ ଦଳ ଦ୍ୱାରା ନିୟମିତ ଭାବରେ ଅଞ୍ଚଳରେ କମ୍ବିଂ ଏବଂ ସର୍ଚ୍ଚ ଅପରେସନ୍ କରାଯାଉଛି।

# ମୋଦୀଙ୍କ ଜନ୍ମଦିନରୁ "ସେବା ସଂକଳ୍ପ ଅଭିଯାନ"

ଭୁବନେଶ୍ବର, ୨୮।୮(ମହାଭାରତ):): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସାର୍ବଜନୀନ ଜୀବନରେ ଦୀର୍ଘ ୨୫ ବର୍ଷର ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଯାତ୍ରାକୁ ସ୍ମରଣ କରିବା ଉଦ୍ଦେଶ୍ୟରେ "ସେବା ସଂକଳ୍ପ ଅଭିଯାନ" ସମଗ୍ର ଦେଶରେ ଆୟୋଜନ କରାଯିବ । ଆସନ୍ତା ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମାସବ୍ୟାପୀ ଅଭିଯାନରେ ସମାଜର ବିଭିନ୍ନ ବର୍ଗଙ୍କୁ ସାମିଲ କରି ବିଭିନ୍ନ ଜନକଲ୍ୟାଣ ଓ ସେବାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ। ମାସବ୍ୟାପୀ ଚାଲିବାକୁ ଥିବା ଏହି ଅଭିଯାନକୁ ସଫଳ କରିବା ପାଇଁ ବୁଧବାର ଦିନ ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।



ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତି, ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି, ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ, ଡ.ମୁକେଶ ମହାଲିଙ୍ଗ, ଶ୍ରୀ ସଂପଦ ସ୍ୱାଇଁଙ୍କ ସମେତ ରାଜ୍ୟ ପଦାଧିକାରୀ, ସମସ୍ତ ଜିଲ୍ଲା ସଭାପତି ଏବଂ ପ୍ରଭାରୀ, ରାଜ୍ୟ ଓ ଜିଲ୍ଲାର ସଂଯୋଜକମଣ୍ଡଳୀ ଯୋଗ ଦେଇଥିଲେ । ଏହି ଅଭିଯାନକୁ ସଫଳ କରିବା ପାଇଁ ଗଠିତ ରାଜ୍ୟସ୍ତରୀୟ କମିଟିରେ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ସଂଯୋଜକ ଥିବାବେଳେ ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ସୀମାଂଚଳ ଖଟେଇ ଓ ବରିଷ୍ଠ ନେତ୍ରୀ ସୁଶ୍ରୀ ସୁକେଶୀ ଓରାମ ସହ-ସଂଯୋଜକ ଅଛନ୍ତି । ସେହିପରି କମିଟିରେ ନବରଙ୍ଗପୁର ସାଂସଦ ଶ୍ରୀ ବଳଭଦ୍ର ମାଝୀ, ବିଧାୟକ ଇରାସିସ ଆଚାର୍ଯ୍ୟ, ପ୍ରତାପ ନାୟକ, ପୂର୍ବତନ ସାଂସଦ ଅମର ପଟ୍ଟନାୟକ ଏବଂ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଅଭିଳାଷ ପଣ୍ଡା ସଦସ୍ୟ ଅଛନ୍ତି ବୋଲି ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି ।

"ସେବା ସଂକଳ୍ପ ଅଭିଯାନ" ସଂପର୍କରେ ସୂଚନା ଦେଇ ଡା.ମହାପାତ୍ର କହିଛନ୍ତି ଯେ, ସେପ୍ଟେମ୍ବର ୧୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ସନ୍ଧ୍ୟାରେ ଘରକୁ ଘର ଯାଇ "ଆଶୀର୍ବାଦର ଦୀପ" ପ୍ରଜ୍ୱଳନ କରାଯିବ । ସେହିପରି ରାଜ୍ୟ, ଜିଲ୍ଲା ଓ ବ୍ଲକମାନଙ୍କରେ ରକ୍ତଦାନ ଶିବିର ଏବଂ ଅନ୍ୟାନ୍ୟ ସେବା କାର୍ଯ୍ୟମାନ ଆୟୋଜନ କରାଯିବ । ରାଜ୍ୟବ୍ୟାପୀ ସମସ୍ତ ବିଦ୍ୟାଳୟମାନଙ୍କରେ ବିଭିନ୍ନ ଚିତ୍ରାଙ୍କନ, ଭାଷଣ, ବକ୍ତୃତା ଆଦି ପ୍ରତିଯୋଗିତା ଆୟୋଜନ କରାଯାଇ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବ । ନମୋ ସେବା ଗାଥା କାର୍ଯ୍ୟକ୍ରମ ଜରିଆରେ ବିଗତ ୨୫ ବର୍ଷର ସେବା କାର୍ଯ୍ୟ, ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା ଏବଂ ଦେଶରେ ଆସିଥିବା ପରିବର୍ତ୍ତନର କାହାଣୀକୁ ସରଳ, ଭାବପ୍ରବଣ ଓ ସଙ୍ଗୀତମୟ ନାଟ୍ୟ ପରିବେଷଣ ଏବଂ ପଥପ୍ରାନ୍ତ ନାଟକ ପରିବେଷଣ ମାଧ୍ୟମରେ ଗାଁରୁ ଗାଁକୁ ପହଁଚାଯିବ । ଏହି କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ବିଦ୍ୟାଳୟ, ମହାବିଦ୍ୟାଳୟ, ପଂଚାୟତ, ସାମୁଦାୟିକ କେନ୍ଦ୍ର ଏବଂ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନମାନଙ୍କରେ ଆୟୋଜନ କରାଯିବ । ଏହି ଅବସରରେ ୨୫ ସେପ୍ଟେମ୍ବର - ୭ ଅକ୍ଟୋବର ୨୦୨୬ ମଧ୍ୟରେ ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଅଙ୍ଗନୱାଡ଼ି ସମ୍ମାନ ଓ ମାତୃ ସମ୍ବାଦ କାର୍ଯ୍ୟକ୍ରମ ପାଳନ କରାଯାଇ ମୋଦୀ ସରକାରଙ୍କ ପୋଷଣ, ସ୍ୱାସ୍ଥ୍ୟ ଏବଂ ମହିଳା ସମ୍ବନ୍ଧୀୟ ଯୋଜନାଗୁଡ଼ିକ ବିଷୟରେ ଶିଶୁ ଓ ମା'ମାନଙ୍କୁ ଅତ୍ୟନ୍ତ ସରଳ ଏବଂ କଥୋପକଥନ ଶୈଳୀରେ ସୂଚନା ଦିଆଯିବ । ମୋଦୀ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଯେଉଁ ୨୫ ଲକ୍ଷ ନାଗରିକଙ୍କ ଜୀବନ ଓ ସ୍ଥାନୀୟ ଅଂଚଳରେ ସକାରାତ୍ମକ ପରିବର୍ତ୍ତନ ଆସିଛି, ସେମାନଙ୍କର ବାସ୍ତବ କାହାଣୀ ଦେଶବାସୀଙ୍କ ସମ୍ମୁଖରେ ପରିବର୍ତ୍ତନର କାହାଣୀ କାର୍ଯ୍ୟକ୍ରମ ଜରିଆରେ ଉପସ୍ଥାପନ କରାଯିବ । ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ଜରିଆରେ ଗତ କିଛି ବର୍ଷ ମଧ୍ୟରେ ବଡ଼, ବାସ୍ତବ ଏବଂ ସ୍ୱଷ୍ଟ ପରିବର୍ତ୍ତନକୁ ନିଜ ଅନୁଭୂତି ଆଧାରରେ ସ୍ଥାନୀୟବାସିନ୍ଦାମାନେ ଭାରତର ବିକାଶର କାହାଣୀକୁ ଉପସ୍ଥାପନ କରିବେ ।

## ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପରିପ୍ରେକ୍ଷୀରେ ଟ୍ରେନ୍ ସେବାକୁ ସାମୟିକ ଭାବେ ନିୟନ୍ତ୍ରଣ

ଭୁବନେଶ୍ବର, ୨୮।୮(ମହାଭାରତ):-ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନସ୍ଥ କେନ୍ଦୁଆପଦା-ଭଦ୍ରକ-କଟକ ସେକ୍ସନରେ ୩ୟ ଲାଇନ୍ କମିଶନିଂ ପାଇଁ କେନ୍ଦୁଆପଦା ଷ୍ଟେସନରେ ଚାଲିଥିବା ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପରିପ୍ରେକ୍ଷୀରେ, କାର୍ଯ୍ୟର ସୁରକ୍ଷିତ ଓ ସୁଗମ ସମ୍ପାଦନ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ କେତେକ ଟ୍ରେନ୍ ସେବାକୁ ସାମୟିକ ଭାବେ ନିୟନ୍ତ୍ରଣ କରାଯିବ।

ଏହି ଅନୁଯାୟୀ, ନିମ୍ନଲିଖିତ ଟ୍ରେନ୍ ସେବାଗୁଡ଼ିକ ଉଲ୍ଲେଖିତ ତାରିଖରେ ବାତିଲ, ସର୍ଟ-ଟର୍ମିନେଟ୍ (ଆଂଶିକ ବାତିଲ), ସର୍ଟ-ଓରିଜିନେଟ୍ (ଆଂଶିକ ଆରମ୍ଭ) କରାଯିବ। ୬୮୪୩୮ କଟକ-ଭଦ୍ରକ ମେମୁ ଟ୍ରେନ୍ ୨୯ ଓ ୩୦ ଅଗଷ୍ଟରେ ବାତିଲ ରହିବ।୬୮୪୩୭ ଭଦ୍ରକ-କଟକ ମେମୁ ଟ୍ରେନ୍ ୨୯ ଓ ୩୦ ଅଗଷ୍ଟରେ ବାତିଲ ରହିବ। ୬୮୪୨୪ କଟକ-ଭଦ୍ରକ ମେମୁ ଟ୍ରେନ୍ ୨୯ ଓ ୩୦ ଅଗଷ୍ଟରେ ଭଦ୍ରକ ପରିବର୍ତ୍ତେ ଯାଜପୁର କେନ୍ଦୁଝର ରୋଡ୍ ଠାରେ ସ୍ୱଳ୍ପ-ସମାପ୍ତ ହେବ।୬୮୪୨୩ ଭଦ୍ରକ-କଟକ ମେମୁ ଟ୍ରେନ୍ ୨୯ ଓ ୩୦ ଅଗଷ୍ଟରେ କଟକ ପରିବର୍ତ୍ତେ ଯାଜପୁର କେନ୍ଦୁଝର ରୋଡ୍ ଠାରୁ ଯାତ୍ରା ଆରମ୍ଭ କରିବ।୧୮୦୩୭ ଖଡ଼ଗପୁର-ଯାଜପୁର କେନ୍ଦୁଝର ରୋଡ୍ ଏକ୍ସପ୍ରେସ୍ ଟ୍ରେନ୍ ୨୭ରୁ ୨୯ ଅଗଷ୍ଟ ପର୍ଯ୍ୟନ୍ତ ଯାଜପୁର କେନ୍ଦୁଝର ରୋଡ୍ ପରିବର୍ତ୍ତେ ଭଦ୍ରକ ଠାରେ ଯାତ୍ରା ସମାପ୍ତ କରିବ। ୧୮୦୩୮ ଯାଜପୁର କେନ୍ଦୁଝର ରୋଡ୍-ଖଡ଼ଗପୁର ଏକ୍ସପ୍ରେସ୍ ଟ୍ରେନ୍ ୨୮ରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ଯାଜପୁର କେନ୍ଦୁଝର ରୋଡ୍ ପରିବର୍ତ୍ତେ ଭଦ୍ରକ ଠାରୁ ଯାତ୍ରା ଆରମ୍ଭ କରିବ। ୧୮୦୨୧ ଖଡ଼ଗପୁର-ଖୋର୍ଦ୍ଧା ରୋଡ୍ ଏକ୍ସପ୍ରେସ ଟ୍ରେନ୍ ୨୭ରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡ୍ ପରିବର୍ତ୍ତେ ଭଦ୍ରକ ଠାରେ ଯାତ୍ରା ସମାପ୍ତ କରିବ।୧୮୦୨୨ ଖୋର୍ଦ୍ଧା ରୋଡ୍-ଖଡ଼ଗପୁର ଏକ୍ସପ୍ରେସ୍ ଟ୍ରେନ୍ ୨୭ରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡ୍ ପରିବର୍ତ୍ତେ ଭଦ୍ରକ ଠାରୁ ଯାତ୍ରା ଆରମ୍ଭ କରିବ।

## ୭୩ ଲକ୍ଷରୁ ଅଧିକ ସରକାରୀ ଅର୍ଥ ହେରଫେର ଅଭିଯୋଗରେ ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷ ଗିରଫ

ଭୁବନେଶ୍ବର,୨୮।୮(ମହାଭାରତ): ଶିକ୍ଷାନୁଷ୍ଠାନରେ ସରକାରୀ ଅର୍ଥ ହେରଫେର ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକକେ ଥିବା ଦୁତିକା ସାହୁ କଲେଜ, ଲଇଡ଼ାର ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ବର୍ତ୍ତମାନର ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ବସନ୍ତ କୁମାର ନାଏକଙ୍କୁ ଗିରଫ କରିଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି।ଭିଜିଲାନ୍ସ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ୨୦୧୯-୨୦ରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ଡ. ନାଏକଙ୍କ କାର୍ଯ୍ୟକାଳ ସମୟରେ ୭୩ ଲକ୍ଷ ୪୪ ହଜାର ୯୫୦ ଟଙ୍କା ସରକାରୀ ଅର୍ଥର ଅନିୟମିତତା ଓ ହେରଫେର ହୋଇଥିବା ଅଭିଯୋଗ ରହିଛି। ତାଙ୍କୁ ଗିରଫ କରାଯିବା ପରେ ତାଙ୍କୁ ସମ୍ବଲପୁର ଭିଜିଲାନ୍ସର ସ୍ୱତନ୍ତ୍ର ଅଦାଲତରେ ହାଜର କରାଯାଇଛି।

ତଦନ୍ତ ସମୟରେ କଲେଜର ଭିତ୍ତିଭୂମି ବିକାଶ କାର୍ଯ୍ୟ ପାଇଁ ମଞ୍ଜୁର ହୋଇଥିବା ଅର୍ଥ ବାସ୍ତବରେ କାମ ନକରି ହେରଫେର କରାଯାଇଥିବା ଭିଜିଲାନ୍ସ ଜାଣିବାକୁ ପାଇଥିବା କହିଛି। ଏଥିସହ ମିଥ୍ୟା ବିଲ୍ ପ୍ରସ୍ତୁତ କରିବା ଏବଂ ମଞ୍ଜୁର ହୋଇଥିବା ଅର୍ଥ ବିନିମୟରେ ଅନୁଷ୍ଠାନିକ ଉପକରଣ ଗ୍ରହଣ ନକରିବା ଭଳି ଅଭିଯୋଗ ମଧ୍ୟ ରହିଛି।ସେହିପରି କଲେଜର ଅଟୋମେସନ ଓ ଡିଜିଟାଲ ପରିଚାଳନା ସଫ୍ଟୱେର କାର୍ଯ୍ୟାନ୍ୱୟନ ନାମରେ ମଞ୍ଜୁର ହୋଇଥିବା ସରକାରୀ ଅନୁଦାନକୁ ଅନ୍ୟତ୍ର ବ୍ୟବହାର କରାଯାଇଥିବା ମଧ୍ୟ ତଦନ୍ତରୁ ଜଣାପଡ଼ିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।ଏହି ଘଟଣାରେ ସମ୍ବଲପୁର ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୧୩/୨୦୨୬ ରୁଜୁ ହୋଇଛି। ଏଥିରେ ବିଏନ୍‌ଏସ୍, ୨୦୨୩ର ଧାରା ୧୩(୨) ସହ ୧୩(୧)(ଏ), ୩୧୬(୫) ଓ ୬୧(୨) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଘଟଣାରେ ଆହୁରି ତଦନ୍ତ ଜାରି ରହିଛି।

## ଏମଏମଡିଆର , ଓଡିଆ ଅସ୍ମିତାର ଦ୍ୱାହି ଦେଇ ବିଜେପି ଓଡ଼ିଶାକୁ ଲୁଟିବାରେ ଲାଗିଛି : ବିଜେଡି

ଭୁବନେଶ୍ବର,,୨୮।୮(ମହାଭାରତ):: ଓଡିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ବିଜେପି ଓଡ଼ିଶାକୁ ଲୁଟିବାରେ ଲାଗିଛି ବୋଲି ଅଭିଯୋଗ କରିଛି ବିଜୁ ଜନତା ଦଳ ।

ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ, ରତ୍ନଗର୍ଭା ଓଡ଼ିଶାର ଖଣିଜ ସମ୍ପଦ ଉପରେ ଡବଲ ଇଞ୍ଜିନ ସରକାରର ଲୋଲୁପ ଦୃଷ୍ଟି ପଡ଼ିଛି। ଏମଏମଡିଆର ଆମେଣ୍ଡମେଂଟ ଆକ୍ଟ ଦ୍ୱାରା କେନ୍ଦ୍ର ସରକାର ରାଜ୍ୟର ଖଣି ଗୁଡ଼ିକ ନିଜ ଅଧିନକୁ ନେଇଯାଉଛନ୍ତି । ଏହି ଆକ୍ଟ ଯୋଗୁଁ ବାର୍ଷିକ ୧୨,୦୦୦ କୋଟିର ରାଜସ୍ୱ ହରାଇବା ସହ ୧ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବକେୟା ଟିକସ ହରାଇବ ଓଡ଼ିଶା । ଏହି ଆକ୍ଟ ଦ୍ୱାରା ଓଡ଼ିଶା କ୍ଷତି ସହିବ ଜାଣି ମଧ୍ୟ ବିଜେପିର ୨୦ ଲୋକସଭା ଓ ୫ ରାଜ୍ୟସଭା ସାଂସଦ ଏହାକୁ ସମର୍ଥନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ହକ୍ ପାଇଁ ପୂର୍ବରୁ ଅନେକ ଆଇନଗତ ଲଢେଇ କରିଛନ୍ତି । କିନ୍ତୁ ବିଜେପି ସରକାର ତାହା କରିବା ପାଇଁ ସାହାସ ଜୁଟାଇ ପାରୁନାହିଁ । ବିଜେଡି ଶାସନ ସମୟରେ ୨୦୨୧ରୁ ୨୦୨୩ ମଧ୍ୟରେ ବକେୟା ୨୨,୦୦୦ କୋଟି ଟଙ୍କାର ଟିକସ ପାଇଁ ଖଣି ମାଲିକ ମାନଙ୍କୁ ନୋଟିସ କରାଯାଇ ୧୬,୦୦୦ କୋଟି ଟଙ୍କା ଆଦାୟ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ବିଜେପି ସରକାର ତାହା ନକରି କେବଳ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ ଅନୁପାଳନ କରୁଛନ୍ତି । ଡବଲ ଇଞ୍ଜିନ ସରକାର ଉକ୍ତ କଳା ଆଇନ ରଦ୍ଦ ନ କଲେ ଏହା ବିରୁଦ୍ଧରେ ବିଜେଡ଼ିର ଲଢେଇ ଜାରି ରହିବ ।



ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ରତ୍ନଗର୍ଭା ଓଡ଼ିଶାର ଖଣିଜ ସମ୍ପଦକୁ ଡବଲ ଇଞ୍ଜିନ ସରକାର ବାରମ୍ବାର ଲୁଟିବାରେ ଲାଗିଛି। ଜୁଲାଇ ୨୦୨୪ରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟର ୯ ଜଣିଆ ଖଣ୍ଡପୀଠ ଏହା ଉପରେ ବିଚାର କରି ଖଣି ଓ ଖଣିର ଜମି ଉପରେ ରାଜ୍ୟ ମାନଙ୍କର ଅଧିକାର ରହିଛି ବୋଲି ମତପ୍ରକାଶ କରିଥିଲେ । କିନ୍ତୁ କେନ୍ଦ୍ର ସରକାର ଏମଏମଡିଆର ଆମେଣ୍ଡମେଂଟ ଆକ୍ଟ ବଳରେ ରାଜ୍ୟ ହକକୁ ଛଡ଼ାଇ ନେଇଛନ୍ତି। କେନ୍ଦ୍ର ସରକାର ବିନା ଆଲୋଚନାରେ ସଂସଦରେ ଏହି ବିଲକୁ ପାରିତ କରାଇଛନ୍ତି । ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଖଣି ମାଲିକଙ୍କୁ ସୁହାଇଲା ଭଳି କାର୍ଯ୍ୟ କରୁଥିବା ଡବଲ ଇଞ୍ଜିନ ସରକାର ବିରୁଦ୍ଧରେ ବିଜେଡିର ଲଢ଼େଇ ଆଗକୁ ଆହୁରି ତୀବ୍ରତର ହେବ ।

## ଦୁଇ ଘରୋଇ ହସ୍ପିଟାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ : ମନ୍ତ୍ରୀ

ଭୁବନେଶ୍ବର,୨୮।୮(ମହାଭାରତ):ଭୁବନେଶ୍ୱରର ଦୁଇଟି ଘରୋଇ ହସ୍ପିଟାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ମନ୍ତ୍ରୀ କହିଛନ୍ତି ଭୁବନେଶ୍ୱରରେ ଥିବ କିମ୍ସ ଓ ମଣିପାଲ ହସ୍ପିଟାଲ୍ ବିରୋଧରେ ଅନିୟମିତତା ପ୍ରମାଣ ମିଳିଥିବାରୁ କାର୍ଯ୍ୟାନୁଷ୍ଠାନ ହେବ। ଆୟୁଷ୍ମାନ ଭାରତ, ଗୋପବନ୍ଧୁ ଆରୋଗ୍ୟ ଯୋଜନାରେ ଅନିୟମିତତା ଅଭିଯୋଗ ହୋଇଥିଲା। ଆମ ଟିମ୍ ଅଭିଯୋଗ ଆଧାରରରେ କିମ୍ସ, ମଣିପାଲ ଭିଜିଟ୍ କରିଥିଲେ। କାହାଠୁ ଅଧିକ ଟଙ୍କା ତ କାହାକୁ ହଇରାଣ କରିଥିବା ପ୍ରମାଣ ମିଳିଛି। ସେଥିପାଇଁ ଦୁଇଟି ହସ୍ପିଟାଲକୁ ନୋଟିସ୍ କରିଛୁ। ନୋଟିସ୍ ର ଜବାବ ନ ମିଳିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଲୋକଙ୍କୁ ହଇରାଣ, ମିଥ୍ୟା ଅପପ୍ରଚାର ନ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଘରୋଇ ହସ୍ପିଟାଲ୍ କୁ ଅପିଲ୍ କରିଛନ୍ତି। ରୋଗୀ ଆଡମିଶନର ୩ ଦିନ ପୂର୍ବରୁ ସବୁ ଟେଷ୍ଟ ମାଗଣା କରିପାରିବେ। ସେହିପରି ଡିସଚାର୍ଜ ହେବାର ୧୫ ଦିନ ପର୍ଯ୍ୟନ୍ତ ଦେୟମୁକ୍ତ ସୁବିଧା ପାଇବେ।

## ଓଡ଼ିଶା ପୁନର୍ବାସ ଓ ଥଇଥାନ ନୀତି :ପୁନର୍ବାସ ଅନୁଦାନର ଆର୍ଥିକ ହାରରେ ସଂଶୋଧନ

ଭୁବନେଶ୍ବର,୨୮।୮(ମହାଭାରତ): ଓଡ଼ିଶା ପୁନର୍ବାସ ଓ ଥଇଥାନ ନୀତି, ୨୦୦୬ର ଧାରା ୧୩ ଅନୁଯାୟୀ ରାଜ୍ୟ ସରକାର ପୁନର୍ବାସ ଅନୁଦାନର ବିଭିନ୍ନ ଆର୍ଥିକ ହାରରେ ୧୦ମ ଦ୍ୱିବାର୍ଷିକ ସଂଶୋଧନ କରିଛନ୍ତି। ଏହି ସଂଶୋଧିତ ହାର ୧ ଏପ୍ରିଲ ୨୦୨୬ରୁ ୩୧ ମାର୍ଚ୍ଚ ୨୦୨୮ ପର୍ଯ୍ୟନ୍ତ ବଳବତର ରହିବ।

ସଂଶୋଧିତ ହାର ଅନୁଯାୟୀ, ସ୍ୱ-ପୁନର୍ବସତି (ପୁନର୍ବସତି କଲୋନୀ ବାହାରେ) ପାଇଁ ସହାୟତା ୧,୧୩,୧୨୮ ଟଙ୍କାରୁ ବୃଦ୍ଧି ପାଇ ୧,୧୬,୫୫୦ ଟଙ୍କା କରାଯାଇଛି। ସେହିପରି ଘର ନିର୍ମାଣ ସହାୟତା ୩,୩୯,୩୮୩ ଟଙ୍କାରୁ ବୃଦ୍ଧି ପାଇ ୩,୪୯,୬୫୦ ଟଙ୍କା ହୋଇଛି। ଶିଳ୍ପ ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ପରିବାରଙ୍କୁ ନିଯୁକ୍ତି ବଦଳରେ ଏକକାଳୀନ ଆର୍ଥିକ ସହାୟତାରେ ମଧ୍ୟ ସଂଶୋଧନ କରାଯାଇଛି। ବର୍ଗ-୧ ପାଇଁ ଏହି ସହାୟତା ୧୧,୬୫,୫୦୦ ଟଙ୍କା, ବର୍ଗ-୨ ପାଇଁ ୬,୯୯,୩୦୦ ଟଙ୍କା, ବର୍ଗ-୩ ପାଇଁ ୪,୬୬,୨୦୦ ଟଙ୍କା ଏବଂ ବର୍ଗ-୪ ଓ ୫ ପାଇଁ ୨,୩୩,୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି।ସେହିପରି, ଖଣି ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ପରିବାରଙ୍କୁ ନିଯୁକ୍ତି ବଦଳରେ ଏକକାଳୀନ ଆର୍ଥିକ ସହାୟତା ମଧ୍ୟ ଏହି ସମାନ ହାରରେ ସଂଶୋଧିତ ହୋଇଛି କ୍ଷ ବର୍ଗ-୧ ପାଇଁ ୧୧,୬୫,୫୦୦ ଟଙ୍କା, ବର୍ଗ-୨ ପାଇଁ ୬,୯୯,୩୦୦ ଟଙ୍କା, ବର୍ଗ-୩ ପାଇଁ ୪,୬୬,୨୦୦ ଟଙ୍କା ଏବଂ ବର୍ଗ-୪, ୫ ଓ ୬ ପାଇଁ ୨,୩୩,୧୦୦ ଟଙ୍କା ସ୍ଥିରୀକୃତ ହୋଇଛି । କୃଷିଜମି ପାଇଁ ସହାୟତା କ୍ଷେତ୍ରରେ ଜଳସେଚିତ ଜମି ପିଛା ଏକର ପ୍ରତି ଅନୁଦାନ ୨,୨୬,୨୫୫ ଟଙ୍କାରୁ ବୃଦ୍ଧି ପାଇ ୨,୩୩,୧୦୦ ଟଙ୍କା ଏବଂ ଅଣଜଳସେଚିତ ଜମି ପିଛା ଏକର ପ୍ରତି ଅନୁଦାନ ୧,୧୩,୧୨୮ ଟଙ୍କାରୁ ବୃଦ୍ଧି ପାଇ ୧,୧୬,୫୫୦ ଟଙ୍କା କରାଯାଇଛି । ଏହାଛଡ଼ା, ରକ୍ଷଣାବେକ୍ଷଣ ଭତ୍ତା ମାସିକ ୪,୫୨୫ ଟଙ୍କାରୁ ବୃଦ୍ଧି ପାଇ ୪,୬୬୨ ଟଙ୍କା, ଅସ୍ଥାୟୀ ଶେଡ୍ ପାଇଁ ସହାୟତା ୨୨,୬୨୬ ଟଙ୍କାରୁ ବୃଦ୍ଧି ପାଇ ୨୩,୩୧୦ ଟଙ୍କା ଏବଂ ପରିବହନ ଭତ୍ତା ୪,୫୨୫ ଟଙ୍କାରୁ ବୃଦ୍ଧି ପାଇ ୪,୬୬୨ ଟଙ୍କା କରାଯାଇଛି। ଏହି ସଂଶୋଧିତ ହାରଗୁଡ଼ିକ ୧ ଏପ୍ରିଲ ୨୦୨୬ରୁ ଲାଗୁ ହୋଇ ୩୧ ମାର୍ଚ୍ଚ ୨୦୨୮ ପର୍ଯ୍ୟନ୍ତ ବଳବତର ରହିବ। ଏହି ସଂଶୋଧନ ପାଇଁ ଅର୍ଥ ବିଭାଗର ସହମତି ମିଳିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ସଂଶୋଧିତ ଅନୁଦାନ ହାର ସମ୍ପର୍କରେ ସମ୍ପୃକ୍ତ ସମସ୍ତ ବିଭାଗ, ରାଜସ୍ୱ ଡିଭିଜନାଲ କମିଶନର, ଜିଲ୍ଲାପାଳ, ରାଜସ୍ୱ କର୍ତ୍ତୃପକ୍ଷ ଏବଂ ଅନ୍ୟ ସମ୍ପୃକ୍ତ ସଂସ୍ଥାଙ୍କୁ ଅବଗତ କରାଯାଇଛି ।

## ପୂର୍ବତନ କନିଷ୍ଠ କିରାଣି ଦୋଷୀ ସାବ୍ୟସ୍ତ, ୨ ବର୍ଷ ସଶ୍ରମ କାରାଦଣ୍ଡ

ଭୁବନେଶ୍ବର,୨୮।୮(ମହାଭାରତ): କେନ୍ଦୁଝର ଜିଲ୍ଲା ଦ୍ୱପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ର ପୂର୍ବତନ କନିଷ୍ଠ କିରାଣି ଏବଂ ବର୍ତ୍ତମାନ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟରତ ସଂଗ୍ରାମ ପଟ୍ଟନାୟକଙ୍କୁ ଜିପିଏଫ୍ ଅର୍ଥ ହଡ଼ ଓ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି।

ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଦାୟର ମାମଲାରେ ପଟ୍ଟନାୟକଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ଧାରା ୧୩(୨) ସହ ୧୩(୧)(ସି)(ଡି) ଏବଂ ଭାରତୀୟ ଦଣ୍ଡ ସଂହିତାର ଧାରା ୪୦୯, ୪୭୭-ଏ, ୪୩୫ ଓ ୨୦୧ ଅନୁଯାୟୀ ଚାର୍ଜସିଟ୍ ଦାଖଲ ହୋଇଥିଲା।ଭିଜିଲାନ୍ସର ସୂଚନା ଅନୁଯାୟୀ, ୧୯୯୯ରୁ ୨୦୦୩ ମଧ୍ୟରେ ସ୍ୱାସ୍ଥ୍ୟକର୍ମୀମାନଙ୍କ ଦରମାରୁ କଟାଯାଇଥିବା ସାଧାରଣ ଭବିଷ୍ୟନିଧି (ଜିପିଏଫ୍) ରିଫଣ୍ଡ ଅର୍ଥ ମହାଲେଖାକାର (ଏଜି), ଓଡ଼ିଶା, ଭୁବନେଶ୍ୱରଙ୍କ ନିକଟରେ ଜମା କରାଯାଇନଥିଲା। ଏହି ଅର୍ଥର ଅନିୟମିତତା ଓ ହଡ଼ପ ନେଇ ଅଭିଯୋଗ ହୋଇଥିଲା।ମାମଲାର ଶୁଣାଣି ପରେ କେନ୍ଦୁଝରର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ସଂଗ୍ରାମ ପଟ୍ଟନାୟକଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନା ଦଣ୍ଡାଦେଶ ଦେଇଛନ୍ତି।ଦୋଷୀ ସାବ୍ୟସ୍ତ ହେବା ରେ ସଂଗ୍ରାମ ପଟ୍ଟନାୟକଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରିବା ପାଇଁ ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରସ୍ତାବ ଦିଆଯିବ ବୋଲି ଓଡ଼ିଶା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହାପରେ ବିଭାଗୀୟ ସ୍ତରରେ ଆବଶ୍ୟକ ପଦକ୍ଷେ ନିଆଯିବ।

# ଜୀବିକାର ଲଢେଇ ହେଉ

ଏକ ଗାଡ଼ିର ଷ୍ଟିୟରିଂ ଧରି ଜଣେ ଚାଳକ ପ୍ରତିଦିନ ସକାଳୁ ଘରୁ ବାହାରନ୍ତି, କାରଣ ତାଙ୍କ ହାତରେ କେବଳ ଗାଡ଼ିର ଷ୍ଟିୟରିଂ ନୁହେଁ, ତାଙ୍କ ପରିବାରର ଭବିଷ୍ୟତ ମଧ୍ୟ ରହିଥାଏ। ସେହି ଗାଡ଼ିର ଚକ ଘୂରିଲେ ଘରେ ଚୁଲି ଜଳେ, ପିଲାର ପାଠପଢ଼ା ଚାଲେ, ବୃଦ୍ଧ ବାପାମାଆଙ୍କ ଔଷଧ ଆସେ, ଘରଭଡ଼ା ଦିଆଯାଏ ଓ ଜୀବନ ଆଗକୁ ବଢେ। ଅନଲାଇନ୍ ଟ୍ୟାକ୍ସି ଚାଳକଙ୍କ ଜୀବନର ଏହି ସତ୍ୟକୁ ଆମେ ଅଣଦେଖା କରିପାରିବା ନାହିଁ। ତାଙ୍କ ଦାବି ନ୍ୟାୟସଙ୍ଗତ ହୋଇପାରେ, ତାଙ୍କ ଆୟ ନେଇ ଚିନ୍ତା ଯଥାର୍ଥ ହୋଇପାରେ, ତାଙ୍କ ପରିବାରର ଭବିଷ୍ୟତ ନେଇ ଆଶଙ୍କା ସ୍ୱାଭାବିକ ହୋଇପାରେ। ଏକ ଶ୍ରମଜୀବୀ ମଣିଷ ନିଜ ଜୀବିକା ପାଇଁ ସ୍ୱର ଉଠାଇବେ—ଏହା ତାଙ୍କ ଅଧିକାର। କିନ୍ତୁ ସେହି ଅଧିକାରର ସୀମା ଯେଉଁଠାରେ ଅନ୍ୟ ନାଗରିକଙ୍କ ଅଧିକାର, ଆଇନ ଓ ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା ସହ ମିଶିଯାଏ, ସେଠାରେ ଆମକୁ ଏକ କଠୋର କିନ୍ତୁ ମାନବୀୟ ପ୍ରଶ୍ନ ପଚାରିବାକୁ ହେବ—ଜୀବିକାର ଅଧିକାର ପାଇଁ କି ସର୍ବସାଧାରଣଙ୍କ ସମ୍ପତ୍ତି ନଷ୍ଟ କରିବା ଗ୍ରହଣୀୟ? ଉତ୍ତର ସ୍ପଷ୍ଟ—ନା। ଆମେ କୌଣସି ଦାବିର ନ୍ୟାୟସଙ୍ଗତତାକୁ ସମର୍ଥନ କରିପାରିବା, କିନ୍ତୁ ହିଂସାକୁ ସମର୍ଥନ କରିପାରିବା ନାହିଁ। ଆମେ ଜଣେ ଚାଳକଙ୍କ ଘରର ଚୁଲି ଜଳିବାକୁ ଚାହୁଁ, କିନ୍ତୁ ସେଥିପାଇଁ ଅନ୍ୟ ଜଣେ ନାଗରିକଙ୍କ ଅଧିକାର ଜଳିଯାଉ—ଏହା କେବେ ଚାହିଁପାରିବା ନାହିଁ। ଗତ ୧୯ ତାରିଖରେ ଅନଲାଇନ୍ ଟ୍ୟାକ୍ସି ସଂଘର ଆନ୍ଦୋଳନ ସମୟରେ ସର୍ବସାଧାରଣ ସମ୍ପତ୍ତି ଓ ପୁଲିସ ସମ୍ପତ୍ତିକୁ କ୍ଷତି ପହଞ୍ଚିଥିବା ଅଭିଯୋଗ ଆମ ସମାଜ ପାଇଁ ଗଭୀର ଚିନ୍ତାର ବିଷୟ। ଏଠାରେ ପ୍ରଥମେ ଏକ କଥା ସ୍ପଷ୍ଟ କରିବା ଦରକାର—ଆନ୍ଦୋଳନ କରିବା ଅପରାଧ ନୁହେଁ, ନିଜ ଦାବି ରଖିବା ଅପରାଧ ନୁହେଁ, ପ୍ରଶାସନକୁ ଦାବିପତ୍ର ଦେବା ଅପରାଧ ନୁହେଁ, ନ୍ୟାୟ ଦାବି କରିବା ମଧ୍ୟ ଅପରାଧ ନୁହେଁ; କିନ୍ତୁ ହିଂସା, ଭଙ୍ଗାରୁଜା, ଲୋକଙ୍କ ସମ୍ପତ୍ତି ନଷ୍ଟ, ପୁଲିସ କିମ୍ବା ସରକାରୀ ସମ୍ପତ୍ତିକୁ କ୍ଷତି ଓ ସାଧାରଣ ଜୀବନକୁ ବିପର୍ଯ୍ୟସ୍ତ କରିବା କୌଣସି ଗଣତାନ୍ତ୍ରିକ ଆନ୍ଦୋଳନର ଗୌରବ ହୋଇପାରେ ନାହିଁ। ଯେଉଁ ସମ୍ପତ୍ତିକୁ ଆମେ ରାସ୍ତାରେ ଦେଖୁଛୁ, ତାହା କୌଣସି ଏକ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସମ୍ପତ୍ତି ନୁହେଁ, କୌଣସି ଏକ ଦଳର ସମ୍ପତ୍ତି ନୁହେଁ, କୌଣସି ଏକ ଅଧିକାରୀଙ୍କ ବ୍ୟକ୍ତିଗତ ସମ୍ପତ୍ତି ମଧ୍ୟ ନୁହେଁ। ଏହା ଲୋକଙ୍କ ଟଙ୍କାରେ ତିଆରି ହୋଇଥିବା ଲୋକଙ୍କ ସମ୍ପତ୍ତି। ଏକ ପୁଲିସ ଗାଡ଼ି କ୍ଷତିଗ୍ରସ୍ତ ହେଲେ ତାହାର ମରାମତି ପାଇଁ ଯେଉଁ ଟଙ୍କା ଖର୍ଚ୍ଚ ହୁଏ, ସେହି ଟଙ୍କା ମଧ୍ୟ ଶେଷରେ ଜନସାଧାରଣଙ୍କର। ଏକ ସରକାରୀ ବସ୍ ଭାଙ୍ଗିଲେ, ଏକ ରାସ୍ତାର ଭିତ୍ତିଭୂମି ନଷ୍ଟ ହେଲେ, ଏକ ସରକାରୀ ଯାନ କ୍ଷତିଗ୍ରସ୍ତ ହେଲେ କ୍ଷତି କେବଳ ସରକାରର ହୁଏ ନାହିଁ; କ୍ଷତି ହୁଏ ସାଧାରଣ ଲୋକଙ୍କର। ଏହି ସରଳ ସତ୍ୟଟି ଆମେ ଭୁଲିଯିବା ଉଚିତ ନୁହେଁ। ଆଉ ଏକ ସତ୍ୟକୁ ମଧ୍ୟ ଭୁଲିବା ଯିବ ନାହିଁ—ପ୍ରତ୍ୟେକ ଆନ୍ଦୋଳନକାରୀ ଅପରାଧୀ ନୁହନ୍ତି। ଅଧିକାଂଶ ଶ୍ରମଜୀବୀ ଲୋକ ନିଜ ପରିବାରର ଭାତ ପାଇଁ, ନିଜ ରୋଜଗାରର ସୁରକ୍ଷା ପାଇଁ, ନିଜ ପେଶାର ସମ୍ମାନ ପାଇଁ ରାସ୍ତାକୁ ଆସନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ ଗାଡ଼ି ହେଉଛି ସମ୍ପତ୍ତି ନୁହେଁ, ଜୀବନର ଏକମାତ୍ର ଆଶ୍ରୟ। କେହି ବ୍ୟାଙ୍କରୁ ଋଣ ନେଇ ଗାଡ଼ି କିଣିଥାଇପାରନ୍ତି, କେହି ଗାଡ଼ି ଭଡ଼ାରେ ନେଇ ଚଳାଇଥାଇପାରନ୍ତି, କେହି ପରିବାରର ଏକମାତ୍ର ଉପାର୍ଜନକାରୀ ହୋଇଥାଇପାରନ୍ତି। ତେଣୁ ତାଙ୍କ ଜୀବିକାର ପ୍ରଶ୍ନକୁ ହାସ୍ୟାସ୍ପଦ କରିବା, ଅଣଦେଖା କରିବା କିମ୍ବା ତାଙ୍କ ସମସ୍ୟାକୁ କେବଳ ଆଇନଶୃଙ୍ଖଳାର ଚଶ୍ମାରେ ଦେଖିବା ମଧ୍ୟ ନ୍ୟାୟସଙ୍ଗତ ନୁହେଁ। ଜଣେ ଚାଳକ ଯଦି କହନ୍ତି, "ମୋ ଆୟ କମୁଛି, ମୋ ପରିବାର ଚାଲୁନାହିଁ, ମୋର ପିଲାର ପଢ଼ା ଖର୍ଚ୍ଚ ଦେବା କଷ୍ଟକର ହେଉଛି"—ତାଙ୍କ ଯନ୍ତ୍ରଣାକୁ ଶୁଣିବା ଦରକାର। ତାଙ୍କ କଥାର ଉତ୍ତର ଲାଠି ନୁହେଁ, ସଂଳାପ ହେବା ଦରକାର। ତାଙ୍କ ଅଭିଯୋଗର ଉତ୍ତର ଅବହେଳା ନୁହେଁ, ନୀତିଗତ ଆଲୋଚନା ହେବା ଦରକାର। କିନ୍ତୁ ଏହି ସମ୍ବେଦନଶୀଳତାର ଅର୍ଥ ହିଂସାକୁ ଛାଡ଼ ଦେବା ନୁହେଁ। ବରଂ ସତ୍ୟ ହେଉଛି—ହିଂସା ସବୁଠାରୁ ପ୍ରଥମେ ଗରିବ ଓ ଶ୍ରମଜୀବୀଙ୍କ ହିଁ କ୍ଷତି କରେ। ଏକ ଦିନର ଉତ୍ତ?ଜନା ଯଦି ଜଣେ ଚାଳକଙ୍କ ଗାଡ଼ିକୁ ଜବତ, ନଷ୍ଟ କିମ୍ବା ଆଇନଗତ ମାମଲାରେ ଜଡ଼ାଇ ଦିଏ, ତେବେ ତାଙ୍କ ଘରର ଆୟ ହିଁ ପ୍ରଥମେ ବନ୍ଦ ହେବ। ତାଙ୍କ ପିଲା ପଚାରିବ—ବାପା ଆଜି ଘରେ କାହିଁକି? ସେହି ପିଲାକୁ ଆମେ କ'ଣ ଉତ୍ତର ଦେବୁ? ଏକ ଦାବି ପାଇଁ ରାସ୍ତାକୁ ଆସିଥିବା ଜଣେ ପରିବାରର ଭବିଷ୍ୟତ ଯଦି ହିଂସାର ମୂଲ୍ୟ ଦେଇ ଅନିଶ୍ଚିତ ହୋଇଯାଏ, ତେବେ ସେହି ଆନ୍ଦୋଳନ କାହା ପାଇଁ ଏବଂ କାହା ବିରୋଧରେ? ଆନ୍ଦୋଳନର ଲକ୍ଷ୍ୟ ହେଉଛି ଦାବିକୁ ଶୁଣାଇବା; ଦାବିକାରୀଙ୍କ ଭବିଷ୍ୟତକୁ ନଷ୍ଟ କରିବା ନୁହେଁ। ତେଣୁ ଅନଲାଇନ୍ ଟ୍ୟାକ୍ସି ଚାଳକ ସଂଘର ନେତୃତ୍ୱକୁ ମଧ୍ୟ ଆତ୍ମମନ୍ଥନ କରିବାର ସମୟ ଆସିଛି। ନିଜ ସଦସ୍ୟମାନଙ୍କୁ କହିବାକୁ ହେବ—ଆପଣମାନଙ୍କ ଦାବି ଯଦି ନ୍ୟାୟସଙ୍ଗତ, ତେବେ ତାହାକୁ ଶକ୍ତିଶାଳୀ ତଥ୍ୟ, ଯୁକ୍ତି ଓ ଏକତାରେ ରଖନ୍ତୁ; ପଥରରେ ନୁହେଁ, ଶବ୍ଦରେ ଲଢ଼ନ୍ତୁ; ଭଙ୍ଗାରୁଜାରେ ନୁହେଁ, ଆଇନର ରାସ୍ତାରେ ଲଢ଼ନ୍ତୁ; ଭୟ ସୃଷ୍ଟି କରି ନୁହେଁ, ଜନମତ ଗଢ଼ି ଲଢ଼ନ୍ତୁ। ଗଣତନ୍ତ୍ରରେ ଦାବି ରଖିବା ପାଇଁ ଅନେକ ଶାନ୍ତିପୂର୍ଣ୍ଣ ମାଧ୍ୟମ ଅଛି—ଦାବିପତ୍ର, ଆଲୋଚନା, ପ୍ରତିନିଧିମଣ୍ଡଳ, ନିର୍ଦ୍ଦିଷ୍ଟ ଅନୁମତି ସହ ଶାନ୍ତିପୂର୍ଣ୍ଣ ଧାରଣା, ଆଇନଗତ ପଦକ୍ଷେପ ଓ ଲୋକତାନ୍ତ୍ରିକ ମତବିନିମୟ। ଯେଉଁ ସଂଘ ନିଜ ସଦସ୍ୟମାନଙ୍କୁ ଶୃଙ୍ଖଳାରେ ରଖିପାରେ, ସେହି ସଂଘ ହିଁ ଦୀର୍ଘକାଳରେ ସମ୍ମାନ ପାଏ। ଆନ୍ଦୋଳନକାରୀମାନେ ମଧ୍ୟ ମନେ ରଖିବା ଦରକାର—ପୁଲିସ ଆପଣଙ୍କ ଶତ୍ରୁ ନୁହେଁ। ପୁଲିସର କାମ ହେଉଛି ଆଇନଶୃଙ୍ଖଳା ରକ୍ଷା କରିବା, ସାଧାରଣ ଲୋକଙ୍କ ସୁରକ୍ଷା ଦେବା ଓ ସମସ୍ତଙ୍କ ଅଧିକାରକୁ ସୁରକ୍ଷିତ ରଖିବା। ଆନ୍ଦୋଳନ ସମୟରେ ଯଦି ପୁଲିସ ଉପରେ ଆକ୍ରମଣ ହୁଏ, ତେବେ ଏହା କେବଳ ଜଣେ କର୍ମଚାରୀ ଉପରେ ଆକ୍ରମଣ ନୁହେଁ; ଏହା ଆଇନର ପ୍ରତିନିଧିତ୍ୱ କରୁଥିବା ବ୍ୟବସ୍ଥା ଉପରେ ଆକ୍ରମଣ। ସେହିପରି ଆଇନଶୃଙ୍ଖଳା ବାହିନୀର ମଧ୍ୟ ଦାୟିତ୍ୱ ରହିଛି—ପ୍ରତ୍ୟେକ ଆନ୍ଦୋଳନକାରୀଙ୍କୁ ଅପରାଧୀ ଭାବେ ନ ଦେଖି, ଶାନ୍ତିପୂର୍ଣ୍ଣ ଦାବି ଓ ହିଂସ୍ର କାର୍ଯ୍ୟ ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ କରିବା। ଆଇନ ତାହାର କାମ କରିବ, କିନ୍ତୁ ଆଇନର ପ୍ରୟୋଗ ମଧ୍ୟ ନ୍ୟାୟସଙ୍ଗତ, ନିଷ୍ପକ୍ଷ ଓ ପ୍ରମାଣଭିତ୍ତିକ ହେବା ଦରକାର। ଯିଏ ସର୍ବସାଧାରଣ ସମ୍ପତ୍ତି ନଷ୍ଟ କରିଛି, ଯିଏ ହିଂସା କରିଛି, ତାଙ୍କ ବିରୋଧରେ ଆଇନ ଅନୁସାରେ ପଦକ୍ଷେପ ନିଆଯିବା ଦରକାର; କିନ୍ତୁ ଯିଏ ଶାନ୍ତିପୂର୍ଣ୍ଣ ଭାବେ ନିଜ ଦାବି ରଖିଛି, ତାଙ୍କୁ ସେହି ହିଂସାର ଦୋଷରେ ଦୋଷୀ କରିବା ମଧ୍ୟ ଠିକ୍ ନୁହେଁ। ଏହି ସନ୍ତୁଳନ ହିଁ ଗଣତନ୍ତ୍ରର ପରିଚୟ। ସରକାରଙ୍କ ଭୂମିକା ମଧ୍ୟ ଏଠାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଚାଳକମାନଙ୍କ ଭାଡ଼ା, କମିଶନ, କାର୍ଯ୍ୟସମୟ, ବୀମା, ଋଣ, ଯାତ୍ରୀ ସୁରକ୍ଷା, ପ୍ଲାଟଫର୍ମ କମ୍ପାନୀର ନୀତି କିମ୍ବା ଅନ୍ୟ କୌଣସି ଯଥାର୍ଥ ସମସ୍ୟା ରହିଛି, ତେବେ ସେଗୁଡ଼ିକୁ ନେଇ ନିୟମିତ ସଂଳାପର ଏକ ସ୍ଥାୟୀ ବ୍ୟବସ୍ଥା ହେବା ଦରକାର। ଆନ୍ଦୋଳନ ହେଲେ ମାତ୍ର ସରକାର ଶୁଣିବେ—ଏପରି ପରିସ୍ଥିତି ମଧ୍ୟ ଗଣତନ୍ତ୍ର ପାଇଁ ସୁସ୍ଥ ନୁହେଁ। ଚାଳକ, ଯାତ୍ରୀ, ପ୍ଲାଟଫର୍ମ, ପୁଲିସ, ପରିବହନ ବିଭାଗ ଓ ସରକାର—ସମସ୍ତ ପକ୍ଷ ଏକାଠି ବସି ନିୟମିତ ଆଲୋଚନା କଲେ ଅନେକ ବିବାଦ ରାସ୍ତାକୁ ଆସିବା ପୂର୍ବରୁ ସମାଧାନ ହୋଇପାରିବ। ଏଠାରେ ଆମ ସମାଜର ମଧ୍ୟ ଏକ ଦାୟିତ୍ୱ ରହିଛି। ଆମେ ଯେତେବେଳେ ଅନଲାଇନ୍ ଟ୍ୟାକ୍ସି ବ୍ୟବହାର କରୁଛୁ, ସେତେବେଳେ ଗାଡ଼ି ଚଳାଉଥିବା ମଣିଷଟିଙ୍କୁ କେବଳ "ଡ୍ରାଇଭର" ଭାବେ ନୁହେଁ, ଜଣେ ଶ୍ରମଜୀବୀ ମଣିଷ ଭାବେ ଦେଖିବା ଦରକାର। ସେ ମଧ୍ୟ ଆମ ପରି ଜଣେ ପିତା, ଜଣେ ପୁଅ, ଜଣେ ସ୍ୱାମୀ, ଜଣେ ଭାଇ କିମ୍ବା ଜଣେ ପରିବାରର ଭରସା। ସେ ଯେତେବେଳେ ଦୀର୍ଘ ସମୟ ଗାଡ଼ି ଚଳାନ୍ତି, ତାଙ୍କ ଶରୀର ଓ ମନ ଉପରେ ମଧ୍ୟ ଚାପ ପଡ଼?। ତାଙ୍କ ଆୟର ନ୍ୟାୟସଙ୍ଗତତା, କାର୍ଯ୍ୟସ୍ଥଳର ସୁରକ୍ଷା ଓ ମାନବୀୟ ସମ୍ମାନ ନେଇ ଚିନ୍ତା କରିବା ଦରକାର। କିନ୍ତୁ ଏହି ସମ୍ମାନର ଅର୍ଥ ଏହା ନୁହେଁ ଯେ ତାଙ୍କ ପକ୍ଷରୁ ଆଇନ ଭଙ୍ଗ ହେଲେ ତାହାକୁ ମଧ୍ୟ ନ୍ୟାୟସଙ୍ଗତ କୁହାଯିବ। ଅଧିକାର ଓ ଦାୟିତ୍ୱ ଏକାସାଙ୍ଗେ ଚାଲେ। ଆମେ ଯଦି ନିଜ ଅଧିକାର ଚାହୁଁ, ତେବେ ଅନ୍ୟର ଅଧିକାରକୁ ମଧ୍ୟ ସମ୍ମାନ କରିବାକୁ ହେବ। ଏହା ଗଣତନ୍ତ୍ରର ସର୍ବନିମ୍ନ ଶିକ୍ଷା। ଆଜିର ପିଢ଼ିକୁ ମଧ୍ୟ ଆମେ ଏହି ବାର୍ତ୍ତା ଦେବା ଦରକାର—କ୍ରୋଧ ସ୍ୱାଭାବିକ, କିନ୍ତୁ କ୍ରୋଧର ନାମ ହିଂସା ନୁହେଁ। ଅସନ୍ତୋଷ ସ୍ୱାଭାବିକ, କିନ୍ତୁ ଅସନ୍ତୋଷର ନାମ ଭଙ୍ଗାରୁଜା ନୁହେଁ। ଦାବି ରଖିବା ସ୍ୱାଭାବିକ, କିନ୍ତୁ ଦାବିର ନାମ ଅନ୍ୟ ନାଗରିକଙ୍କ ଜୀବନକୁ ବନ୍ଦୀ କରିବା ନୁହେଁ। ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତି ହେଉଛି—ଆମେ ଅସହମତ ହୋଇପାରୁ, କିନ୍ତୁ ଏକାପରକୁ ଶତ୍ରୁ କରିବା ଦରକାର ନାହିଁ।

# ଶ୍ରୀଜଗନ୍ନାଥଙ୍କ ଝୁଲଣ ଯାତ୍ରା ଓ ଶ୍ରାବଣ ପୂର୍ଣ୍ଣିମା

ନିହାରଞ୍ଜନ ଦାସ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରଧାନ ଦ୍ୱାଦଶ ଯାତ୍ରାର ଅନ୍ତର୍ଭୁକ୍ତ ନହେଲେ ମଧ୍ୟ ଶ୍ରାବଣ ମାସର ଝୁଲଣ ଯାତ୍ରା ଏବଂ ବଳଭଦ୍ର ଜନ୍ମୋତ୍ସବ ଏକ ପ୍ରଧାନ ଉତ୍ସବ । ଏହା ୨୭ ଉପଯାତ୍ରା ମଧ୍ୟରୁ ଗୋଟିଏ ଯାତ୍ରା । ଏହି ଯାତ୍ରା ଶ୍ରାବଣ ମାସ ଶୁକ୍ଳ ପକ୍ଷ ଦଶମୀ ଠାରୁ ଭାଦ୍ରବ ମାସ କୃଷ୍ଣ ପ୍ରତିପଦା ଯାଏଁ ସାତ ଦିନ ଧରି ପାଳିତ ହୋଇଥାଏ ।

ଜୟ ଜୟ ଜଗନ୍ନାଥ ଦୂରିତ ହର
ନ ଜାଣନ୍ତି ତୁମ୍ଭ ଚାରୁ ଚରିତ ହର
କଳିତ କର ରଥାଙ୍ଗ ପଦ ଅମ୍ବୁଜ
ଶ୍ରୀମୁଖ କାନ୍ତି ନିନ୍ଦିତ ଜମ୍ବୁ ଅମ୍ବୁଜ

ଯାହାଙ୍କ ଲୀଳା ମାଧୁରୀକୁ ସ୍ୱୟଂ ହର, ବ୍ରହ୍ମା ଇନ୍ଦ୍ର ଭେଦି ପାରି ନାହାଁନ୍ତି, ଛାର ମନୁଷ୍ୟ ତାହା ବୁଝିବେ କିପରି? କେବଳ ତାଙ୍କରି ସହ ଯୋଡ଼ି ହେଇ ଆନନ୍ଦରେ ବଞ୍ଚିବାର ପ୍ରୟାସ କ୍ଷ ଯାହା କଲେ ପ୍ରଭୁ ଖୁସି ହେବେ ଜୀବ ତାହା ହିଁ କରିଚାଲେ ।

ନିତ୍ୟୋତ୍ସବ ନିତ୍ୟ ସୌଖ୍ୟ
ନିତ୍ୟ ଶ୍ରୀ ନିତ୍ୟ ମଙ୍ଗଳ

ସବୁଦିନ ସେଇଥିପାଇଁ ମହାପ୍ରଭୂଙ୍କର ବିଭିନ୍ନ ଯାତ୍ରା, ବିଭିନ୍ନ ବେଶ ଓ ବିଭିନ୍ନ ପର୍ବ ପର୍ବାଣୀ ।

ନିଳାଦ୍ରୀ ମହୋଦୟଙ୍କ ବର୍ଣ୍ଣନା ଅନୁସାରେ ଶ୍ରାବଣ ମାସରେ ଅମାବାସ୍ୟା ଦିନ ବିଶ୍ୱାବସୁ ଓ ବିଦ୍ୟାପତି ବଂଶଜ ସେବକମାନେ ସ୍ୱର୍ଣ୍ଣ ନିର୍ମିତ ଅଳଙ୍କାର (ସୁନା ଚିତା) ମହାପ୍ରଭୁଙ୍କୁ ଲାଗି କରିଥାନ୍ତି । ତା ପରେ ପ୍ରଭୁଙ୍କ ପୂର୍ଣ୍ଣିମା ପୂଜାବିଧିର ବର୍ଣ୍ଣନା ଆସେ କ୍ଷ ଶ୍ରୀଚୈତନ୍ୟ ତଥା ଗୌଡ଼ୀୟ ସମ୍ପ୍ରଦାୟର ରାଧାକୃଷ୍ଣ ହେଉଛନ୍ତି ଉପାସ୍ୟ । ସେଥିପାଇଁ ଶ୍ରୀକୃଷ୍ଣ ଗୋପରେ ଥିବା ବେଳେ କରିଥିବା ରାସକୁ ସେମାନେ ଶ୍ରୀମନ୍ଦିରରେ ପ୍ରଚଳନ କରିଛନ୍ତି ।ଗୌଡ଼ୀୟମାନଙ୍କ ପ୍ରଭାବ ସମ୍ପର୍କରେ ଏହି ଯାତ୍ରା ସୂଚନା ଦେଉଛି ।

ଏହି ଯାତ୍ରାରେ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ଝୁଲଣକୁଞ୍ଜରେ ପରିଣତ ହୋଇଥାଏ । ବିଭିନ୍ନ ପଶୁପକ୍ଷୀ, ଜୀବଜନ୍ତୁଙ୍କ ପ୍ରତିକୃତିରେ ସୁସଜ୍ଜିତ ହୋଇଛି ଏହି ଝୁଲଣକୁଞ୍ଜ। ଶ୍ରୀ ମହାପ୍ରଭୁ ଙ୍କ ଆଜ୍ଞା ପାଇ ମଦନମୋହନ, ଶ୍ରୀ ଦେବୀ ଓ ଭୂଦେବୀ ଝୁଲଣରେ ବିଜେ ହୋଇ ଝୁଲଣକୁଞ୍ଜରେ ସଖୀ, ସହଚରୀଙ୍କ ସହ ଦୋଳି ଖେଳିଥାନ୍ତି।

ପରମ୍ପରା ଅନୁଯାୟୀ, ଶ୍ରାବଣ ଶୁକ୍ଳ ଦଶମୀ ଦିନ ମଧ୍ୟାହ୍ନ ଧୂପ ପରେ ମଇଲମ ହେବାପରେ ପାଳିଆ ମେକାପ ଘଟୁଆରୀ ନେଇଥିବା ଭଣ୍ଡାର ଘରର ତିନିଟି ରୂପା ସରାରେ ଚନ୍ଦନ ନେଇ ପାଳିଆ ପୁଷ୍ପାଳକଙ୍କୁ ଦିଅନ୍ତି କ୍ଷ ପୁଷ୍ପାଳକ ମାନେ ତିନି ଠାକୁରଙ୍କୁ ସର୍ବାଙ୍ଗ ଲାଗିକରି ବେଶ ବଢାନ୍ତି କ୍ଷ ଏହି ବେଶ ପାଇଁ ଭଣ୍ଡାର ମେକାପ ଅଳଙ୍କାର ଯୋଗାଇ ଥାଆନ୍ତି। ମନ୍ଦିର କୋଠରୁ ମାଣ୍ଡୁଅ ଓ ଅନ୍ୟାନ୍ୟ ଜିନିଷ ମାନ ଯୋଗା ଯାଇଥାଏ।ଏହି ନୀତି ପାଇଁ ପ୍ରାୟ ୧୫ ରୁ ଉର୍ଦ୍ଧରେ ସେବକଙ୍କର ଆବଶ୍ୟକତା ପଡିଥାଏ। ପୁରାଣ ବର୍ଣ୍ଣିତ କଥା ଅନୁଯାୟୀ, ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ବୃନ୍ଦାବନରେ ବାସ କରୁଥିଲେ। ବର୍ଷାକାଳରେ ଗୋପାଙ୍ଗନାମାନେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କୁ ଯମୁନା କୁଞ୍ଜରେ ଦୋଳିରେ ବସାଇ ଝୁଲାଉଥିଲେ। ଏଥିରେ କେବଳ ରାଧା-କୃଷ୍ଣ ନୁହନ୍ତି, ଗୋପାଙ୍ଗନାମାନେ ମଧ୍ୟ ଆନନ୍ଦ ପାଉଥିଲେ। ବର୍ଷାକାଳରେ ହେଉଥିବା ଏହି ରାସକୁ ପ୍ରାବୃତରାସ ବୋଲି କୁହାଯାଇଥାଏ। ଏହି ରାସର ସ୍ମରଣରେ କାହିଁ କେଉଁ କାଳରୁ ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ପାଳିତ ହୋଇ ଆସୁଛି।

ଝୁଲଣର ପ୍ରଥମ ଦିନ ମଧ୍ୟାହ୍ନ ଧୂପ ବଢ଼ିବା ପରେ ଭିତର ଗମ୍ଭୀରରେ ପାଣି ପଡି ଧୁଆ ଯିବା ପରେ ଖୁଣ୍ଟିଆ ପୁଷ୍ପାଳକ ଙ୍କୁ ଡାକିଥାନ୍ତି। ଏହି ସମୟରେ ଗରାବଡୁ ସେବକଙ୍କ ଠାରୁ ହାତୁଆଣି ନେଇ ପୁଷ୍ପାଳକ ସେବକମାନେ ଶ୍ରୀ ଜୀଉମାନ ଙ୍କ ମଇଲମ କରିଥାନ୍ତି । ପାଳିଆ ମେକାପ ତିନୋଟି ରୂପା ଗିନାରେ ଘଟୁଆରୀ ସେବକ ଦେଇଥିବା ଚନ୍ଦନ କୁ ନେଇ ପାଳିଆ ପୁଷ୍ପାଳକଙ୍କୁ ବଢ଼ାଇଥାନ୍ତି। ତିନି ବାଡ଼ରେ ସର୍ବାଙ୍ଗ ଚନ୍ଦନ ଲାଗି କଲାପରେ ଶ୍ରୀଜୀଉମାନଙ୍କ ବେଶ ବଢିଥାଏ। ଏହି ଦିନ ଏହି ସମୟରେ ସେବକମାନେ ରତ୍ନସିଂହାସନରୁ ଶ୍ରୀଦେବୀ ଓ ଭୂଦେବୀ ଙ୍କୁ ଦକ୍ଷିଣୀ ଘର ପ୍ରାଙ୍ଗଣ ରେ ଖଟଶେଜ ମେକାପ ପକାଇଥିବା ଶେଜ ଉପରେ ବିଜେ କରାନ୍ତି ଓ ଦକ୍ଷିଣୀ ଘରୁ ମଦନମୋହନଙ୍କୁ ଆଣି ଏହାଙ୍କ ବିଜେ କରାନ୍ତି। ଏହିଠାରେ ୩ଦିଅଁଙ୍କ ବେଶ ମହାଜନ ସେବାୟତ କରିଥାନ୍ତି। ଏହାପରେ ପୂଜାପଣ୍ଡା ସେବକ ତିନି ଗୋଟି ସରା ରେ ତିନି ଗୋଟି ମାଣ୍ଡୁଅ ସର୍ପାମଣୋହି ପୂର୍ବକ ଭୋଗ କରିଥାନ୍ତି। ଏହାପରେ ଦକ୍ଷିଣୀ ଘରେ ବିରାଜିତ ସମସ୍ତ ଚଳନ୍ତି ପ୍ରତିମାଙ୍କ ଭୋଗ ହୋଇଥାଏ। ତତ୍ପରେ ଛାମୁ ଦିହୁଡ଼ି ସହ ଶ୍ରୀଦେବୀ , ଭୂଦେବୀ ଓ ମଦନମୋହନ ରତ୍ନସିଂହାସନ ବିଜେ କରିଥାନ୍ତି ସେଠାରେ ପୁଷ୍ପାଳକ ସେବକମାନେ ତିନି ବାଡ଼ରେ କର୍ପୁର ଲାଗି କରିବା ପରେ ସିଂହାସନ ରୁ ଓହ୍ଲାଇ ତିନି ବାଡରେ ସାନ୍ଧ୍ୟ ଆଳତି କରିଥାନ୍ତି। ଏହାପରେ ଜନୈକ ପୂଜାପଣ୍ଡା ସେବକ ହାତୁଆଣି ନେଇ ମହାପ୍ରଭୁଙ୍କ ଦକ୍ଷିଣ ଭୁଜରୁ ଆଜ୍ଞାମାଳ ନେଇ ଶ୍ରୀ ମଦନମୋହନଙ୍କୁ ଓ ଉତ୍ତର ଭୁଜର ଦୁଇ ଆଜ୍ଞାମାଳ ଭୂଦେବୀ ଓ ଶ୍ରୀଦେବୀ ଙ୍କୁ ଲାଗି କରିଥାନ୍ତି। ତତ୍ପରେ ଛାମୁ ଦିହୁଡ଼ି ସହ ମହାଜନ ସେବକମାନେ ତିନି ଚଳନ୍ତି ପ୍ରତିମାଙ୍କୁ ହସ୍ତରେ ବିଜେ କରାଇ ଜଗମୋହନ , ବଟ ଦ୍ୱାର ଦେଇ ଝୁଲଣ ମଣ୍ଡପ ଦୋଳି ଉପରେ ବିଜେ କରାନ୍ତି। ଏଠାରେ ବିଡ଼ିଆ ମଣୋହି ହୋଇଥାଏ। ଭିତରେ ସନ୍ଧ୍ୟାଧୂପ ବଢ଼ିବା ପରେ ଝୁଲଣ ମଣ୍ଡପରେ ସୁଦୁ ସୁଆର ପାଣି ପକାଇବା ପରେ ଆସ୍ଥାନ ପ୍ରତିହାରୀ ଟେରା ବାନ୍ଧି ଶୀତଳ ଭୋଗ ପୂଜା ଠା କରିଥାନ୍ତି । ତତ୍ପରେ ପାଳିଆ ପୂଜାପଣ୍ଡା ଆସି ପଞ୍ଚ ଉପଚାର ରେ ପୂଜା କରିଥାନ୍ତି। ଭୋଗ ଶେଷ ହେବା ପରେ ମୁଦିରସ୍ତ ବନ୍ଦାପନା ନୀତି ବଢ଼ାଇଥାନ୍ତି।

ରତ୍ନସିଂହାସନରେ ଶ୍ରୀଜୀଉ ଙ୍କ ଚନ୍ଦନ ଲାଗି ନୀତି ସରିବା ପରେ ଝୁଲଣ କୁଞ୍ଜରେ ମହାଜନ ମାନେ ମଇଲମ କରି ଶ୍ରୀ ମଦନମୋହନ ଙ୍କୁ ଦକ୍ଷିଣୀ ଘର ଓ ଶ୍ରୀଦେବୀ , ଭୂଦେବୀ ଙ୍କୁ ରତ୍ନସିଂହାସନ ବିଜେ କରାଇଥାନ୍ତି। ଏହିପରି ଭାବେ ୭ ଦିନ ବ୍ୟାପି ଝୁଲଣ ଯାତ୍ରା ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଥାଏକ୍ଷ

ଅନ୍ତିମ ଦିବସ ବା ପୂର୍ଣ୍ଣିମା ଦିନ ବଳଭଦ୍ରଙ୍କ ଜନ୍ମ ଉତ୍ସବ ଅନୁଷ୍ଠିତ ହୁଏ କ୍ଷ ଏହିଦିନ ଗୋମାତାଙ୍କ ପୂଜା ମଧ୍ୟ ହୁଏ । କିମ୍ବଦନ୍ତୀ ଅନୁସାରେ କୃତ୍ତିକା ଗାଈର ଜ୍ୟେଷ୍ଠ କନ୍ୟା ରୋହିଣୀ ଥରେ ଯମୁନାରେ ଜଳପାନ କରୁଥିଲା ବେଳେ ଜଳରେ ଏକ ଶୁଦ୍ଧ ସ୍ଫଟିକ ବର୍ଣ୍ଣର ଏକ ଭାସମାନ ବିନ୍ଦୁକୁ ପାନ କରି ଥିଲେ କ୍ଷ ସେହି ବିନ୍ଦୁ ଗୋଟିଏ ସନ୍ତାନ ରୂପ ନେଇ ଜନ୍ମ ଲାଭ କରିଥିଲା ।

ଆକାଶର ବାଣୀ ତାକୁ
ଶୁଭେ ଘନଘନ
ପ୍ରତିପାଳ ଆହେ ନନ୍ଦ
ନୁହେଁ କା ନନ୍ଦନ

ନନ୍ଦ ମହାରାଜ ତାର ନାମ ଦେଇଥିଲେ ବଳଭଦ୍ର । ସାରଳା ମହାଭାରତ ଅନୁସାରେ ରୋହିଣୀ ନାମକ ଗାଇ ଠାରୁ ବଳଭଦ୍ର ଜନ୍ମ ହୋଇଥିଲେ ହେଁ ଭାଗବତ ଓ ମହାଭାରତଙ୍କ ମତରେ ବସୁଦେବଙ୍କ ଅନ୍ୟତମ ରାଣୀ ରୋହିଣିଙ୍କ ଗର୍ଭରୁ ବଳଭଦ୍ରଙ୍କ ଜନ୍ମ । ଏହା ଅଧିକ ପ୍ରାମାଣିକ ମନେହୁଏ । ତେବେ ଗୋମାତାଙ୍କ ଠାରୁ ଜନ୍ମ ହୋଇଥିବା ହେତୁ ହେଉ ଅଥବା ବ୍ରଜରେ ରୋରକ୍ଷକ, ଗୋବର୍ଦ୍ଧକ ହୋଇଥିବା ହେତୁ ହେଉ ହଳ ମୂଷଳ ଧାରି ବଳଭଦ୍ରଙ୍କ ଜନ୍ମରେ ଗୋମାତାଙ୍କର ପୂଜନ ହେଇଥାଏ

ଏହି ଜନ୍ମ ତିଥିରେ ଭୋଗ ମଣ୍ଡପରେ ଶ୍ରୀଜିଉ ମାନଙ୍କର ମଇଲମ ଓ ମହାସ୍ନାନ ହୁଏ । ମାଳା ଓ ଅଳଙ୍କାର ଲାଗି ପରେ ବଳଭଦ୍ରଙ୍କ ସମ୍ମୁଖରେ କଳସ ସ୍ଥାପନ ହୁଏ ।

ନାନାଳଙ୍କାର ମାଲ୍ୟାଦି
ନବୀନାମ୍ବର ଦାନତଃ
ବଳଭଦ୍ରାଗ୍ରତୋ ରାଜନ୍
ସ୍ଥାପୟେତ୍ କଳସମ୍ ନବମ୍ ।

ସପ୍ତ ଚିରଞ୍ଜିବୀ ଙ୍କ ସହ ଷଷ୍ଠୀ ଦେବୀ ତିଥି, ବାର, ରାଶି ନକ୍ଷତ୍ର ଓ ସପ୍ତର୍ଷି ମାନଙ୍କର ପୂଜା କରାଯାଏ କ୍ଷ ମଧ୍ୟାହ୍ନ ଧୂପ ସହିତ ଯାତ୍ରାଙ୍ଗୀ ଭୋଗ ଷୋଡ଼ଶ ଉପଚାର ରେ ହୋଇଥାଏ କ୍ଷ ତିନି ଠାକୁରଙ୍କୁ ବନ୍ଦାପନା ପରେ ମଦନମୋହନ ଶ୍ରୀଦେବୀ ଭୂଦେବୀ ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପକୁ ବିଜେ କରନ୍ତି ।

ମାର୍କଣ୍ଡେଶ୍ୱର ପୁଷ୍କରିଣୀ ନିକଟ ମଣ୍ଡପରେ ସୁଦର୍ଶନ ରାମ ବିଜେ ହେଲାପରେ ବଳଭଦ୍ର ଜନ୍ମ ନୀତି ଆରମ୍ଭ ହୁଏ। ମାଟିରେ ସପ୍ତଫେଣୀ ଯୁକ୍ତ ବଳଭଦ୍ର ପ୍ରତିମା ନିର୍ମାଣ ହୁଏ । ଜୀବନ୍ୟାସ ଆଦି ସଂସ୍କାର କରାଯାଇ ପୂଜାପଣ୍ଡା ପାଞ୍ଚଉପଚାର ରେ ଶୀତଳ ମଣୋହୀ କରନ୍ତି । ଜନ୍ମ ବନ୍ଦାପନା କରାଯାଇ ବଳଭଦ୍ରଙ୍କ ମାଟିର ପ୍ରତିମାକୁ ବିସର୍ଜନ କରାଯାଏ । ସୁଦର୍ଶନ ରାମଙ୍କୁ ଅଙ୍ଗିରାଶ୍ରମ, ଉଗ୍ରସେନ ଭେଟ, କଣ୍ଡୁ ଆଶ୍ରମକୁ ନେଇ ପୂଜା ଓ ବନ୍ଦାପନା କରି ନଗର ଭ୍ରମଣ ପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରାଯାଏ । ରତ୍ନସିଂହାସନରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମହାସ୍ନାନ କରାଯାଇ ସନ୍ଧ୍ୟା ଆଳତି କରାଯାଏ ।

କିଆପଦା,ଯାଜପୁର

# ସିନେ ପରଦାରେ ଯୁଦ୍ଧ କାହାଣୀ

ଡାକ୍ତର ଶୁଭଶ୍ରୀ ମିଶ୍ର

ସମଗ୍ର ବିଶ୍ୱରେ ଏକ ପ୍ରକାର ଯୁଦ୍ଧମୁହାଁ ଭୟାନକ ବିଭୀଷିକା ଆଢ଼କୁ ମଧ୍ୟ ପ୍ରାଚୀର ଯୁଦ୍ଧ ବିଶ୍ୱ ଅର୍ଥନୀତି ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି। ଆଜି ବିଶ୍ୱର ପ୍ରତିଟି ଘରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଯୁଦ୍ଧ ଅର୍ଥନୀତି କାଳରାକ୍ଷାସ ପରି ଏ ସବୁ ଭିତରେ କିନ୍ତୁ ସମଗ୍ର ପୃଥିବୀରେ ଯୁଦ୍ଧ ଚଳଚ୍ଚିତ୍ର ପ୍ରତି ଦର୍ଶକଙ୍କ ଆଗ୍ରହ ଯୁବପିଢ଼ୀ ଠାରୁ ବୟସ୍କବର୍ଗଙ୍କ ସମସ୍ତଙ୍କ ଭିତରେ ରହିଛି ଏହି ଯୁଦ୍ଧ ସିନେମା ଭିତରେ ପ୍ରସଙ୍ଗ ଗୁଡ଼ିକ ଦେଶ ମାତୃପ୍ରେମ, ଅପୂର୍ବ ବୀର ସାହାସିକତା, ଭଲ ପାଇବା ଏବଂ ଯୁଦ୍ଧ ସମୟରେ ବଳୀଦାନ, ନିଜ ଆତ୍ମୀୟଙ୍କୁ ହରାଇ କିପରି ଜୀବନର ମୁହୂର୍ତ୍ତ ବଦଳିଯାଏ ଏସବୁକୁ ନେଇ ଅନେକ ସିନେମା ମୁକ୍ତିଲାଭ କରିଛି ଏବଂ ଦର୍ଶକୀୟ ଆଦୃତି ସହିତ ଭଲ ରକମର ଅର୍ଥ ରୋଜଗାର ମଧ୍ୟ କରିଛି। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ ଘଟଣାବଳୀକୁ ନେଇ ୧୯୯୭ରେ ବିଖ୍ୟାତ ନିର୍ଦ୍ଦେଶକ ଜେ.ପି.ଦତ୍ତା ତିଆରି କରିଥିଲେ ସିନେମା 'ବର୍ଡ଼ର'। ସେ ସମୟର ତିନି ସୁପରଷ୍ଟାର ଯଥା ସନ୍ନି ଦିଓଲ, ଜ୍ୟାକି ଶ୍ରଫ, ସୁନୀଲ ସେଟ୍ଟୀ ପ୍ରମୁଖ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତିଛନ୍ତି। ସେ ସମୟରେ ଏହି ସିନେମା ବ୍ଲକବଷ୍ଟର ମର୍ଯ୍ୟାଦା ପାଇଥିଲା। ବଡ଼ଖୁସିର କଥା ଏବେ ବି ଅନେକ ସିନେମା ହଲରେ ସ୍ୱଳ୍ପ ସମୟ ପାଇଁ ହେଲେ ମଧ୍ୟ ବର୍ଡ଼ର ସିନେମା ଚାଲୁଛି।

ଏହାପରେ ଯଦିଓ ଟିକେ ବିଳମ୍ବ ହୋଇଯାଇଥିଲା ସେ ସମୟର ବଡ଼ ଚର୍ଚ୍ଚିତ ୧୯୯୯ର କାର୍ଗିଲ ଯୁଦ୍ଧକୁ ନେଇ ୨୦୦୩ରେ ମୁକ୍ତିଲାଭ କରିଥିଲା 'ଏଲଓସି କାର୍ଗିଲ'। ଏହି ସିନେମାରେ କାର୍ଗିଲ ଯୁଦ୍ଧର ବିଭିନ୍ନ ଦିଗ ବିଶେଷକରି ଆମ ବୀର ଯବାନଙ୍କର ପରାକ୍ରମୀ କୌଶଳପୂର୍ଣ୍ଣ ଅଭିଯାନ ଏବଂ ବଳୀଦାନ ଅତି ନିଖୁଣ ଭାବରେ ପ୍ରଦର୍ଶିତ ହୋଇଥିଲା। କହିବାକୁଗଲେ ବିଭିନ୍ନ ଭୂମିକାରେ ଅଜୟ ଦେବଗନ, ସଞ୍ଜୟ ଦତ, ଅଭିଶେକ ବଚ୍ଚନ, ସୁନୀଲ ସେଟ୍ଟୀ ଓ ଶୈଫଅଲ୍ଲୀ ଖାଁ ଅତି ଜୀବନ୍ତ ଅଭିନୟ କରିଥିଲେ। ଯେ.ପି. ଦତ୍ତାଙ୍କ ନିର୍ଦ୍ଦେଶିତ ଏହି ସିନେମା ଆଶାତୀତ ସଫଳତା ମଧ୍ୟ ପାଇଥିଲା। ସେହିବର୍ଷ ନିର୍ମାତା ଫରହାନ ଅଖତର 'ଲକ୍ଷ୍ୟ'ସିନେମା ପ୍ରସ୍ତୁତ କରିଥିଲେ। ଏଥିରେ ରତ୍ୱିକ ରୋଶନ ଓ ପ୍ରୀତି ଜିଣ୍ଟା ଅତି ଆକର୍ଷଣୀୟ ଭୂମିକା ନିର୍ବାହ କରିଥିଲେ। ସିନେମାର ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ସାଧାରଣ ଜୀବନ ଜୀଉଁଥିବା ଜଣେ ନିକମା ବା ଅଳସୁଆ ଯୁବକ ଜୀବନରେ କିପରି ସେନାବାହିନୀରେ ସାମିଲ ହୋଇ ଆତଙ୍କବାଦୀଙ୍କ ବିରୁଦ୍ଧରେ ସଂଗ୍ରାମ କରିବା ଭିତରେ ନିଜେ ନିଜ ଜୀବନକୁ ବଦଳାଇ ପାରୁଛି।

ଏହାପରେ ୨୦୦୬ ମସିହାରେ ୧୯୭୧ ମସିହାର ଭାରତ-ପାକିସ୍ତାନ ଯୁଦ୍ଧବନ୍ଦୀ ବିଶେଷକରି ପାକିସ୍ତାନଙ୍କ ହାତରେ ପଡୁଥିବା ଭାରତୀୟ ମାନଙ୍କ ଅକଥନୀୟ ଯନ୍ତ୍ରଣାର କାହାଣୀକୁ ନେଇ ସିନେମାଟି ପ୍ରସ୍ତୁତ ହୋଇଥିଲା '୧୯୭୧' ନାମରେ। ଅମୃତ ସାଗର ନିର୍ଦ୍ଦେଶିତ ଏହି ସିନେମାରେ ମନୋଜ ବାଜପେୟୀ ଓ ରବି କିଶନ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ତେବେ ଏହାପରେ ବିଗ୍ ବଜେଟର ଭଲ ଆୟକାରୀ ସିନେମା ଭାବେ ୨୦୧୯ରେ ମୁକ୍ତିଲାଭ କରିଥିବା ସିନେମାଟି ଥିଲା 'ଉରି ଦ ସର୍ଜିକାଲ ଷ୍ଟ୍ରାଇକ'। ଭେଟେରାନ ଷ୍ଟାର ଭିକି କୌଶଳ ଅଭିନୀତ ଏହି ସିନେମାଟି ୨୦୧୬ ମସିହାର ଭୟାବହ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ଭାବରେ ଯେଉଁ ସର୍ଜିକାଲ ଷ୍ଟ୍ରାଇକ ସଂଗଠିତ ହୋଇଥିଲା ଏହାକୁ ହିଁ ନେଇ ସିନେମାଟି ଗତିଶୀଳ। ୨୦୨୧ରେ ମୁକ୍ତିଲାଭ କରିଥିଲା ୧୯୭୧ ମସିହାର ଜଣେ ଭାରତୀୟ ବାୟସେନାର ସ୍କ୍ୱାର୍ଡ଼ନ ଲିଡର ବିଜୟ କର୍ଣ୍ଣିକଙ୍କ ଅମାପ ଆତ୍ମ ବଳୀଦାନର କାହାଣୀ। 'ଭୁଜ ଦ ପ୍ରାଇଡ ଅଫ ଇଣ୍ଡିଆ' ନାମରେ ନିର୍ମିତ ଏହି ସିନେମାରେ ଅଜୟ ଦେବଗନ, ସଞ୍ଜୟ ଦତ୍ତ, ସୋନାକ୍ଷୀ ସିହ୍ନା ଓ ନୋରା ଫତେହୀ ଅତି ବାସ୍ତବଧର୍ମୀ ନିଖୁଣ ଅଭିନୟ କରିଥିଲେ। ଏହି ସିନେମାଟି ବିଭିନ୍ନ ପ୍ରାନ୍ତୀୟ ଭାଷାରେ ପରବର୍ତ୍ତୀ ସମୟରେ ମଧ୍ୟ ମୁକ୍ତିଲାଭ କରିଥିଲା। ୨୦୨୧ ମସିହାରେ କାର୍ଗିଲ ଯୁଦ୍ଧ ଘଟଣା ଭିତରେ ଆମ ବୀର ସେନା କ୍ୟାପଟେନ ବିକ୍ରମ ବାତ୍ରାଙ୍କ ଅମାପ ଦେଶପ୍ରେମ ଓ ଜୀବନୀକୁ ନେଇ ସିନେମା ଆସିଥିଲା 'ଶେରଶାହା'। ନବାଗତ ହୋଇ ମଧ୍ୟ ଏହି ସିନେମାରେ ବିକ୍ରମ ବାତ୍ରାଙ୍କ ଭୂମିକାରେ ସିଦ୍ଧାର୍ଥ ମଲହୋତ୍ରା ଏବଂ ନାୟିକା ଭୂମିକାରେ କିଆରା ଆଡ଼ଭାନୀ ଚମତ୍କାର ଅଭିନୟ କରିଥଲେ। ବିଷ୍ଣୁବର୍ଦ୍ଧନ ନିର୍ଦ୍ଦେଶିତ ଏହି ସିନେମା ବିଗ୍ ବଜେଟର ହୋଇଥିଲେ ମଧ୍ୟ ଏହା କିନ୍ତୁ ଆଶାନୁରୂପ ଅର୍ଥ ଲାଭ କରିନଥିଲା।

ପୂର୍ବପରି ଆଉ ଯୁଦ୍ଧ ଘଟଣାକୁନେଇ ସିନେମା ପ୍ରାୟତଃ ଆସୁନାହିଁ। ୟୁଟ୍ୟୁବରେ ସର୍ଟ ଫିଲ୍ମ ଓ ବିଶେଷକରି ଆନିମେଟେଡ଼ ତଥା ଏଆଇ ସିନେମା ଯୁଦ୍ଧ ସିନେମାର ଆଗ୍ରହକୁ କମାଇ ଦେଉଛି। ଅଧିକ ଟଙ୍କା ଖର୍ଚ୍ଚ କରି ସେଟ ପ୍ରସ୍ତୁତ ଓ ଆନୁସଙ୍ଗିକ ବ୍ୟୟବୋଝ ଉଭୟ ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କୁ ନିରୁତ୍ସାହିତ କରୁଛି। ତେବେ ଏସବୁ ଭିତରେ ଭାରତୀୟ ଯୁଦ୍ଧ ସିନେମା ପ୍ରତିଟି ଭାରତୀୟ ଚେତନା ଯୁବଶକ୍ତି ଓ ଦେଶପ୍ରେମ ପାଇଁ ଅମାପ ଦିଗଦର୍ଶନ ଦେଉଥିବ ଚିରକାଳ ପାଇଁ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,ଦୂରଭାଷ : ୯୮୬୧୪୬୩୪୦୬

# ଶିଶୁକୁ ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ କରନ୍ତୁ ନାହିଁ

ଡକ୍ଟର ସୁରେଶ କୁମାର ନାୟକ

ଆଜିର ଏହି ବ୍ୟସ୍ତ ବହୁଳ ଜୀବନରେ ଅଧିକାଂଶ ପରିବାରରେ ସ୍ୱାମୀ ସ୍ତ୍ରୀ ଉଭୟ ଚାକିରି କରୁଛନ୍ତି । ଅପରପକ୍ଷେ ଏଥିଲାଗି ସେମାନଙ୍କୁ ଜନ୍ମ ସ୍ଥାନଠାରୁ ଦୂରରେ ସହରାଞ୍ଚଳ ବା ଦୂରସ୍ଥାନରେ ବସବାସ କରିବାକୁ ପଡୁଛି । ଫଳରେ ସେମାନେ କର୍ମକ୍ଷେତ୍ରକୁ ଚାଲିଯିବା ପରେ ପିଲାମାନେ ଏକା ଘରେ ରହିଥାନ୍ତି । ପିଲାଙ୍କ ଲାଳନ ପାଳନ ପାଇଁ ଆୟା ନିଯୁକ୍ତ ହୁଅନ୍ତି । ଅନେକ ପରିବାରରେ ପିଲାଙ୍କୁ ଦିବା ଶିଶୁ ଆଶ୍ରୟ ସ୍ଥଳରେ ଛଡ଼ାଯାଏ । ଏହା ଉପରେ ଅଭିଭାବକମାନେ ମତ ଦିଅନ୍ତି; ପିଲା ଅଧିକ ଚାଲାକ ଚତୁର ହୋଇଥାନ୍ତି । ଅପରପକ୍ଷେ ବୟସ୍କ ବ୍ୟକ୍ତିମାନେ ଏହାକୁ ନାପସନ୍ଦ କରିଥାନ୍ତି । ସେମାନଙ୍କ ମତରେ ପିଲା ନିଜ ପରିବାରବର୍ଗଙ୍କ ସହ ରହିବା ଦ୍ୱାରା ତା ମଧ୍ୟରେ ପାରିବାରିକ ସମ୍ପର୍କ ସ୍ଥାପନ ହୁଏ ।

ଘର ଲୋକଙ୍କ ସ୍ନେହ, ମମତାର ଛାୟାରେ ବଢ଼ିବା ଦ୍ୱାରା ପିଲାଙ୍କ ମଧ୍ୟରେ ସୌହାର୍ଦ୍ଦ ବୃଦ୍ଧି ପାଏ । ମନସ୍ତତ୍ତ୍ୱବିତ୍ ଓ ଶିଶୁ ବିଶେଷଜ୍ଞମାନେ ମଧ୍ୟ କୁହନ୍ତି ଶିଶୁ ପରିବାର ମଧ୍ୟରେ ବଢ଼ିଲେ, ପରିବାର ବର୍ଗଙ୍କ ସହ ସମୟ ଅତିବାହିତ କଲେ ତାର ମସ୍ତିଷ୍କ ସଠିକ୍ ଭାବେ ବିକଶିତ ହୁଏ । ସେହି ପିଲାମାନେ ସ୍ନେହି ଓ ବିବେକି ହୋଇଥାନ୍ତି । ଶିଶୁର ଜନ୍ମ ବେଳକୁ ତାର ମସ୍ତିଷ୍କ ପୂର୍ଣ୍ଣ ରୂପେ ଗଠିତ ହୋଇସାରିଥାଏ । ଜନ୍ମର କିଛି ଦିନ ମଧ୍ୟରେ ମସ୍ତିଷ୍କର ବିକାଶ ସମ୍ପୂର୍ଣ୍ଣ ହୋଇଯାଏ । ହେଲେ ଏହା ଉପରେ ଗବେଷଣାରୁ ଜଣାଯାଇଛି ଯେ ଜନ୍ମ ପରେ ମଧ୍ୟ ଏହାର ବିକାଶ କାର୍ଯ୍ୟ ଚାଲୁ ରହିଥାଏ । ମସ୍ତିଷ୍କର ସମୃଦ୍ଧି ପାଇଁ ସାମାଜିକ ଅନୁଭୂତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା ତହିଁରେ ଥିବା ସଂଯୋଜନା ପ୍ରକ୍ରିୟାକୁ ସୁଦୃଢ଼ କରେ । ଯାହା ସକାରାତ୍ମକ ହରମୋନ କ୍ଷରଣ ଲାଗି ସାହାଯ୍ୟ କରେ । ତେବେ ପିତା, ମାତା, ପରିବାର ବର୍ଗଙ୍କ ସ୍ନେହ, ସହାନୁଭୂତି ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ଶିଶୁର ମାନସିକ ବିକାଶରେ ପିତାମାତାଙ୍କ ସ୍ନେହ, ମମତା ନିତାନ୍ତ ଅପରିହାର୍ଯ୍ୟ । ଏହି ସ୍ନେହ ପ୍ରେମରୁ ବଞ୍ଚିତ ଅନାଥ ଶିଶୁଙ୍କ ପାଇଁ ସମାଜର ଆଦର ଯତ୍ନ ମିଳିବା ଦରକାର । ନଚେତ୍ ସେମାନେ ଅସାମାଜିକ ହୋଇଥାନ୍ତି ବୋଲି ଗବେଷକ ଗଣ ମତବ୍ୟକ୍ତ କରନ୍ତି ।

ବାପା ମା' ତଥା ପରିବାରଙ୍କ ଦ୍ୱାରା ପ୍ରତିପାଳନ ଶିଶୁର ହୃଦୟକୁ ସୌହାଦ୍ୟପୂର୍ଣ୍ଣ କରିବାରେ ସହାୟକ ହୁଏ । ପାରିବାରିକ ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ ଶିଶୁମାନଙ୍କ ବୁଦ୍ଧିମତା, ସକାରାତ୍ମକ ଭାବପ୍ରବଣତା ଓ ଶାରୀରିକ ଅଭିବୃଦ୍ଧି ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ । ଭଗବାନଙ୍କ ସୃଷ୍ଟିରେ ପିଲାଟି ହେଉଛି ଏକ ଆନନ୍ଦମୟ ଚେତନାର ସ୍ୱରୂପ। ପିଲାଟି ତାର ହେତୁ ପାଇବା ବେଳୁ ଏହା ହିଁ ବୁଝୁ ସତ୍ୟ ହିଁ ଭଗବାନ, ସତ୍ୟମେବ ଜୟତେ। ସତ୍ୟ ହେଉଛି ଜୀବନର ମୌଳିକ ବିଧାନ। ସତ୍ୟ ହିଁ ଅନ୍ତିମ ପନ୍ଥା ଓ ଅନ୍ତିମ ଲକ୍ଷ୍ୟ। ସତ୍ୟ ହିଁ ଧର୍ମପ୍ରାଣତା। ପିଲାମାନଙ୍କର ମାନସିକତା ସେମାନଙ୍କ ଘରୁ ହିଁ ପ୍ରଭାବିତ ହୋଇଥାଏ। ସ୍ନେହ ଶ୍ରଦ୍ଧାରୁ ପିଲାଟି ବଞ୍ଚିତ ହୋଇଯିବା ପରେ ତା ମାନସିକ କ୍ଷେତ୍ରଟି ଅନେକ ଭାବରେ ପ୍ରଭାବିତ ହୋଇଥାଏ। ସ୍ନେହ, ପବିତ୍ରତା ହେଉଛି ଜୀବନର ଅଦ୍ୟେନ୍ତ ଅମୃତ ପୂର୍ଣ୍ଣ ଉପଲବ୍ଧି। ଆପଣ ପିଲାଟିକୁ ଏହି ଶିକ୍ଷ ଦିଅନ୍ତୁ ଯେ ପବିତ୍ରତା ହେଉଛି ଭଗବତ ଦର୍ଶନର ଦ୍ୱାର ପଥ ତାହାହିଁ ଭଗବତ ଦର୍ଶନ ମନଙ୍କର ପ୍ରତିଖେଳ। ପିଲାମାନଙ୍କର ପବିତ୍ରତା ହିଁ ଏକ ଶାଶ୍ୱତ ପଥରେ ଗତି କରିବାରେ ଅନୁମତି ପତ୍ର।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୫୯୨
ର-ଙ୍କବସକ୍ଷ : ଶ୍ୱ୨୭୧୧୬୯ଅଶଙ୍କବସକ୍ଷ.ମକ୍ଟଙ୍କ



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଭୀମଭୋଇଙ୍କ ସ୍ମୃତିପୀଠରେ ନବାନ୍ନ ଖାଇଲେ ସାଧୁ ସନ୍ଥ

ରେଢ଼ାଖୋଲ, (ମହାଭାରତ) : ପଶ୍ଚିମ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କନ୍ଧରା ସ୍ଥିତ ସନ୍ଥକବି ଭୀମଭୋଇଙ୍କ ସ୍ମୃତିପୀଠରେ ଶ୍ରାବଣ ପୂର୍ଣ୍ଣୀମାରେ ଆଜି ନବାନ୍ନ ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇ ଯାଇଛି ।ଏହି ଉତ୍ସବରେ ସମ୍ବଲପୁର, ଫୁଲବାଣୀ, କନ୍ଧମାଳ, ସୁବର୍ଣ୍ଣପୁର,ବୌଦ୍ଧ,ଅନୁଗୁଳ,ଦେବଗଡ ଆଦି ଜିଲ୍ଲାରୁ ଅନେକ ସାଧୁସନ୍ଥ, ମହିମା ଧର୍ମାବଲମ୍ବୀ ଭକ୍ତ,ଗୈରିକ ବସ୍ତ୍ର ଧାରୀ ସନ୍ୟାସୀ ଯୋଗଦେଇ ଥିଲେ । ମଠାଧିଷ ବ୍ରହ୍ମ ଅବଧୂତ ଆନନ୍ଦ ଚନ୍ଦ୍ର ବାବାଙ୍କ ତତ୍ତ୍ୱାବଧାନରେ ସମସ୍ତ ସାଧୁସନ୍ଥ ଦିବ୍ୟଜ୍ଞାନ ପ୍ରାପ୍ତି କୂପରୁ ଅଖଣ୍ଡ ବ୍ରହ୍ମ ଧୁନୀ ଆଣି ଧୁନି ମଣ୍ଡପରେ ସ୍ଥାପନ କରିଥିଲେ ଓ ଜଗତ କଲ୍ୟାଣ ଓ ବିଶ୍ୱ ଶାନ୍ତି ନିମିତ୍ତ ଶୂନ୍ୟ ପ୍ରଭୁଙ୍କୁ ଘୃତାହୁତି ଅର୍ପଣ କରି ଥିଲେ । ଗୁରୁ ବ୍ରହ୍ମ ମହିମା ଅଲେଖ ଡାକ ସାଙ୍ଗକୁ ଆଠ ଭଜନ ଓ ନାମ ସଙ୍କୀର୍ତ୍ତନ ଗାନର ତାଳେ ତାଳେ ଖୋଳ,ତାଳ,ଘୁମୁରା,ଘୁଡୁକି ଓ ଖଞ୍ଜଣି ଧ୍ୱନିରେ ସ୍ମୃତିପୀଠ ପରିସର ପ୍ରକମ୍ପିତ ହୋଇ ଉଠିଥିଲା । ପରମ୍ପରା ଅନୁଯାଇ ମିଷ୍ଟାନ୍ନ, ଖିରି,ପୁରି,କାକରା ଓ ବର୍ଷର ପ୍ରଥମ ଶସ୍ୟ,ନଡ଼ିଆ, କଦଳୀ, ଗୁଡ, କ୍ଷୀର, ଦହି, କାଜୁ, କିସମିସ, ଲବଙ୍ଗ, ଗୁଜୁରାତି, ଫଳମୂଳ ଇତ୍ୟାଦିର ମିଶ୍ରଣରେ ନବାନ୍ନ ପ୍ରସ୍ତୁତ କରାଯାଇ ମହିମା ସ୍ୱାମୀଙ୍କ ଉଦ୍‌ଧେଶ୍ୟରେ ଅର୍ପଣ କରାଯିବା ପରେ ମହିମାଧର୍ମର ସାଧୁ,ସନ୍ୟାସୀ ଓ ଭକ୍ତମାନେ ଏକତ୍ର ଆନନ୍ଦ ଉଲ୍ଲାସର ସହ ନବାନ୍ନ ଭୋଜନ କରିଥିଲେ ।ଏଥିରେ ବିଭିନ୍ନ ସ୍ଥାନରୁ ଆସିଥିବା ସାଧୁ ସନ୍ଥଙ୍କ ସମେତ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

## ଦିଗଧରରେ ଭାଇ-ଭଉଣୀର ପବିତ୍ର ସମ୍ପର୍କର ପର୍ବ ରାକ୍ଷୀ ଉତ୍ସବ ପାଳିତ

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଦିଗଧର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାକ୍ଷୀ ଉତ୍ସବ ଉତ୍ସାହ ଓ ଆନନ୍ଦର ସହିତ ପାଳିତ ହୋଇଯାଇଛି । ଦିଗଧର ଗ୍ରାମପଞ୍ଚାୟତର ଏଏସଜି ଗ୍ରୁପ୍‌ର ମା' ଓ ଭଉଣୀମାନଙ୍କ ପକ୍ଷରୁ ଏହି ଉତ୍ସବର ଆୟୋଜନ କରାଯାଇଥିଲା । ଏହି ଅବସରରେ କରଞ୍ଜିଆ ବିଧାୟକଙ୍କ ପଦ୍ମ ଲୋଚନ ହାଇବୁରୁବ ସାଂସଦ ଙ୍କ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ଦିଗଧର ସରପଞ୍ଚ ମଳୟ ପରମାଳିକଙ୍କ ସମେତ ବିଭିନ୍ନ ଅତିଥି ଓ ଗ୍ରାମପଞ୍ଚାୟତର ମହିଳାମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ମହିଳାମାନେ ଉପସ୍ଥିତ ଅତିଥିମାନଙ୍କ ହାତରେ ରାକ୍ଷୀ ବାନ୍ଧି ଭାଇ-ଭଉଣୀର ପବିତ୍ର ସମ୍ପର୍କର ପ୍ରତୀକ ରାକ୍ଷୀ ପୂର୍ଣ୍ଣିମା ପାଳନ କରିଥିଲେ । ରାକ୍ଷୀ ବାନ୍ଧିବା ସହିତ ପରସ୍ପର ମଧ୍ୟରେ ସ୍ନେହ, ଭାଇଚାରା ଓ ଏକତାର ବାର୍ତ୍ତା ଦିଆଯାଇଥିଲା । ଏହି ଉତ୍ସବ ଅବସରରେ ଅତିଥିମାନେ ରାକ୍ଷୀ ପୂର୍ଣ୍ଣିମାର ମହତ୍ତ୍ୱ ଉପରେ ମତବ୍ୟକ୍ତ କରିବା ସହିତ ସମାଜରେ ଭାଇ-ଭଉଣୀଙ୍କ ମଧ୍ୟରେ ଥିବା ସ୍ନେହ ଓ ବିଶ୍ୱାସର ସମ୍ପର୍କକୁ ଆହୁରି ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ । ଦିଗଧର ଗ୍ରାମପଞ୍ଚାୟତ ପରିସରରେ ଆୟୋଜିତ ଏହି ରାକ୍ଷୀ ଉତ୍ସବରେ ମହିଳାମାନଙ୍କ ଉପସ୍ଥିତି ଓ ଉତ୍ସାହ ଦେଖିବାକୁ ମିଳିଥିଲା । ସମସ୍ତେ ମିଳିମିଶି ରାକ୍ଷୀ ପୂର୍ଣ୍ଣିମା ପାଳନ କରିବା ଫଳରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଭାଇଚାରା ଓ ଆତ୍ମୀୟତାର ପରିବେଶ ସୃଷ୍ଟି ହୋଇଥିଲା ।

## ପରିବାର କଳହରୁ ଜଣେ ମହିଳା ବିଷ ଖାଇ ଆତ୍ମହତ୍ୟା, ସ୍ୱାମୀ ଗିରଫ ହୋଇ କୋର୍ଟ

ଲାଞ୍ଜିଗଡ,୨ (ମହାଭାରତ ): ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ କାଣ୍ଡଗୁଡ଼ା ଗ୍ରାମରେ ଘରୋଇ କଳହରୁ ଜଣେ ମହିଳା ବିଷଖାଇ ଆତ୍ମହତ୍ୟା କରିଥିବା ବେଳେ ସ୍ତ୍ରୀକୁ ଅତ୍ୟଧିକ ଅତ୍ୟାଚାର ଅଭିଯୋଗ ନେଇ ସ୍ୱାମୀ ଗିରଫ ହୋଇ କୋର୍ଟ ଚାଲାଣ ଓ ମୃତ ମହିଳା ଜଣକ ରାମଦେଇ ମାଝୀ (୨୬) ଏବଂ ସ୍ୱାମୀ ସନ୍ତୋଷ ମାଝୀ (୨୮) ଅଟେ ଓ ପୋଲିସର ସୂଚନାନୁଯାୟୀ କାଣ୍ଡଗୁଡ଼ା ଗ୍ରାମର ସ୍ୱାମୀ ସନ୍ତୋଷ ମାଝୀ ଏବଂ ରାମଦେଇ ମାଝୀ ଉଭୟେ ଆଠ ନଅ ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ ଏବଂ ତାଙ୍କର ଗୋଟିଏ ସନ୍ତାନ ଅଛି ଓ ଗତ ୨୨ ତାରିଖ ଦିନ ଉଭୟେ ସ୍ୱାମୀ ସ୍ତ୍ରୀ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା ଏବଂ ସ୍ତ୍ରୀ ରାମଦେଇ ବିଷ ଖାଇଦେଇଥିଲା ଓ ବିଷ ଖାଇବା ପରେ ସଙ୍ଗେ ସଙ୍ଗେ ତାଙ୍କୁ ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ପରେ ଅବସ୍ଥା ଗୁରୁତର ହେବାରୁ ସେଠାରୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ ଏବଂ ସେଠାରୁ ବୁର୍ଲା ନେଇଥିଲେ ଚିକିତ୍ସା ପାଇଁ ଓ ବୁର୍ଲାଠାରେ ଚିକିତ୍ସାପରେ ମଧ୍ୟ କୌଣସି ଉନ୍ନତି ହୋଇନଥିବା ବେଳେ ଘରକୁ ଫେରାଇ ଆଣିଥିଲେ ଏବଂ ବୁଧବାର ଦିନ ନିଜ ଘରେ ମୃତ୍ୟୁବରଣ କରିଥିଲେ ଓ ପରିବାର ଲୋକେ ମୃତ୍ୟୁ ଖବର ପାଇବା ପରେ ରାମଦେଇର ଭାଇ ରାଜୁ ମାଝୀ ବିଜେପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଓ ବିଜେପୁର ପୋଲିସ ଅଭିଯୋଗ ପାଇବା ପରେ ଥାନାଧିକାରୀ ତୁଳସୀରାମ ଶବର ପୋଲିସ ବଳ ସହିତ ଯାଇ ମୃତଦେହ ଜବତ କରି ଲାଞ୍ଜିଗଡ ବ୍ୟବଛେଦ ପାଇଁ ପଠାଇଥିଲେ ଓ ବୁଧବାର ରାତି ହୋଇଯିବାରୁ ଶବ ବ୍ୟବଛେଦ ହୋଇପାରିଲା ନାହିଁ ଓ ଗୁରୁବାର ସକାଳେ ପୋଲିସ ମୃତ ରାମଦେଇର ସ୍ୱାମୀ ସନ୍ତୋଷ ମାଝୀକୁ ଘରୁ ଥାନାକୁ ଆଣି ପଚରା ଉଚୁରା କରିଥିଲେ ଓ ଶବ ବ୍ୟବଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ସ୍ୱାମୀ ସନ୍ତୋଷକୁ ସ୍ତ୍ରୀକୁ ଅତ୍ୟଧିକ ଅତ୍ୟାଚାର ଅଭିଯୋଗରେ ଗିରଫ କରି ବିଜେପୁର ଥାନା କେଶ ନଂ ୩୦/୨୬ ରେ ଧାରା ୧୦୮ ବିଏନଏସ ରେ ଏକ ମାମଲା ରୁଜୁ କରି ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଶ୍ରୀ ଶବର ପ୍ରକାଶ କରିଛନ୍ତି ।

## ଘରର ସଟର ଭାଙ୍ଗି ବୁଲେଟ୍ ଚୋରି !

ଉମରକୋଟ, (ମହାଭାରତ) : ଗତକାଲି ବିଳମ୍ବିତ ରାତିରେ ଆଇଟିଆଇ ରୋଡ୍ ଅଞ୍ଚଳରେ ଚୋରି ଘଟଣାକୁ ନେଇ ଚିନ୍ତା ବଢ଼ିଛି । ରବୀନ୍ଦ୍ର ପାତ୍ରଙ୍କ ଘରର ସଟର ଭାଙ୍ଗି ଘର ଭିତରେ ରଖାଯାଇଥିବା ଏକ ରୟାଲ୍ ଏନ୍‌ଫିଲ୍‌ଡ ବୁଲେଟ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଲଗାତାର ଚୋରି ଘଟଣାକୁ ନେଇ ଅପରାଧ ନିୟନ୍ତ୍ରଣରେ ପୁଲିସର କାର୍ଯ୍ୟଦକ୍ଷତା ନେଇ ମଧ୍ୟ ସହରରେ ଅସନ୍ତୋଷ ପ୍ରକାଶ ପାଉଛି । ରାତିରେ ପୁଲିସ ପାଟ୍ରୋଲିଂ, ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ନଜର ଏବଂ ଚୋରି ଘଟଣାର ତଦନ୍ତକୁ ନେଇ ଅଧିକ ସକ୍ରିୟତାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଘର ଭିତରେ ସୁରକ୍ଷିତ ସ୍ଥାନରେ ରଖାଯାଇଥିବା ଗାଡ଼ି ମଧ୍ୟ ଚୋରଙ୍କ ଟାର୍ଗେଟ୍‌ରୁ ବାଦ ପଡୁନାହିଁ । ତେବେ ସାଧାରଣ ଲୋକଙ୍କ ଘର, ଗାଡ଼ି ଓ ସମ୍ପତ୍ତି କେତେ ସୁରକ୍ଷିତ ଏହି ପ୍ରଶ୍ନ ଏବେ ଉମରକୋଟ ସହର ବାସୀଙ୍କ ମନରେ ଭୟ ସୃଷ୍ଟି କରିଛି । ଘଟଣା ପରେ ଅଞ୍ଚଳରେ ଚୋରିକୁ ନେଇ ଆତଙ୍କ ଦେଖାଦେଇଛି । ଘଟଣାରେ ସମ୍ପୃକ୍ତ ଚୋରଙ୍କୁ ଚିହ୍ନଟ କରି ଶୀଘ୍ର ଗିରଫ କରିବାକୁ ଦାବି ହେଉଛି ।

# ୬ ବର୍ଷ ପରେ ବି ଅଚଳ ଗ୍ରୀଡ୍ ଉପକେନ୍ଦ୍ର

ରା.ଉଦୟଗିରି, (ମହାଭାରତ): ଲୋକଙ୍କୁ ନିରବଚ୍ଛିନ୍ନ ଓ ଉନ୍ନତ ବିଦ୍ୟୁତ୍ ସେବା ଯୋଗାଇବା ଲକ୍ଷ୍ୟରେ ନିର୍ମିତ ରା.ଉଦୟଗିରି ୧୩୨/୩୩ କେଭି ଗ୍ରୀଡ୍ ଉପକେନ୍ଦ୍ର ଦୀର୍ଘ ୬ ବର୍ଷ ପରେ ବି ସମ୍ପୂର୍ଣ୍ଣ ଭାବେ ଲୋକଙ୍କ କାମରେ ଲାଗିପାରିନଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି । କୋଟି କୋଟି ଟଙ୍କା ବ୍ୟୟରେ ଭିତ୍ତିଭୂମି ନିର୍ମାଣ ହୋଇଥିଲେ ମଧ୍ୟ ଏହାର ସୁଫଳ ମିଳୁନଥିବାରୁ ପ୍ରକଳ୍ପର ବିଳମ୍ବକୁ ନେଇ ଏବେ ପ୍ରଶ୍ନ ଉଠିଛି । ଓଡ଼ିଶା ବିଦ୍ୟୁତ୍ ପ୍ରେଷଣ ନିଗମ ଲିମିଟେଡ୍ (ଓପିଟିସିଏଲ୍) ପକ୍ଷରୁ ରା.ଉଦୟଗିରି ବ୍ଲକ ଛେଳିଗଡ ସ୍ଥିତ ଭାଲିଆସାହି ଠାରେ ୨୨୦ ଏମ୍‌ଭିଏ କ୍ଷମତାର ୧୩୨/୩୩ କେଭି ଗ୍ରୀଡ୍ ଉପକେନ୍ଦ୍ର ସହ ୩୬.୧୪୦ କିମି ଦୀର୍ଘ ୧୩୨ କେଭି ବିଦ୍ୟୁତ୍ ସଞ୍ଚାରଣ ଲାଇନ୍ ନିର୍ମାଣର ଯୋଜନା ରହିଛି । ତେବେ



ଉପକେନ୍ଦ୍ର ନିର୍ମାଣ ପରେ ମଧ୍ୟ ସଞ୍ଚାରଣ ଲାଇନ୍ ସମ୍ପର୍କିତ ସମସ୍ୟା ଯୋଗୁଁ ପ୍ରକଳ୍ପଟି ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହୋଇପାରିନଥିବା ଅଭିଯୋଗ ହେଉଛି । ସୂଚନା ଅନୁଯାୟୀ, ଉକ୍ତ ସଞ୍ଚାରଣ ଲାଇନ୍ ପାଇଁ ଜଙ୍ଗଲ ଜମି ବ୍ୟବହାର ସମ୍ପର୍କିତ ଅନୁମତିର ଆବଶ୍ୟକତା ରହିଛି । ଏହି ପ୍ରକଳ୍ପ ସହ ପ୍ରାୟ ୧୪.୦୧୯ ହେକ୍ଟର ଜଙ୍ଗଲ ଜମି ସମ୍ପୃକ୍ତ ଥିବା ସରକାରୀ ରେକର୍ଡରୁ ଜଣାପଡୁଛି । ଏହାକୁ ନେଇ ୨୦୧୭ ମସିହାରୁ ଅନୁମତି ପ୍ରକ୍ରିୟା ଚାଲିଆସୁଥିବା ଜଣାପଡ଼ିଛି । ତେବେ ଏତେ ବର୍ଷ ଧରି ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହେବା ପଛରେ ପ୍ରକୃତ କାରଣ କ'ଣ, ତାହା ସ୍ପଷ୍ଟ ହୋଇନାହିଁ । ଜଙ୍ଗଲ ଜମି ସମ୍ପର୍କିତ ଅନୁମତି ନା ଅନ୍ୟ କୌଣସି ପ୍ରଶାସନିକ କିମ୍ବା ବୈଷୟିକ ସମସ୍ୟା ପାଇଁ ପ୍ରକଳ୍ପ ଅଟକିଛି, ତାହା ନେଇ ଜନସାଧାରଣଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ରହିଛି କ୍ଷ ରା.ଉଦୟଗିରି ସମେତ ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ସେବାକୁ ନେଇ ଦୀର୍ଘଦିନ ଧରି ଅଭିଯୋଗ ରହିଆସିଛି । ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଓ ଲୋ-ଭୋଲ୍ଟେଜ୍ ସମସ୍ୟା ଯୋଗୁଁ ଉପଭୋକ୍ତାମାନେ ହଇରାଣ ହେଉଥିବା ଅଭିଯୋଗ ହେଉଛି । ଏଭଳି ସ୍ଥିତିରେ ନୂତନ ଗ୍ରୀଡ୍ ଉପକେନ୍ଦ୍ର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଅଞ୍ଚଳର ବିଦ୍ୟୁତ୍ ସମସ୍ୟା ଅନେକାଂଶରେ ଦୂର ହୋଇପାରିବ ବୋଲି ଆଶା ରହିଛି । କେବେ ଚାଲୁ ହେବ ପ୍ରକଳ୍ପର ବିଳମ୍ବକୁ ନେଇ ଏବେ ଜିଲ୍ଲା ପ୍ରଶାସନ, ଓପିଟିସିଏଲ୍ ଓ ବନ ବିଭାଗର ଭୂମିକା ଉପରେ ପ୍ରଶ୍ନ ଉଠିଛି କ୍ଷ ଜଙ୍ଗଲ ଜମି ସମ୍ପର୍କିତ ସମସ୍ତ ଅନୁମତି ମିଳିଛି କି ଯଦି ମିଳିଛି, ତେବେ ଏହାକୁ କାର୍ଯ୍ୟକ୍ଷମ କରିବାରେ ଆଉ କେଉଁ ସମସ୍ୟା ରହିଛି ଏବଂ କେବେ ସୁଦ୍ଧା ଗ୍ରୀଡ୍ ଉପକେନ୍ଦ୍ରଟି ସମ୍ପୂର୍ଣ୍ଣ ଭାବେ ଚାଲୁ ହେବ—ଏହାର ସ୍ପଷ୍ଟ ଉତ୍ତର ଜନସାଧାରଣ ଅପେକ୍ଷା କରିଛନ୍ତି ।

## ବେଧଡକ ମାଟି ଚୋରାଚାଲାଣ !

ଚିକିଟୀ, (ମହାଭାରତ) : ଚିକିଟୀ ତହସିଲରେ ଦିନ ଦ୍ୱିପ୍ରହରରେ ଚାଲିଛି ବେଆଇନ ମାଟି ଚୋରାଚାଲାଣ । ଜେସିବିରେ ମାଟି ଖୋଳାଯାଉଛି ଟ୍ରାକ୍ଟରରେ ହେଉଛି ପରିବହନ । ହେଲେ ଏସବୁ କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ଥିବା ବିଭାଗର ଦେଖା ମିଳୁନାହିଁ ବୋଲି ଅଭିଯୋଗ । ଗଞ୍ଜାମ ଜିଲ୍ଲା ଚିକିଟୀ ତହସିଲ ଅନ୍ତର୍ଗତ ପିତାଟଳୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ରାମପୁର ଅଞ୍ଚଳରେ ଗତ ଦୁଇ ଦିନ ଧରି ମାଟି ଉତ୍ତୋଳନ ଚାଲିଥିବା ଅଭିଯୋଗ ହୋଇଛି । ଦୃଶ୍ୟରେ ଦେଖିବାକୁ ମିଳୁଛି ପାହାଡ଼ିଆ ଜମିରୁ ଜେସିବି ମାଧ୍ୟମରେ ମାଟି ଖୋଳାଯାଉଛି । ପରେ ଟ୍ରାକ୍ଟର ଯୋଗେ ଏହି ମାଟି ରାମଚନ୍ଦ୍ରପୁର ନିକଟସ୍ଥ ଏକ ପ୍ଲଟ୍‌ରେ ପକାଯାଉଥିବା ଅଭିଯୋଗ ହୋଇଛି । ତେବେ ପ୍ରଶ୍ନ ଉଠୁଛି ଯଦି ଏହି ମାଟି ଉତ୍ତୋଳନ ଓ ପରିବହନ ପାଇଁ ଆବଶ୍ୟକ ଅନୁମତି ନିଆଯାଇ ନଥାଏ, ତେବେ କାହା ଅନୁମତିରେ ଚାଲିଛି ଏହି କାରବାର ମାଟି ମାଫିଆ ମାନଙ୍କୁ ସୁରକ୍ଷା ଦେଉଛି କିଏ ।

# ପ୍ରକୃତି ପ୍ରତି ଯତ୍ନ ଓ ଦାୟିତ୍ୱର ବାର୍ତ୍ତା ଦେଲା ରାକ୍ଷୀ ପୂର୍ଣ୍ଣିମା

ପାଟଣା, (ମହାଭାରତ) : ଦେଶ ବ୍ୟାପୀ ରାକ୍ଷୀ ପୂର୍ଣ୍ଣିମା ଅବସରରେ ରେ ପଲ୍ଲୀ ଠୁ ସହର ରାକ୍ଷୀ ବନ୍ଧନ ଦେଖିବାକୁ ମିଳି ଥିବା ବେଳେ କେନ୍ଦୁଝର ଜିଲ୍ଲା ରେ ରାକ୍ଷୀ ପୂର୍ଣ୍ଣିମା ଅବସରରେ ପ୍ରକୃତି ପ୍ରତି ଯତ୍ନ ଦାୟିତ୍ୱ ଓ ସଂରକ୍ଷଣର ଏକ ନିଆରା ବାର୍ତ୍ତା ଦେଖିବାକୁ ମିଳିଛି । କେନ୍ଦୁଝର ଜିଲ୍ଲା ର ପାଟଣା,ବାଂଶପାଳ ଓ ସାହାରପଡ଼ା ବ୍ଲକ ର ବିଭିନ୍ନ ଗ୍ରାମରେ ଗ୍ରାମବାସୀ ଗଛରେ ରାକ୍ଷୀ ବାନ୍ଧି ପ୍ରକୃତି ସୁରକ୍ଷା ପାଇଁ ସାମୂହିକ ସଂକଳ୍ପ ନେଇ।ଛନ୍ତି । ଏହି ଅବସରରେ ବିଭିନ୍ନ ଗ୍ରାମର ପ୍ରତିଷ୍ଠାନ ଛଅ ସଦସ୍ୟ, ମହିଳା, ଶିଶୁ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଗଛ କୁ ଭାଇ ବା ଭଉଣୀ ଭାବେ ଗ୍ରହଣ କରି ଏକାଠି ହୋଇ ଗଛରେ ରାକ୍ଷୀ ବାନ୍ଧି ଛନ୍ତି । ଏହି ପ୍ରତୀକାତ୍ମକ ପଦକ୍ଷେପ ମାଧ୍ୟମରେ ଗଛ ଓ ଜଙ୍ଗଲ



ର ଯତ୍ନ ନେବା ସହ ସୁରକ୍ଷା କରିବା ଏବଂ ତାହାକୁ ଲାଳନ ପାଳନ କରିବା ପାଇଁ ପ୍ରତି ବଦ୍ଧତା ପ୍ରକାଶ କରିଛନ୍ତି । ପାରମ୍ପରିକ ରାକ୍ଷୀ ପୂର୍ଣ୍ଣିମାକୁ ପରିବେଶ ସୁରକ୍ଷା ସହ ଯୋଡ଼ିବାର ଏହି ପ୍ରୟାସ ମାଧ୍ୟମରେ ପ୍ରକୃତି ସହ ମଣିଷର ସମ୍ପର୍କକୁ ନୂଆ ଦୃଷ୍ଟିରେ ଦେଖିବାର ସୁଯୋଗ ସୃଷ୍ଟି ହୋଇଥିଲା । ଜଙ୍ଗଲ ଓ ପ୍ରାକୃତିକ ସମ୍ପଦର ପରିଚାଳନା କେବଳ ନିୟମ ଓ ବ୍ୟବସ୍ଥାପନାର ବିଷୟ ନୁହେଁ, ବରଂ ପ୍ରକୃତି ପ୍ରତି ଯତ୍ନ, ଦାୟିତ୍ୱ ଓ ପାରସ୍ପରିକ ସମ୍ପର୍କ ଗଢ଼ି ତୋଳିବା ହିଁ ଏହାର ମୂଳ ଆଧାର ବୋଲି ଅଂଶଗ୍ରହଣକାରୀମାନେ ମତ ପ୍ରକାଶ କରିଛନ୍ତି । ସ୍ଥାନୀୟ ସମୁଦାୟ ଙ୍କ ମତରେ, ଜଙ୍ଗଲ ସୁରକ୍ଷା ପାଇଁ କେବଳ ଆଇନ ଓ ନିୟମ ଯଥେଷ୍ଟ ନୁହେଁ । ଜଙ୍ଗଲ ସହ ଜଡ଼ିତ ସମୁଦାୟଙ୍କ ମନରେ ପ୍ରକୃତି ପ୍ରତି ଯତ୍ନ, ଦାୟିତ୍ୱ ଓ ଆପଣପଣିଆ ଭାବର ବିକାଶ ହେବା ମଧ୍ୟ ରାକ୍ଷୀ ପୂର୍ଣ୍ଣିମା କେବଳ ଭାଇ-ଭଉଣୀର ସମ୍ପର୍କର ପର୍ବ ନ ହୋଇ, ମଣିଷ ଓ ପ୍ରକୃତି ମଧ୍ୟରେ ଯତ୍ନ,ଦାୟିତ୍ୱ ଓ ପାରସ୍ପରିକତା ସମ୍ପର୍କ ସୁଦୃଢ଼ କରିବାର ଏକ ସାମୂହିକ ପ୍ରୟାସ ପରିଣତ ହୋଇଥାଏ ।

## ବ୍ରହ୍ମଗିରି ପଞ୍ଚାୟତ ସମିତିର ସପ୍ତମ ସାଧାରଣ ବୈଠକ

ବ୍ରହ୍ମଗିରି, (ମହାଭାରତ): ବ୍ରହ୍ମଗିରି ପଞ୍ଚାୟତ ସମିତିର ଅଧ୍ୟକ୍ଷା ରତ୍ନମାଳା ବେହେରାଙ୍କ ଅଧ୍ୟକ୍ଷତାରେ ସପ୍ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତିର ସମସ୍ତ ଗ୍ରାମ ପଞ୍ଚାୟତର ପ୍ରତିନିଧି ମାନେ ଯୋଗ ଦେଇଥିଲେ । ଉକ୍ତ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ଶିକ୍ଷା, ସ୍ୱାସ୍ଥ୍ୟ,ପାନୀୟ ଜଳ ଯୋଗାଣ ଓ ପରିମଳ,ଉଦ୍ୟାନ,ଖାଦ୍ୟ ଯୋଗାଣ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ,ସମାଜ ମଙ୍ଗଳ,ଗମନା ଗମନ,କୃଷି,ପଶୁ ପାଳନ,ମତ୍ସ୍ୟ ଚାଷ,ବିଦ୍ୟୁତ୍ ଭଳି ଅନେକ ବିଷୟରେ ଅନେକ ଅଭିଯୋଗ ସମ୍ବୋଧରେ ଆଲୋଚନା କରାଯାଇଥିଲା । ଗ୍ରାମ ପଞ୍ଚାୟତର ପ୍ରତିନିଧି ମାନେ ସେମାନଙ୍କ ଗ୍ରାମ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ ଆଣିଥିଲେ ଏବଂ ଉକ୍ତ ବୈଠକରେ ମଣ୍ଡଳ ଉନ୍ନୟନ ଅଧିକାରୀଣି ମନିଷା ଷଡ଼ଙ୍ଗୀ ଅଭିଯୋଗ ଆସିଥିବା ବିଭିନ୍ନ ବିଭାଗର ଅଧିକାରୀଙ୍କୁ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ସରକାରୀ ଦଳର ଚାପରେ ପଞ୍ଚାୟତ ସମିତି ଚାଲୁଛି ବୋଲି ଅନେକ ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ ଆଣିଥିଲେ ।ସରକାରୀ ଦଳକୁ ସମର୍ଥନ କରୁଥିବା ପ୍ରତିନିଧିମାନଙ୍କ ସମସ୍ତ ପ୍ରକଳ୍ପର ବିଲ୍ କରାଯାଉଛି ଏବଂ ଅନ୍ୟ ପ୍ରତିନିଧି ମାନେ ସେମାନଙ୍କ ପଞ୍ଚାୟତରେ ଯେଉଁ ସରକାରୀ ପ୍ରକଳ୍ପକୁ କରୁଛନ୍ତି ତାହାର ବିଲ୍ ପାଇଁ ବାରମ୍ବାର ପଞ୍ଚାୟତ ସମିତି ଆସିବାକୁ ପଡୁଛି ବୋଲି ଅନେକ ପ୍ରତିନିଧି ଅଭିଯୋଗ ଆଣିଥିଲେ । ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗ ଥିଲା ସରକାରୀ କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତର ପ୍ରତିନିଧି ମାନଙ୍କୁ ଗୁରୁତ୍ୱ ଦିଆଯାଉନାହିଁ ବୋଲି ଅଭିଯୋଗ ହୋଇଥିଲା । ଉକ୍ତ ପ୍ରସଙ୍ଗ ଉପରେ ମଣ୍ଡଳ ଉନ୍ନୟନ ଅଧିକାରୀଣି ମନିଷା ଷଡ଼ଙ୍ଗୀ ବିଚାର କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଏହିଭଳି ଭାବରେ ଅନେକ ସମସ୍ୟା ଉପରେ ଆଲୋଚନା ହୋଇଥିଲା ଏବଂ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ବିଡ଼ିଓ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ବୈଠକରେ ପଞ୍ଚାୟତ ସମିତିର ଅଧ୍ୟକ୍ଷା ରତ୍ନମାଳା ବେହେରା,ମଣ୍ଡଳ ଉନ୍ନୟନ ଅଧିକାରୀଣି ମନିଷା ଷଡ଼ଙ୍ଗୀ,ଉପାଧ୍ୟକ୍ଷା ମାଳିନୀ ଦଳାଇ, ଥାନା ଆରକ୍ଷୀ ନିରୀକ୍ଷକ ବାମଦେବ ସ୍ୱାଇଁ, ତହସିଲଦାର ଦେବାଶିଷ ସେଠି, ବିଧାୟିକାଙ୍କ ପ୍ରତିନିଧି ପ୍ରସନ୍ନ ପଲାଇ, ସାଂସଦଙ୍କ ପ୍ରତିନିଧି ନୀଳକଣ୍ଠ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଦମ୍ପତିଙ୍କ ପାଟିରେ ଏବେ ଗୋଟିଏ ପ୍ରଶ୍ନ "ଆମ ପାଇଁ ସରକାରୀ ଭତ୍ତା କେବେ

ରାଇଘର, (ମହାଭାରତ) : ବୟସର ଅପରାହ୍ନରେ ଯେତେବେଳେ ମଣିଷ ସରକାରୀ ସହାୟତାର ଆଶା କରେ, ସେତେବେଳେ ଯଦି ସେହି ସହାୟତା ମିଳିନଥାଏ, ତା'ଠାରୁ ବଡ଼ ଦୁଃଖ ଆଉ କ'ଣ ହୋଇପାରେ ଏଭଳି ଏକ ହୃଦୟସ୍ପର୍ଶୀ ଚିତ୍ର ସାମ୍ନାକୁ ଆସିଛି ରାଇଘର ବ୍ଲକ ଅନ୍ତର୍ଗତ କୁରାବେଢା ଗ୍ରାମ ପଞ୍ଚାୟତର କୁଣ୍ଡରାପାଣି ଗାଁରୁ ।ଗାଁର ଏହି ବୃଦ୍ଧ ଦମ୍ପତିଙ୍କ ବୟସ ୬୦ ବର୍ଷରୁ ଉର୍ଦ୍ଧ୍ୱ । ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେମାନେ ସରକାରୀ ଭତ୍ତାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି । ବୟସ ବଢ଼ିବା ସହ ଆର୍ଥିକ ଅଭାବ ମଧ୍ୟ ସେମାନଙ୍କ ଜୀବନର ନିତିଦିନିଆ ସମସ୍ୟା ପାଲଟିଛି ।ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗରିବ, ବୃଦ୍ଧ ଓ ଅସହାୟ ଲୋକଙ୍କ ପାଇଁ ହୋଇଥିବା ବେଳେ, ଯୋଗ୍ୟ ହିତାଧିକାରୀ ଯଦି ଏହାର ଲାଭରୁ ବଞ୍ଚିତ ହୁଅନ୍ତି, ତେବେ ଯୋଜନାର ସୁଫଳ ପ୍ରକୃତରେ କାହା ପାଖରେ ପହଞ୍ଚୁଛି ଏହା ଏବେ ବଡ଼ ପ୍ରଶ୍ନ ।ବାର୍ଦ୍ଧକ୍ୟରେ ଆଶ୍ରା ଖୋଜୁଥିବା ଏହି ଦମ୍ପତିଙ୍କ ଆଖିରେ ଏବେ ଗୋଟିଏ ପ୍ରଶ୍ନ "ଆମ ପାଇଁ ସରକାରୀ ଭତ୍ତା କେବେ"ଏହି ବୃଦ୍ଧ ଦମ୍ପତିଙ୍କ ସମସ୍ୟା ପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ, ଯଦି ସେମାନେ ନିୟମ ଅନୁସାରେ ଯୋଗ୍ୟ ହୋଇଥାନ୍ତି, ତେବେ ଶୀଘ୍ର ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବାକୁ ଦାବି ହୋଇଛି ।

## ବାର୍ଦ୍ଧକ୍ୟରେ ଭତ୍ତା ଅପେକ୍ଷାରେ ନବଦମ୍ପତି

ରାଇଘର, (ମହାଭାରତ) : ବୟସର ଅପରାହ୍ନରେ ଯେତେବେଳେ ମଣିଷ ସରକାରୀ ସହାୟତାର ଆଶା କରେ, ସେତେବେଳେ ଯଦି ସେହି ସହାୟତା ମିଳେନାହିଁ, ତା'ଠାରୁ ବଡ଼ ଦୁଃଖ ଆଉ କ'ଣ ହୋଇପାରେ ଏଭଳି ଏକ ହୃଦୟସ୍ପର୍ଶୀ ଚିତ୍ର ସାମ୍ନାକୁ ଆସିଛି ରାଇଘର ବ୍ଲକ ଅନ୍ତର୍ଗତ କୁରାବେଢା ଗ୍ରାମ ପଞ୍ଚାୟତର କୁଣ୍ଡରାପାଣି ଗାଁରୁ ।ବୟସ ଦୁଇଜଣଙ୍କର ୬୦ ବର୍ଷରୁ ଉର୍ଦ୍ଧ୍ୱ ।ବାଲସାୟ ଗଣ୍ଡ ଓ ପାଞ୍ଚମତୀ ଗଣ୍ଡ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାରୀ ଭତ୍ତାରୁ ବଞ୍ଚିତ ଏହି ନବଦମ୍ପତି । ଦିନକୁ ଦିନ ବଢୁଥିବା ବୟସ ସହ ଆର୍ଥିକ ଅଭାବ ମଧ୍ୟ ଯେପରି ସେମାନଙ୍କ ଜୀବନର ସାଥୀ ପାଲଟିଛି । ପ୍ରଶାସନିକ ଅବହେଳା ଯୋଗୁଁ ସରକାରଙ୍କ ଭତ୍ତା ଯୋଜନାର ସୁବିଧା ନପାଇ ଦିନ କାଟୁଥିବା ଦେଖିବାକୁ ମିଳିଛି । ବାର୍ଦ୍ଧକ୍ୟରେ ଆଶ୍ରା ଖୋଜୁଥିବା ଏହି ଦମ୍ପତିଙ୍କ ଆଖିରେ ଏବେ କେବଳ ଗୋଟିଏ ପ୍ରଶ୍ନ ଆମ ପାଇଁ ସରକାରୀ ଭତ୍ତା କେବେ ସରକାରୀ ଯୋଜନା ଗରିବ ଓ ଅସହାୟଙ୍କ ପାଇଁ ହୋଇଥିବା ବେଳେ, ଯଦି ଯୋଗ୍ୟ ହିତାଧିକାରୀ ହିଁ ଏଥିରୁ ବଞ୍ଚିତ ହୁଅନ୍ତି, ତେବେ ଯୋଜନାର ଲାଭ କାହା ପାଖରେ ପହଞ୍ଚୁଛି ଏହା ଏବେ ବଡ଼ ପ୍ରଶ୍ନ ।

# ବ୍ରହ୍ମଗିରି ପଞ୍ଚାୟତ ସମିତିର ସପ୍ତମ ସାଧାରଣ ବୈଠକ

ବ୍ରହ୍ମଗିରି, (ମହାଭାରତ): ବ୍ରହ୍ମଗିରି ପଞ୍ଚାୟତ ସମିତିର ଅଧ୍ୟକ୍ଷା ରତ୍ନମାଳା ବେହେରାଙ୍କ ଅଧ୍ୟକ୍ଷତାରେ ସପ୍ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତିର ସମସ୍ତ ଗ୍ରାମ ପଞ୍ଚାୟତର ପ୍ରତିନିଧି ମାନେ ଯୋଗ ଦେଇଥିଲେ । ଉକ୍ତ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ଶିକ୍ଷା, ସ୍ୱାସ୍ଥ୍ୟ,ପାନୀୟ ଜଳ ଯୋଗାଣ ଓ ପରିମଳ, ଉଦ୍ୟାନ, ଖାଦ୍ୟ ଯୋଗାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ,ସମାଜ ମଙ୍ଗଳ, ଗମନ । ଗମନ,କୃଷି,ପଶୁ ପାଳନ,ମତ୍ସ୍ୟ ଚାଷ,ବିଦ୍ୟୁତ୍ ଭଳି ଅନେକ ବିଷୟରେ ଅନେକ ଅଭିଯୋଗ ସମ୍ବୋଧରେ ଆଲୋଚନା କରାଯାଇଥିଲା । ଗ୍ରାମ ପଞ୍ଚାୟତର ପ୍ରତିନିଧି ମାନେ ସେମାନଙ୍କ ଗ୍ରାମ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ ଆଣିଥିଲେ ଏବଂ ଉକ୍ତ ବୈଠକରେ ମଣ୍ଡଳ




ଉନ୍ନୟନ ଅଧିକାରୀଣି ମନିଷା ଷଡ଼ଙ୍ଗୀ ଅଭିଯୋଗ ଆସିଥିବା ବିଭିନ୍ନ ବିଭାଗର ଅଧିକାରୀଙ୍କୁ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ସରକାରୀ ଦଳର ଚାପରେ ପଞ୍ଚାୟତ ସମିତି ଚାଲୁଛି ବୋଲି ଅନେକ ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ ଆଣିଥିଲେ ।ସରକାରୀ ଦଳକୁ ସମର୍ଥନ କରୁଥିବା ପ୍ରତିନିଧିମାନଙ୍କ ସମସ୍ତ ପ୍ରକଳ୍ପର ବିଲ୍ କରାଯାଉଛି ଏବଂ ଅନ୍ୟ ପ୍ରତିନିଧି ମାନେ ସେମାନଙ୍କ ପଞ୍ଚାୟତରେ ଯେଉଁ ସରକାରୀ ପ୍ରକଳ୍ପକୁ କରୁଛନ୍ତି ତାହାର ବିଲ୍ ପାଇଁ ବାରମ୍ବାର ପଞ୍ଚାୟତ ସମିତି ଆସିବାକୁ ପଡୁଛି ବୋଲି ଅନେକ ପ୍ରତିନିଧି ଅଭିଯୋଗ ଆଣିଥିଲେ । ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗ ଥିଲା ସରକାରୀ କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତର ପ୍ରତିନିଧି ମାନଙ୍କୁ ଗୁରୁତ୍ୱ ଦିଆଯାଉନାହିଁ ବୋଲି ଅଭିଯୋଗ ହୋଇଥିଲା । ଉକ୍ତ ପ୍ରସଙ୍ଗ ଉପରେ ମଣ୍ଡଳ ଉନ୍ନୟନ ଅଧିକାରୀଣି ମନିଷା ଷଡ଼ଙ୍ଗୀ ବିଚାର କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଏହିଭଳି ଭାବରେ ଅନେକ ସମସ୍ୟା ଉପରେ ଆଲୋଚନା ହୋଇଥିଲା ଏବଂ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ବିଡ଼ିଓ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ବୈଠକରେ ପଞ୍ଚାୟତ ସମିତିର ଅଧ୍ୟକ୍ଷା ରତ୍ନମାଳା ବେହେରା,ମଣ୍ଡଳ ଉନ୍ନୟନ ଅଧିକାରୀଣି ମନିଷା ଷଡ଼ଙ୍ଗୀ,ଉପାଧ୍ୟକ୍ଷା ମାଳିନୀ ଦଳାଇ, ଥାନା ଆରକ୍ଷୀ ନିରୀକ୍ଷକ ବାମଦେବ ସ୍ୱାଇଁ, ତହସିଲଦାର ଦେବାଶିଷ ସେଠି, ବିଧାୟିକାଙ୍କ ପ୍ରତିନିଧି ପ୍ରସନ୍ନ ପଲାଇ, ସାଂସଦଙ୍କ ପ୍ରତିନିଧି ନୀଳକଣ୍ଠ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଲା କନିଷ୍ଠ ରାଜ୍ୟସ୍ୱ ସହାୟକ

ପାଟଣା(ମହାଭାରତ): ଭିଜିଲାନ୍ସ ହାତରେ ଧରାପଡିଲେ କନିଷ୍ଠ ରାଜ୍ୟସ୍ୱ ସହାୟକ କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ରେ କାର୍ଯ୍ୟାଳୟ ରେ କାର୍ଯ୍ୟରତ କନିଷ୍ଠ ରାଜ୍ୟସ୍ୱ ସହାୟକ ବି.ଏଚ ଉମାଶଙ୍କର ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସୂଚନା ରୁ ପ୍ରକାଶ ଖିରେଇଟାଙ୍ଗିରୀ ପଞ୍ଚାୟତ ଡଲଙ୍ଗ ଗ୍ରାମ ର କୁଶଳେଶ୍ୱର ମହାନ୍ତ ନିଜ ଜମି କୁ ପାଟିସନ କରିବାକୁ ଆବେଦନ କରି କାର୍ଯ୍ୟ ନ ହେବାରୁ କନିଷ୍ଠ ରାଜ୍ୟସ୍ୱ ସହାୟକ ବି.ଏଚ ଉମାଶଙ୍କର ଙ୍କୁ ପରାମର୍ଶ କରିବାରୁ ଦଶ ହଜାର ଟଙ୍କା ଲାଞ୍ଚ ଦେଲେ ପାଟିସନ୍ କରିଦେବାକୁ କହିଥିବା ବେଳେ ଏନେଇ କୁଶଳେଶ୍ୱର ମହାନ୍ତ କେନ୍ଦୁଝର ଭିଜିଲାନ୍ସ ର ଦ୍ୱାରସ୍ଥ ହେବା ସହ ଛଅ ହଜାର ଟଙ୍କା ଆଣି ତହସିଲ କାର୍ଯ୍ୟାଳୟ ରେ କନିଷ୍ଠ ରାଜସ୍ୱ ସହାୟକ ବି.ଏଚ ଉମାଶଙ୍କର ଙ୍କୁ କୁଶଳେଶ୍ୱର ମହାନ୍ତ ଙ୍କ ପାଖ ରୁ ଛଅ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ କେନ୍ଦୁଝର ଭିଜିଲାନ୍ସ ଡିଏସପି ସୁଧାଂଶୁ ଶେଖର ପୂଜାରୀ,ବାଲେଶ୍ୱର ଭିଜିଲାନ୍ସ ଅଧିକାରୀ ଚିତ୍ରଗୁପ୍ତ ଚାମ୍ପିଆ ଟିମ୍ ମାଡ଼ି ବସି ସହ ଲାଞ୍ଚ ଟଙ୍କା ଜବତ ରଖିବା ସହ ତଦନ୍ତ ଜାରି ରଖିଥିବା ଭିଜିଲାନ୍ସ ଡିଏସପି ସୂଚନା ଦେଇଛନ୍ତି।

## ରାକ୍ଷୀ ପୂର୍ଣ୍ଣିମାରେ ସାମ୍ବାଦିକ ଭାଇଙ୍କୁ ରାକ୍ଷୀ ବାନ୍ଧିଲେ ବ୍ରହ୍ମକୁମାରୀ ଭଉଣୀମାନେ

ପାରଳାଖେମୁଣ୍ଡି (ମହାଭାରତ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହରର ଓମ୍ ଶାନ୍ତି କଲୋନୀଠାରେ ଅବସ୍ଥିତ ବ୍ରହ୍ମକୁମାରୀ ଶାନ୍ତି ସନ୍ଦେଶ ଭବନ ପରିସରରେ ଆଜି ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଏକ ନିଆରା ଭାଇ-ଭଉଣୀ ସମ୍ପର୍କର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ଶାନ୍ତି ସନ୍ଦେଶ ଭବନର ବ୍ରହ୍ମକୁମାରୀ ଭଉଣୀମାନେ ପାରଳାଖେମୁଣ୍ଡିର ସାମ୍ବାଦିକ ଭାଇମାନଙ୍କୁ ରାକ୍ଷୀ ବାନ୍ଧି ଭାଇ-ଭଉଣୀର ପବିତ୍ର ସମ୍ପର୍କକୁ ଆହୁରି ମଜବୁତ କରିଥିଲେ। ରାକ୍ଷୀ ବାନ୍ଧିବା ସହ ଭାଇମାନଙ୍କର ଦୀର୍ଘାୟୁ, ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ।କାର୍ଯ୍ୟକ୍ରମରେ ରାକ୍ଷୀ ପୂର୍ଣ୍ଣିମାର ଆଧ୍ୟାତ୍ମିକ ମହତ୍ତ୍ୱ ଓ ଭାଇ-ଭଉଣୀର ପବିତ୍ର ସମ୍ପର୍କ ସମ୍ପର୍କରେ ଆଲୋଚନା ହୋଇଥିଲା। ସମାଜରେ ଶାନ୍ତି, ଭାଇଚାରା, ସଦ୍ ?ଭାବନା ଓ ମାନବିକ ମୂଲ୍ୟବୋଧ ବଜାୟ ରଖିବା ପାଇଁ ସମସ୍ତେ ଏକାଠି ହୋଇ କାମ କରିବା ଆବଶ୍ୟକ ବୋଲି ଉପସ୍ଥିତ ଅତିଥି ଓ ଭଉଣୀମାନେ ମତ ପ୍ରକାଶ କରିଥିଲେ।ବିଶେଷକରି ସମାଜର ବିଭିନ୍ନ ଘଟଣାକୁ ଲୋକଙ୍କ ସମ୍ମୁଖକୁ ଆଣିବା ସହ ସତ୍ୟ ଓ ନିରପେକ୍ଷ ଖବର ପ୍ରକାଶ କରି ସାମ୍ବାଦିକମାନେ ସମାଜ ପ୍ରତି ନିଜର ଦାୟିତ୍ୱ ତୁଲାଉଥିବାରୁ ସେମାନଙ୍କୁ ରାକ୍ଷୀ ବାନ୍ଧିବା ଏହି କାର୍ଯ୍ୟକ୍ରମର ଏକ ବିଶେଷ ଆକର୍ଷଣ ଥିଲା।ଏହି ଅବସରରେ ସାମ୍ବାଦିକ ଭାଇମାନେ ମଧ୍ୟ ବ୍ରହ୍ମକୁମାରୀ ଭଉଣୀମାନଙ୍କ ଠାରୁ ରାକ୍ଷୀ ଗ୍ରହଣ କରି ସେମାନଙ୍କ ଭଲପାଇବା ଓ ଶୁଭେଚ୍ଛା ପାଇଁ କୃତଜ୍ଞତା ଜଣାଇଥିଲେ। ରାକ୍ଷୀ ପୂର୍ଣ୍ଣିମା କେବଳ ରାକ୍ଷୀ ବାନ୍ଧିବାର ପର୍ବ ନୁହେଁ, ବରଂ ପରସ୍ପର ମଧ୍ୟରେ ସ୍ନେହ, ବିଶ୍ୱାସ, ସମ୍ମାନ ଓ ଦାୟିତ୍ୱବୋଧକୁ ଦୃଢ଼ କରିବାର ଏକ ପବିତ୍ର ଅବସର ବୋଲି ମତ ପ୍ରକାଶ ପାଇଥିଲା।ଶାନ୍ତି ସନ୍ଦେଶ ଭବନରେ ଅନୁଷ୍ଠିତ ଏହି ନିଆରା ରାକ୍ଷୀ ପୂର୍ଣ୍ଣିମା କାର୍ଯ୍ୟକ୍ରମ ସାମ୍ବାଦିକ ଓ ବ୍ରହ୍ମକୁମାରୀ ଭଉଣୀମାନଙ୍କ ମଧ୍ୟରେ ଏକ ସୁନ୍ଦର ସମ୍ପର୍କର ସେତୁ ସୃଷ୍ଟି କରିଥିଲା। ଉପସ୍ଥିତ ସମସ୍ତେ ଏହି ଅବସରରେ ଶାନ୍ତି, ସଦ୍ ?ଭାବନା ଓ ଭାଇଚାରାର ବାର୍ତ୍ତା ପ୍ରଚାର କରିବାକୁ ସଂକଳ୍ପ ନେଇଥିଲେ।

## ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ପାଳିତ

ପାରଳାଖେମୁଣ୍ଡି(ମହାଭାରତ): ମହାନ ହକି ଖେଳାଳି ତଥା ଭାରତୀୟ କ୍ରୀଡ଼ା ଜଗତର କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଜୟନ୍ତୀ ଅବସରରେ ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଜିଲ୍ଲାରେ ଆଜି ୨୮ ଅଗଷ୍ଟ ରିଖଠାରୁ ୩୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କ୍ରୀଡ଼ାଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ତିନିଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିନ ଅର୍ଥାତ୍ ଅଗଷ୍ଟ ୨୮ ତାରିଖକୁ 'ଟ୍ରିବ୍ୟୁଟ୍' ଦିବସ ଭାବେ ପାଳନ କରାଯାଇଥିଲା।ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଶ୍ରୀ ଦୟାମୟ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ଶ୍ରୀ ବିନାୟକ ରାଉଳ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ସୁରେନ୍ଦ୍ର ପାତ୍ର, ବିଶିଷ୍ଟ କ୍ରୀଡ଼ାବିତ୍ ଶ୍ରୀ କିଶୋର ରଥ ଏବଂ କ୍ରୀଡ଼ାପ୍ରେମୀ ତଥା କବି ଶ୍ରୀ ବିଚିତ୍ରାନନ୍ଦ ବେବର୍ତ୍ତା ଯୋଗଦେଇଥିଲେ। ଅତିଥିମାନେ ମହାନ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ଅମର କ୍ରୀଡ଼ା ପ୍ରତିଭା ଓ ଦେଶ ପାଇଁ ଅବଦାନକୁ ସ୍ମରଣ କରିଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ବୃଦ୍ଧି କରିବା, ଫିଟନେସ୍ ଓ ଶାରୀରିକ ସୁସ୍ଥତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ମେଜର ଧ୍ୟାନଚାନ୍ଦଙ୍କ ମହାନ କ୍ରୀଡ଼ା ଅବଦାନକୁ ସ୍ମରଣ କରିବା ହେଉଛି ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ। ନିୟମିତ କ୍ରୀଡ଼ା ଓ ଶାରୀରିକ ବ୍ୟାୟାମ ଯୁବପିଢ଼ିଙ୍କୁ ସୁସ୍ଥ, ଶୃଙ୍ଖଳିତ ଓ ଆତ୍ମବିଶ୍ୱାସୀ କରିବାରେ ସହାୟକ ହୋଇଥାଏ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଜାତୀୟସ୍ତରୀୟ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରମାଣପତ୍ର ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ଏହାଦ୍ୱାରା ଜିଲ୍ଲାର ପ୍ରତିଭାବାନ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ କ୍ରୀଡ଼ା କ୍ଷେତ୍ରରେ ଅଧିକ ସଫଳତା ହାସଲ ପାଇଁ ପ୍ରେରଣା ଯୋଗାଇବାର ପ୍ରୟାସ କରାଯାଇଛି। ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ପାଳନ କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ତ୍ରିନାଥ ସାହୁଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ସର୍ପାଘାତରେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ

ପାତ୍ରପୁର (ମହାଭାରତ) ସାପ କାମୁଡ଼ାରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ପାତ୍ରପୁର ତହସିଲ ଜରଡ଼ା ଥାନା ଅନ୍ତର୍ଗତ ନୂଆଁପେଣ୍ଠ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ରଣା (୬୯)। ସୁଚନା ପ୍ରକାରେ ଗତ ଶନିବାର ରାତିରେ ଶ୍ରୀ ରଣା ନିଜ ଦୋକାନ ଗୃହର ସଟର ବନ୍ଦ କରୁଥିବା ସମୟରେ ଏକ ବିଷାକ୍ତ ସାପ ତାଙ୍କ ଆଙ୍ଗୁଠିକୁ କାମୁଡ଼ି ଦେଇଥିଲା । ପ୍ରଥମେ ତାଙ୍କୁ ପାତ୍ରପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ବ୍ରହ୍ମପୁର ଡାକ୍ତରଖାନାରେ ଦୀର୍ଘ ସପ୍ତାହେ ଧରି ଚିକିତ୍ସାଧୀନ ଅବସ୍ଥାରେ ରହିବା ପରେ ଆଜି ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ସ୍ୱର୍ଗତ ରଣା ନୂଆଁପେଣ୍ଠ ହାଇସ୍କୁଲରୁ ଜଣେ ଆଦର୍ଶ ଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ଗାଁକୁ ଅଣାଯାଇ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ପୁଅ ରାଜେଶ ରଣା ମୁଖାଗ୍ନି ଦେଇଥିଲେ।ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ସମଗ୍ର ନୂଆଁପେଣ୍ଠ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଶିକ୍ଷକ ନେତା ଟୁଟୁ ପ୍ରଧାନଙ୍କ ସମେତ ଅଞ୍ଚଳର ବହୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ସ୍ୱର୍ଗତ ରଣାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ଅଜୟଗଡ଼ରେ ମେଗା ଜନ ଅଭିଯୋଗ ଶୁଣାଣୀ

## ୧୫୦୦ରୁ ଅଧିକ ଜନସାଧାରଣଙ୍କ ଉପସ୍ଥିତି



ଗୁମ୍ମା(ମହାଭାରତ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଅଜୟଗଡ଼ଠାରେ ଏକ ବୃହତ୍ ମେଗା ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଜୟଗଡ଼ ଓ ଏହାର ନିକଟବର୍ତ୍ତୀ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ ଲୋକ ଏହି ଶୁଣାଣୀରେ ଯୋଗଦେଇ ନିଜ ନିଜ ସମସ୍ୟା ଓ ଅଭିଯୋଗ ଜଣାଇଥିଲେ।କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ, ଗୁମ୍ମା ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଲେରାମ ମାରାଣ୍ଡି, ଗୁମ୍ମା ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ଏହି ମେଗା ଜନ ଅଭିଯୋଗ ଶୁଣାଣୀରେ ଅଜୟଗଡ଼ ନିକଟବର୍ତ୍ତୀ ଅଞ୍ଚଳରୁ ୧୫୦୦ରୁ ଅଧିକ ଜନସାଧାରଣ ଯୋଗଦେଇଥିବା ଜଣାପଡ଼ିଛି। ଲୋକମାନେ ରାସ୍ତା, ପାନୀୟ ଜଳ, ଆବାସ, ଜମିଜମା, ଶିକ୍ଷା, ସ୍ୱାସ୍ଥ୍ୟ, ଭତ୍ତା ଓ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କିତ ସମସ୍ୟା ଅଧିକାରୀ ଓ ବିଧାୟକଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ।ବିଧାୟକ ରୂପେଶ ପାଣିଗ୍ରାହୀ ଲୋକଙ୍କ ଅଭିଯୋଗଗୁଡ଼ିକୁ ଗୁରୁତ୍ୱର ସହ ଶୁଣିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ଗ୍ରାମାଞ୍ଚଳର ଲୋକଙ୍କ ନିକଟରେ ପ୍ରଶାସନ ପହଞ୍ଚି ସେମାନଙ୍କ ସମସ୍ୟା ଶୁଣୁଥିବାରୁ ଏହି ଜନ ଅଭିଯୋଗ ଶୁଣାଣୀକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି।ଗୁମ୍ମା ବ୍ଲକରେ ଏଭଳି ଜନମୁଖୀ କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିଲେ ଦୂରଦୂରାନ୍ତର ଲୋକମାନେ ନିଜ ସମସ୍ୟାର ସମାଧାନ ପାଇବାରେ ଅଧିକ ସୁବିଧା ପାଇବେ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

## ଏସବିଆଇ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ୍ ପ୍ରତିଷ୍ଠାନ ପକ୍ଷରୁ ମହିଳା ବିୟୁଟି ପାର୍ଲର ପାଇଁ ତାଲିମ୍




ନୟାଗଡ଼, ( ମହାଭାରତ ) : ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ୍ ପ୍ରତିଷ୍ଠାନ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ସଦର ମହକୁମା ଠାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ନୟାଗଡ଼ ଶାଖା ପକ୍ଷରୁ ଅନୁଷ୍ଠିତ ଏହି ଗ୍ରାମୀଣ ଆତ୍ମନିଯୁକ୍ତି ରେ ନୟାଗଡ଼ ଜିଲ୍ଲାର ବିଭିନ୍ନ ଏସ୍‌ଓଜି ଗ୍ରୁପ୍ ବା ବିଭିନ୍ନ ବର୍ଗର ମହିଳା ମାନେ ସାମିଲ୍ ହୋଇ ମହିଳା ବିୟୁଟି ପାର୍ଲର ପାଇଁ ତାଲିମ୍ ନେଇଛନ୍ତି। ଏହି ବିୟୁଟି ପାର୍ଲର ତାଲିମ୍ କେନ୍ଦ୍ର ରେ ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ଶୁଶ୍ରୀ ବ୍ରତତୀ ନାୟକ ଯୋଗ ଦେଇଥିବା ବେଳେ ଆର୍.ସେ.ଟି ନିର୍ଦ୍ଦେଶିକା ସସ୍ମିତା ମିଶ୍ର, ମହିଳା ଓ ଶିଶୁ ବିକାଶ ର ତାଲିମ ଦାତା ଶ୍ରୀମତୀ ସମଲେଶ୍ୱରୀ ମହାନ୍ତି ଏବଂ ପ୍ରଶିକ୍ଷକ ଶ୍ରୀ ଗୋପାଳ ଚନ୍ଦ୍ର ନାୟକ ଆରସି.ଟି ରେ ପ୍ରଶିକ୍ଷଣ ଦେଇ ତାଲିମ୍ ସାଥୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ତାଲିମ୍ ପ୍ରଶିକ୍ଷଣ ସମ୍ପୂର୍ଣ୍ଣ ଦେୟ ମୁକ୍ତ ହୋଇଥିବାରୁ ଏହି ତାଲିମ୍ ଅଂଶ ଗ୍ରହଣ କରିବାକୁ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଅର୍ଥାତ୍ ବୌଦ୍ଧ, ବଲାଙ୍ଗୀର, କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ଗଞ୍ଜାମ, ଅନୁଗୁଳ ଏବଂ କନ୍ଧମାଳ ଜିଲ୍ଲା ରୁ ବହୁ ମହିଳା ମାନେ ଆଶି ଏହି ନୟାଗଡ଼ ଆର୍.ସି.ଟି ରେ ବିଭିନ୍ନ ପ୍ରକାରର ତାଲିମ୍ ନେଇଥାନ୍ତି। କେବଳ ଯେ ଆର୍.ସି.ଟି ପକ୍ଷରୁ ତାଲିମ୍ ଦିଆଯାଏ ନାହିଁ ତାଲିମ୍ ସାଥୀ ମାନେ ତାଲିମ୍ ନେଇସାରିବା ପରେ ସେମାନେ ରୋଜଗାର କ୍ଷମ ହୋଇପାରିବେ ତାହା ମଧ୍ୟ ଏହି ପ୍ରଶିକ୍ଷଣ ଶିବିର ରେ କୁହାଯାଇଛି।

## ସ୍କାଉଟ ଓ ଗାଇଡ଼ ମାନଙ୍କ ଦ୍ୱାରା ପବିତ୍ର ରକ୍ଷା ବନ୍ଧନ ଉତ୍ସବ

ଆସିକା (ମହାଭାରତ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆସିକା ଗାୟତ୍ରୀ ନଗର ସ୍ଥିତ ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ସ୍କାଉଟ ଓ ଗାଇଡ଼ ମାନଙ୍କ ଦ୍ୱାରା ପବିତ୍ର ରକ୍ଷା ବନ୍ଧନ ଉତ୍ସବ ବିଦ୍ୟାମନ୍ଦିର ସ୍କାଉଟ ଗାଇଡ଼ ମାନଙ୍କ ଦ୍ୱାରା ମହାଡ଼ମ୍ବର ସହିତ ପାଳିତ ହୋଇଯାଇଛି । ସକାଳୁ ବିଦ୍ୟାମନ୍ଦିର ପ୍ରଧାନଚାର୍ଯ୍ୟା ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ ବିଧିବଦ୍ଧ ଭାବେ ବିଦ୍ୟାମନ୍ଦିରରେ ଛାତ୍ର ଛାତ୍ରୀ ମାନଙ୍କୁ ରୀତିନୀତି ପରମ୍ପରା ଅନୁଯାୟୀ ରକ୍ଷା ବନ୍ଧନ ଉତ୍ସବ ଆରମ୍ଭ କରିଥିଲେ। ପରେ ପରେ ବିଦ୍ୟାମନ୍ଦିରର ସମସ୍ତ ଛାତ୍ର ଛାତ୍ରୀ ପରସ୍ପର କୁ ରକ୍ଷାବନ୍ଧନ ସୂତ୍ରରେ ବାନ୍ଧି ହେଲା ପରେ ବିଦ୍ୟାମନ୍ଦିରର ସ୍କାଉଟ ଓ ଗାଇଡ଼ ମାନେଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଙ୍କ ବାସ ଭବନରେ ପହଞ୍ଚି ବିଧାୟକ ଙ୍କୁ ରାକ୍ଷୀ ବାନ୍ଧିଥିଲେ।

## ଆଳି ନାଗରିକ ମଞ୍ଚର ଦ୍ୱାଦଶ ବାର୍ଷିକୋତ୍ସବ

ଆଳି(ମହାଭାରତ): ଆଳି ନାଗରିକ ମଞ୍ଚର ଦ୍ୱାଦଶ ବାର୍ଷିକ ଉତ୍ସବ ଆଳି ଡାକ ବଙ୍ଗଳା ନିକଟସ୍ଥ ଏ ମାର୍ଟ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ସଭାପତି ଧନେଶ୍ୱର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର,ମୁଖ୍ୟ ବକ୍ତାଭାବେ ବରିଷ୍ଠ ଆଇନ୍ ଜୀବି ଭୀମସେନ ଭୂୟାଁ, ସମ୍ମାନୀତ ଅତିଥି ଭାବେ ଆଳି ଥାନା ଆଇଆଇସି ଅନ୍ତର୍ଯ୍ୟାମୀ ଶ୍ରୀ ଚନ୍ଦନ,ବରିଷ୍ଠ ଆଇନ୍ ଜୀବି ଶରତ ଚନ୍ଦ୍ର ମହାନ୍ତି , ପଣ୍ଡିତ ମହେଶ୍ୱର ନନ୍ଦ, ଶିକ୍ଷାବିତ ପ୍ରମୋଦ ମଲ୍ଲିକ ଯୋଗଦେଇ ଏହି ମଞ୍ଚ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ କବିୟତ୍ରୀ ସନିଭା ମିଶ୍ର ଦାଶ,ଭୂଇଁପୁର ପଞ୍ଚାୟତର ସରପଞ୍ଚ ତଥା ସମାଜସେବୀ ରେଶ୍ମାରାଣୀ ମଲ୍ଲିକ,ବିଶିଷ୍ଟ ସମାଜ ସେବୀ ସୁଧାଂଶୁ ଶେଖର ବେହୁରାଙ୍କୁ ମାନପତ୍ର,ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୃତ୍ୟ ଶିଳ୍ପୀ ଭାବେ ଶୁଭ ଲକ୍ଷ୍ମୀ ଦାଶ ,ଋତୁପର୍ଣ୍ଣା ମାଝୀ, ବର୍ଷା ରାଣୀ ବାରିକ ନୃତ୍ୟ ପରିବେଷଣ କରି ସଭା ମଞ୍ଚକୁ ଚଳ ଚଞ୍ଚଳ କରିଥିଲେ। ମଞ୍ଚର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମଲ୍ଲିକ ସମ୍ପାଦକୀୟ




ବିବରଣୀ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମଞ୍ଚର ଦଶରଥ ମଲିକ, କରୁଣାକର ସାମଲ, ସହଦେବ ସିଂହ, ଡାକ୍ତର କୈଳାସ ଚନ୍ଦ୍ର ମଲ୍ଲିକ,ଶରତ ଚନ୍ଦ୍ର ପାତ୍ର ,ରଞ୍ଜନ କୁମାର ଭୂୟାଁ,ମଞ୍ଜୁଲତା ସାମଲ, ଅନ୍ନପୂର୍ଣ୍ଣା ବିଳାସ, ରୀନାରାଣୀ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

## ସପ୍ତମ ସାଧାରଣ ପଞ୍ଚାୟତସମିତି ବୈଠକ ଅନୁଷ୍ଠିତ



ଅସ୍ତରଙ୍ଗ(ମହାଭାରତ) : ଅସ୍ତରଙ୍ଗ ପଞ୍ଚାୟତ ସମିତି ଆନୁକୂଲ୍ୟରେ ପଞ୍ଚାୟତ ସମିତି ସଭା ଗୃହ ରେ ଶୁକ୍ରବାର ଦିନ ଦିବା ୧୦ ଘଟିକା ସମୟ ରେ ସପ୍ତମ ସାଧାରଣ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା ଯୋଗ ଦେଇଥିବାବେଳେ ଅନ୍ୟ ମାନଙ୍କ ଭିତରେ ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ମଣ୍ଡଳ ଉନ୍ନୟନ ଅଧିକାରୀ ସସ୍ମିତା ବେହେରା, ଏକ ନମ୍ବର ଜୋନ ଜିଲ୍ଲା ପରିଷଦ ସରସ୍ୱତୀ ସ୍ୱାଇଁ, ବ୍ଲକ ଉପାଧକ୍ଷ ଦୁଃର୍ଜ୍ଜୟ ମିଶ୍ର ଯୋଗ ଦେଇଥିବା ବେଳେ ପଞ୍ଚାୟତ ସମିତି ଏହି ବୈଠକ ରେ ସଭାପତିତ୍ୱ କରିଥିଲେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ଆରତୀ ନାୟକ, ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ବ୍ଲକ ତରଫରୁ ପୂର୍ବତନ ବୈଠକ ରେ ଆଲୋଚନା ହୋଇଥିବା ପ୍ରସ୍ତାବ ର ବିବରଣୀ ପାଠ କରାଯାଇଥିଲା, ଏହା ପରେ ଅନେକ ପଞ୍ଚାୟତର ସରପଞ୍ଚ ଓ୍ ସମିତିସଭ୍ୟ ମାନେ ନିଜ ନିଜ ପଞ୍ଚାୟତ ର ଆର୍ଥିକ ବଜେଟ ଉପରେ ପ୍ରଶ୍ନ କରିଥିଲେ, ଏହା ଉପରେ ପଞ୍ଚାୟତ ସମୀତି ତରଫରୁ ବିସ୍ତୃତ ଆଲୋଚନା ମଧ୍ୟ କରାଯାଇଥିଲା, ପଞ୍ଚାୟତ ସମିତି କୁ ଆସିଥିବା ଆର୍ଥିକ ବଜେଟ କିପରି ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ରେ ବିନିଯୋଗ କରାଯିବ ତାହା ଉପରେ ଉପସ୍ଥିତ ସରପଞ୍ଚ, ସମିତିସଭ୍ୟ ମାନଙ୍କ ପରାମର୍ଶ ବ୍ଲକ ପ୍ରଶାସନ ତରଫରୁ ଲୋଡ଼ା ଯାଇଥିଲା ,। ସମସ୍ତେ ଏହି ପ୍ରସ୍ତାବ ଉପରେ ନିଜ ନିଜ ମତାମତ ରଖିଥିଲେ, ବିଶେଷ କରି ବିଦ୍ୟାଳୟ, ଅଙ୍ଗନବାଡ଼ି, ମହିଳା କଲ୍ୟାଣ, ପାନୀୟ ଜଳ ପ୍ରକଳ୍ପ, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା, ଏହି ବୈଠକ ରେ ଅନେକ ସରପଞ୍ଚ, ସମିତିସଭ୍ୟ, ଓ୍ ବିଭିନ୍ନ ଉନ୍ନୟନ ବିଭାଗ ର ଅଧିକାରୀ ମାନେ ଯୋଗ ଦେଇଥିଲେ, ପଞ୍ଚାୟତ ସମିତି ବୈଠକ ଶୃଙ୍ଖଳା ର ସହ ଅନୁଷ୍ଠିତ ହୋଇଥିଲା, ପରିଶେଷରେ ସାଂସଦ ଙ୍କ ପ୍ରତିନିଧି ଦିବାକର ଛାଟୋଇ ଉପସ୍ଥିତ ସମସ୍ତ ସଦସ୍ୟ ଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଅଜଣା ଗାଡି ଧକ୍କାରେ ଭାଙ୍ଗିଲା ଗାଈର ଗୋଡ

ଗଣିଆ,(ମହଭାରତ): ଗତ ମଙ୍ଗଳ ବାର ବିଳମ୍ବିତ ରାତ୍ରି ରେ ଏକ ଅଜଣା ଗାଡି ଧକ୍କାରେ ଏକ ବାଛୁରୀର ଗୋଡ ଭାଙ୍ଗି ଯାଇଥିବା ଘଟଣା ଘଟିଥିଲା ।ମିଳିଥିବା ସୂଚନା ଅନୁସାରେ, ଗଣିଆ ଉପର ବଜାର ଇଣ୍ଡିଆନ ବ୍ୟାଙ୍କ ନିକଟରେ ଏକ ବାଛୁରୀକୁ ଦ୍ରୁତ ଗତିରେ ଆସୁଥିବା ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇ ଯାଇଥିଲା । ଧକ୍କା ହେବା ଫଳରେ ବାଛୁରୀର ଆଗ ବାମ ପାର୍ଶ୍ୱ ଗୋଡଟି ଭାଙ୍ଗି ଯାଇଥିଲା ଓ ବାଛୁରୀ ଟି ରାସ୍ତା କଡରେ ଛଟପଟ ହେଉଥିବା ଜନସାଧାରଣ ସକାଳେ ଦେଖିଥିଲେ ଏବଂ ପ୍ରାଣୀ ଚିକିତ୍ସାଳୟ କୁ ଜଣାଇଥିଲେ ।ଖବର ପାଇ ପ୍ରାଣୀ ଚିକିତ୍ସକ ଡ଼ଃ ରାକେଶ କୁମାର ସାହୁ ଆସି ପ୍ରାଥମିକ ଚିକିତ୍ସା କରିଥିଲେ ଏବଂ ଗୋ ପୁତ୍ର ପରିବାର ଙ୍କ ହେପାଜତ ରେ ରଖିଥିଲେ । ଗୋ ପୁତ୍ର ପରିବାର ପକ୍ଷରୁ ବାଛୁରୀ ର ସୁରକ୍ଷା ଦିଗରେ ରକ୍ଷଣା ବେକ୍ଷଣ କରିଥିଲେ । ମାତ୍ର ଏଭଳି ଗୁରୁତର ଅବସ୍ଥାରେ ପଡିରହିଥିବା ବାଛୁରୀର ଅଧିକ ଚିକିତ୍ସା ପାଇଁ ଗଣିଆ ରେ ସୁବିଧା ନଥିବାକ୍ଷ ବେଳେ ନୟାଗଡ଼ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଙ୍କୁ ଜଣାଇ ଥିଲେ ବୋଲି ଗଣିଆ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ସୂଚନା ଦେଇଥିଲେ ।ରାସ୍ତାରେ ବୁଲା ଗାଈ ଗୋରୁଙ୍କ ସୁରକ୍ଷା ଏବଂ ଦ୍ରୁତ ଗତିରେ ଗାଡି ଚଳାଚଳକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଭଳି ବେପରୁଆ ଗାଡି ଚାଳକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଗଣିଆ ପ୍ରାଣୀ ଚିକିତ୍ସାଳୟ ଭିତରେ ରଖି ଚିକିତ୍ସା କରାନଯାଇ ବାହାରେ ଅସୁରକ୍ଷିତ ଅବସ୍ଥାରେ ରାସ୍ତା କଡରେ ରହୁଥିବା ଯୋଗୁଁ ରେ ସାଧାରଣରେ ଅସନ୍ତୁଷ୍ଟ ପ୍ରକାଶ ପାଇଥିଲା ।

### ପ୍ରତିଶ୍ରୁତି ପରେ ବି ଅବହେଳିତ ସହିଦ ପରିବାର

## ଲୁଣିଆ ଓ ଇରମରେ ୮୪ତମ ସହିଦ ଦିବସ ବର୍ଜନ କରିବାକୁ ଚେତାବନୀ



ଧାମନଗର, (ମହାଭାରତ )ଭଦ୍ରକ ଜିଲ୍ଲାର ବହୁ ସ୍ୱାଧିନତା ସଂଗ୍ରାମୀ ୧୯୪୨ ମସିହା ଅଗଷ୍ଟ ୯ ତାରିଖ ଇଂରେଜମାନଙ୍କ ଅତ୍ୟାଚାର ବିରୋଧରେ ମହାତ୍ମାଗାନ୍ଧୀଙ୍କ ଡାକରାରେ ଭାରତଛାଡ ଆନ୍ଦୋଳନ ସକ୍ରିୟ ଭୁମିକା ନେବା ସହିତ କର ବା ମର ପରିସ୍ଥିତି ଉପୁଜିଥିଲା। ସେହି ଆନ୍ଦୋଳନରେ ଭଦ୍ରକ ଜିଲ୍ଲାର ବହୁ ଛାତ୍ର ଓ ଯୁବକମାନେ ନିଜ ଜୀବନକୁ ଉତ୍ସର୍ଗୀକୃତ କରି ଇଂରେଜମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରି ଲହୁ ଲୁହାଣ ହେବା ସହିତ କାଳ କୋଠରୀରେ ବନ୍ଦୀ ଜୀବନ କଟାଇଥିଲେ। ସେଥି ମଧ୍ୟରୁ ବହୁ ଆନ୍ଦୋଳନକାରୀ ନିଜ ଜୀବନ ମଧ୍ୟ ହରାଇଥିଲେ। ଦେଶ ଓ ମାଟି ପାଇଁ ପ୍ରାଣବଳି ଦେଇଥିବା ସହିଦଙ୍କ ପରିବାର ଆଜି ନିଜ ଅଧିକାର ଓ ସମ୍ମାନ ପାଇଁ ସଂଘର୍ଷ କରୁଥିବା ଅଭିଯୋଗ ନେଇ ଆଜି ଭଦ୍ରକ ଜିଲ୍ଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହୋଇଥିବା ସଂଗ୍ରାମୀ ବ୍ରଜକିଶୋର ରାଉତଙ୍କ ନେତୃତ୍ୱରେ ଜିଲ୍ଲାର କିଛି ସ୍ମୃତି ହୋଇ ୍ୟସର ଅପରାହ୍ନରେ ପହଞ୍ଚିଥିବା ହାତଗଣତି ସ୍ୱାଧୀନତା ସଂଗ୍ରାମୀ ଓ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଲୁଣିଆ ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ୯ ସହିଦ ପରିବାରର ସଦସ୍ୟ ଏବଂ ବାସୁଦେବପୁର ବ୍ଲକର ଐତିହାସିକ ଇରମ ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ୨୯ ସହିଦଙ୍କ ପରିବାରର ଉତ୍ତରାଧିକାରୀ ଯଥା ହରେକୃଷ୍ଣ ପଲାଇ, ଦୟାନିଧି ବେହେରା, ଅକ୍ଷୟ ମହାଳିକ, ଲୋପାମୁଦ୍ରା ନାୟକ, କୁନ୍ତଳା ମହାଳିକ, ସୁବାଶ ମହାଳିକ, ମହେଶ୍ୱର ସାହୁ, ମାୟାଧର ଯେନା ପ୍ରମୁଖ ଏକଜୁଟ ହେବା ସହିତ ସରକାରୀ ଅବହେଳାର ଶିକାର ହୋଇଥିବା କଥା ବଖାଣିଛନ୍ତି।ସେମାନଙ୍କର କହିବା କଥା ହେଉଛି ଆମ ସରକାରର ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୪ ମସିହା ଅଗଷ୍ଟ ୯ ତାରିଖରେ ସହିଦ ପରିବାରଙ୍କ ପାଇଁ ସ୍ୱତନ୍ତ୍ର କୁଟୁମ୍ବ ଯୋଜନା ମାଧ୍ୟମରେ ସହିଦ ପରିବାରର ସଦସ୍ୟମାନଙ୍କୁ ଚିହ୍ନଟ କରିବା ସହିତ ସ୍ୱତନ୍ତ୍ର ପରିଚୟ ପତ୍ର ପ୍ରଦାନ କରିବା ସହିତ ସେମାନଙ୍କୁ ଉଚିତ ସମ୍ମାନ ପ୍ରଦାନ କରାଯିବା, ପେନସନ ବ୍ୟବସ୍ଥା କରାଯିବା, ସ୍ୱତନ୍ତ୍ର ଆବାସ ଯୋଜନା ମାଧ୍ୟମରେ ଘର ଯୋଗାଇଦେବା ବୋଲି କୁହାଯାଇଥିଲେ ମଧ୍ୟ ଦୀର୍ଘ ୨ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ଏହି ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇନଥିବା ସେମାନେ କହିଛନ୍ତି। ଯାହାଫଳରେ ଅନେକ ସହିଦ ପରିବାର ଆଜି ମଧ୍ୟ ଦୁର୍ଦ୍ଦିନ ଅବସ୍ଥାରେ ଜୀବନଯାପନ ପାଇଁ ସଂଘର୍ଷ କରୁଥିବା ଅଭିଯୋଗ କରିଛନ୍ତି। ସହିଦ ପରିବାରଙ୍କ ପ୍ରଶ୍ନ— ଯେଉଁ ପୂର୍ବଜମାନେ ଏହି ମାଟି ପାଇଁ ନିଜ ପ୍ରାଣ ଉତ୍ସର୍ଗ କରିଥିଲେ, ସେମାନଙ୍କ ପରିବାରକୁ ଆଜି ପର୍ଯ୍ୟନ୍ତ କାହିଁକି ଉଚିତ ସମ୍ମାନ ଓ ସରକାରୀ ସ୍ୱୀକୃତି ମିଳୁନାହିଁ। ସହିଦ ପରିବାର ସଦସ୍ୟମାନଙ୍କ ଦାବି ହେଉଛି ଯଦି ଦେଶର ଅନ୍ୟାନ୍ୟ ରାଜ୍ୟରେ ସହିଦ ପରିବାରଙ୍କ ପାଇଁ ଆର୍ଥିକ ସହାୟତା ସମେତ ବିଭିନ୍ନ ସ୍ୱତନ୍ତ୍ର ସୁବିଧା ରହିଛି ।ତାହେଲେ କାହିଁକି ଓଡ଼ିଶାରେ ସେମାନଙ୍କ ପରିବାର ପାଇଁ ଏଭଳି ସ୍ପଷ୍ଟ ଓ ସ୍ଥାୟୀ ବ୍ୟବସ୍ଥା କାହିଁକି କରାଯାଉନାହିଁ। ଯଦି ସରକାର ଘୋଷଣା କରିଥିବା କୁଟୁମ୍ବ ଯୋଜନାର ସମସ୍ତ ସୁବିଧା ଲାଗୁ ନକରନ୍ତି ତେବେ ଆଗାମୀ ୨୦୨୬ ସେପ୍ଟେମ୍ବର ୨୨ ତାରିଖରେ ଲୁଣିଆରେ ପାଳିତ ହେବାକୁ ଥିବା ୮୪ତମ ସହିଦ ଦିବସକୁ ସହିଦ ପରିବାର ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ୨୦୨୬ ସେପ୍ଟେମ୍ବର ୨୮ ତାରିଖରେ ଇରମରେ ପାଳିତ ହେବାକୁ ଥିବା ସହିଦ ଦିବସରେ ମଧ୍ୟ ସେମାନେ ଯୋଗଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

## ପଞ୍ଜାବରେ ସରକାରୀ କର୍ମଚାରୀଙ୍କ ଆନ୍ଦୋଳନ ତୀବ୍ର, ମୁଖ୍ୟମନ୍ତ୍ରୀ ମାନଙ୍କ କୁଶପୁତ୍ତଳିକା ଦାହ



ହୋସିଆରପୁର: ପଞ୍ଜାବରେ ସରକାରୀ କର୍ମଚାରୀଙ୍କ ଆନ୍ଦୋଳନ ତୀବ୍ର ହୋଇଛି। ବୈଠକ ପାଇଁ ସରକାରଙ୍କ ପକ୍ଷରୁ ସର୍ତ୍ତ ରଖାଯିବା ଏବଂ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ କର୍ମଚାରୀ ପ୍ରତିନିଧିଙ୍କୁ ଭେଟିବାକୁ ମନା କରିଥିବା ଅଭିଯୋଗରେ ଶୁକ୍ରବାର ହୋସିଆରପୁରରେ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦାସୀନ ମନୋଭାବକୁ ବିରୋଧ କରି କର୍ମଚାରୀମାନେ ତାଙ୍କ ବିରୋଧରେ ନାରାବାଜି ମଧ୍ୟ କରିଥିଲେ। ହୋସିଆରପୁରର ସିଭିଲ ସର୍ଜନଙ୍କ କାର୍ଯ୍ୟାଳୟ ବାହାରେ ଜଏଣ୍ଟ କୋଅର୍ଡିନେସନ କମିଟି ପକ୍ଷରୁ ଏହି ପ୍ରତିବାଦ ଆୟୋଜନ କରାଯାଇଥିଲା। ପଞ୍ଜାବ ଏମ୍ପ୍ଲଇଜ୍ ଆଣ୍ଡ ପେନ୍ସନର୍ସ ଜଏଣ୍ଟ ଫ୍ରଣ୍ଟ ଏବଂ ସାଞ୍ଝା ମୁଲାଜିମ ମଞ୍ଚ, ପଞ୍ଜାବକୁ ନେଇ ଏହି କମିଟି ଗଠିତ ହୋଇଛି। ପ୍ରତିବାଦ ସମୟରେ କର୍ମଚାରୀମାନେ ଗୁରୁବାର କରିଥିବା ସାମୂହିକ ଛୁଟି ସମ୍ପର୍କିତ ସରକାରୀ ଚିଠିର ନକଲ ମଧ୍ୟ ଜାଳିଥିଲେ। ସେହିପରି, ଗୁରୁବାର ମୁଖ୍ୟମନ୍ତ୍ରୀ ମାନ୍? 'ଏକ୍ସ'ରେ କରିଥିବା ଏକ ପୋଷ୍ଟର ନକଲକୁ ମଧ୍ୟ କର୍ମଚାରୀମାନେ ଜାଳିଥିଲେ। ମାନ୍ କହିଥିଲେ ଯେ, ଆନ୍ଦୋଳନ ଜାରି ରଖିଲେ ବୈଠକ କରାଯାଇପାରିବ ନାହିଁ। ଏହାକୁ ନେଇ କର୍ମଚାରୀ ନେତାମାନେ ତାଙ୍କ ମନୋଭାବକୁ ସମାଲୋଚନା କରିଥିଲେ। ୟୁନିୟନ ନେତାମାନେ ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ଡିଏ ପ୍ରଦାନ ସମ୍ପର୍କିତ ରାୟ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ଏହା ସହ ସେମାନଙ୍କ ଦାବିପତ୍ରରେ ଥିବା ଅନ୍ୟ ଦାବିଗୁଡ଼ିକର ସମାଧାନ ପାଇଁ ମଧ୍ୟ ସରକାରଙ୍କ ନିକଟରେ ଦାବି ରଖିଥିଲେ। ଗୁରୁବାର ପଞ୍ଜାବରେ ୩ ଲକ୍ଷରୁ ଅଧିକ ସରକାରୀ କର୍ମଚାରୀ ରାଜ୍ୟବ୍ୟାପୀ ଧର୍ମଘଟରେ ସାମିଲ ହୋଇଥିଲେ। ଫଳରେ ବିଭିନ୍ନ ସରକାରୀ ବିଭାଗର କାର୍ଯ୍ୟ ପ୍ରଭାବିତ ହୋଇଥିଲା। ଜଲନ୍ଧରରେ ମୁଖ୍ୟମନ୍ତ୍ରୀ ମାନ୍? ଓ କର୍ମଚାରୀ ସଂଗଠନର ପ୍ରତିନିଧିଙ୍କ ମଧ୍ୟରେ ବୈଠକ ଧାର୍ଯ୍ୟ ହୋଇଥିଲା। ତେବେ ଧର୍ମଘଟ ପ୍ରତ୍ୟାହାର କଲେ ହିଁ ଆଲୋଚନା ହେବ ବୋଲି ମାନ୍? ସ୍ପଷ୍ଟ କରିବା ପରେ ବୈଠକ ବାତିଲ ହୋଇଥିଲା।

## ମଣିପୁରରେ ବିଜେପି ବିଧାୟକଙ୍କ ବାସଭବନ ପରିସରରେ ଗ୍ରେନେଡ୍ ବିସ୍ଫୋରଣ

ଇମ୍ଫାଲ: ମଣିପୁରରେ ପୁଣି ହିଂସା ଉପୁଜିଛି। ଗତକାଲି ୪ ଜଣ ନାଗା ଆଦିବାସୀଙ୍କୁ ମଣିପୁରରେ ଗୁଳି କରି ହତ୍ୟା କରାଯିବା ପରେ ଆଜି ପୁଣି ଜଣେ ବିଜେପି ବିଧାୟକ ତଥା ମଣିପୁର ସରକାରଙ୍କ ମୁଖପାତ୍ର ସପମ ରଞ୍ଜନ ସିଂହଙ୍କ ଇମ୍ଫାଲସ୍ଥିତ ବାସଭବନ ପରିସରରେ ଗ୍ରେନେଡ୍? ବିସ୍ଫୋରଣ ହୋଇଛି। ଶୁକ୍ରବାର ଭୋର୍? ସମୟରେ ବିଧାୟକଙ୍କ ଘର ପଛପଟେ ଏହି ବିସ୍ଫୋରଣ ହୋଇଛି ବୋଲି ପୁଲିସ କହିଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଏହି ଘଟଣାରେ ଏକ ମାମଲା ରୁଜୁ ହୋଇଛି ଏବଂ ଆକ୍ରମଣକାରୀଙ୍କୁ ଧରିବାପାଇଁ ତଦନ୍ତ ଚାଲିଛି। ବିଧାୟକ ସିଂହ କହିଛନ୍ତି, ଗତକାଲି ରାତି ପ୍ରାୟ ୧ଟା ୩୦ ସମୟରେ ତାଙ୍କ ଘର ପଛପଟେ ବିସ୍ଫୋରଣ ହୋଇଥିଲା। କିନ୍ତୁ ଭଗବାନଙ୍କ ଆର୍ଶୀବାଦରୁ ସେ ବଞ୍ଚି ଯାଇଛନ୍ତି। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ୟୁମନାମ ଖେମଚାନ୍ଦ ସିଂହ ବିଜେପି ବିଧାୟକଙ୍କ ବାସଭବନକୁ ଯାଇ ତାଙ୍କୁ ଭେଟିଛନ୍ତି ଏବଂ ବ୍ୟକ୍ତିଗତ ଭାବେ ବିସ୍ଫୋରଣ ସ୍ଥଳ ସ୍ଥିତି ଯାଞ୍ଚ କରିଛନ୍ତି। ମୁଖ୍ୟମନ୍ତ୍ରୀ ଖେମଚାନ୍ଦ ଏକ୍ସରେ ଏକ ପୋଷ୍ଟ୍? କରି କହିଛନ୍ତି, ଜଣେ ଜନପ୍ରତିନିଧିଙ୍କ ବାସଭବନ ଉପରେ ଆକ୍ରମଣକୁ ମୁଁ କଡ଼ା ନିନ୍ଦା କରୁଛି। ଏଭଳି ହିଂସା ହେଉଛି ଆମ ଗଣତନ୍ତ୍ର ଉପରେ ଆକ୍ରମଣ। ଦୋଷୀଙ୍କୁ ଖୁବ୍?ଶୀଘ୍ର ଦଣ୍ଡ ମିଳିବ ବୋଲି ଖେମଚାନ୍ଦ କହିଛନ୍ତି। ଉଲ୍ଲେଖଯୋଗ୍ୟ, ସପମ ରଞ୍ଜନ ସିଂହ ଗତକାଲି ନୂଆଦିଲ୍ଲୀରୁ ଇମ୍ଫାଲକୁ ଫେରିବାପରେ ଏହି ଘଟଣା ଘଟିଛି। ସପମ ରଞ୍ଜନ ମଣିପୁରରେ ବର୍ତ୍ତମାନର ସ୍ଥିତି ସଂକ୍ରାନ୍ତରେ କେନ୍ଦ୍ରୀୟ ନେତାମାନଙ୍କ ସହ ନୂଆଦିଲ୍ଲୀରେ ଆଲୋଚନା କରିଥିଲେ। ତଦନ୍ତକାରୀ ଦଳ ଉକ୍ତ ଘଟଣାରେ ଅଧିକ ତଦନ୍ତ ଜାରି ରଖିଛନ୍ତି।

## ବିଲାସପୁରରେ ଲ୍ୟାଣ୍ଡିଂ ପରେ ବିମାନର ଟାୟାର ଫାଟିଲା, ୩୫ ଯାତ୍ରୀ ସୁରକ୍ଷିତ

ବିଲାସପୁର: ଛତିଶଗଡ଼ର ବିଲାସପୁର ବିମାନବନ୍ଦରରେ ଶୁକ୍ରବାର ଏକ ବିମାନର ଟାୟାର ଫାଟିଯିବାରୁ କିଛି ସମୟ ପାଇଁ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା। ଦିଲ୍ଲୀରୁ ପ୍ରାୟ ୩୫ ଯାତ୍ରୀଙ୍କୁ ନେଇ ବିଲାସପୁର ଆସିଥିବା ଆଲାଏନ୍ସ ଏୟାର୍‌ର ବିମାନଟି ରନ୍‌ୱେରେ ଅବତରଣ କରିବା ପରେ ଟାୟାର ଫାଟିଥିଲା। ତେବେ ପାଇଲଟ୍‌ଙ୍କ ସତର୍କତା ଯୋଗୁଁ ବିମାନଟିକୁ ସୁରକ୍ଷିତ ଭାବେ ଅଟକାଯାଇଥିଲା। ଏଥିରେ କୌଣସି ଯାତ୍ରୀ ଆହତ ହୋଇନାହାନ୍ତି। ବିମାନଟି ଅଟକିବା ପରେ ବିମାନବନ୍ଦରର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସମସ୍ତ ୩୫ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବିମାନରୁ ବାହାର କରାଯାଇଥିଲା। ଘଟଣାରେ କାହାରି କିଛି କ୍ଷତି ହୋଇନଥିବାରୁ ଯାତ୍ରୀ ଓ ବିମାନବନ୍ଦର କର୍ମଚାରୀମାନେ ଆଶ୍ୱସ୍ତ ହୋଇଥିଲେ। ଏହି ଘଟଣା ପରେ ସୁରକ୍ଷା ଦୃଷ୍ଟିରୁ ବିଲାସପୁରରୁ ପ୍ରୟାଗରାଜ ଯିବାକୁ ଥିବା ଆଲାଏନ୍ସ ଏୟାର୍?ର ପରବର୍ତ୍ତୀ ଉଡ଼ାଣକୁ ବାତିଲ କରାଯାଇଛି। ବିମାନର ଟାୟାର ଫାଟିବାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବିମାନର ବୈଷୟିକ ଯାଞ୍ଚ କରାଯାଉଛି। ଯାଞ୍ଚ ପରେ ଟାୟାରରେ କେଉଁ କାରଣରୁ ସମସ୍ୟା ଦେଖାଦେଇଥିଲା, ତାହା ସ୍ପଷ୍ଟ ହେବ।

## ୩୦ ଫୁଟ ତଳକୁ ଖସିଲା, ୫ ମୃତ, ଅନେକ ଆହତ

ମଧ୍ୟପ୍ରଦେଶ : ମଧ୍ୟପ୍ରଦେଶର ରାଜଗଡ଼ ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ବ୍ୟାବରା ସହରର ଭୋପାଳ ବାଇପାସରେ ଏକ ଯାତ୍ରୀବାହୀ ବସ୍ ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିଲା । ଏହି ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୨ ଜଣ ଯାତ୍ରୀ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ଦୁର୍ଘଟଣା ପରେ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ବ୍ୟାବରା ସିଭିଲ୍ ହସ୍ପିଟାଲକୁ ପଠାଇଥିଲା । ଗୁରୁତର ଆହତଙ୍କୁ ପରେ ଭୋପାଳକୁ ରେଫର୍ କରାଯାଇଛି । ଖବର ମୁତାବକ, ସକାଳ ପ୍ରାୟ ୭ଟା ସମୟରେ ଭୋପାଳ ବାଇପାସ୍ ପୋଲ ଉପରେ ବସ୍ ଟି ଉତ୍ତରପ୍ରଦେଶର କାନପୁରରୁ ଇନ୍ଦୋର ଯାଉଥିଲା । ପୋଲ ଉପରେ ମୋଡ଼ ନେବା ସମୟରେ ବସଟି ନିୟନ୍ତ୍ରଣ ହରାଇ କଡ଼ରେ ଥିବା ବାଡ଼ରେ ଧକ୍କା ହୋଇଥିଲା । ଫଳରେ ପ୍ରାୟ ୩୦ ଫୁଟ୍ ଉଚ୍ଚ ପୋଲରୁ ପ୍ରାୟ ୪ ଜଣ ଯାତ୍ରୀ ତଳେ ଥିବା ସର୍ଭିସ୍ ରୋଡକୁ ଖସି ପଡ଼ିଥିଲେ।

# ବିଦେଶୀ ଉଦ୍ଧାରକାରୀ ଦଳ ପ୍ରତ୍ୟାଖ୍ୟାନକୁ ନେଇ ଅଡୁଆ; ଭାରତର ସ୍ୱତନ୍ତ୍ର ପ୍ରସ୍ତାବ



କାଠମାଣ୍ଡୁ: ନେପାଳ ଦ୍ୱାରା ବିଦେଶୀ ଉଦ୍ଧାରକାରୀ ଦଳକୁ ପ୍ରତ୍ୟାଖ୍ୟାନ କରାଯିବା ଚର୍ଚ୍ଚା ମଧ୍ୟରେ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଶୁକ୍ରବାର ଏକ ସ୍ପଷ୍ଟୀକରଣ ଜାରି କରିଛି। ପ୍ରଳୟଙ୍କରୀ ବନ୍ୟାରେ ଏ ପର୍ଯ୍ୟନ୍ତ ପ୍ରାୟ ୬୦୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଭାରତ ସରକାର ନିଜର ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍?ଡିଆର୍?ଏଫ୍?)ର ସ୍ୱତନ୍ତ୍ର ଟିମ୍ ଏବଂ ଆନୁଷଙ୍ଗିକ ଯନ୍ତ୍ରପାତି ପଠାଇବା ପାଇଁ ନେପାଳ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦେଇଛନ୍ତି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି ଯେ ନିଖୋଜ ଥିବା ନିଜ ନାଗରିକମାନଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କ ସହ ସମ୍ପର୍କ ସ୍ଥାପନ କରିବା ଭାରତର ସର୍ବୋଚ୍ଚ ପ୍ରାଥମିକତା ଅଟେ। ବର୍ତ୍ତମାନ ସୁଦ୍ଧା ୩୨୦ ଜଣ ଭାରତୀୟ ଏବଂ ୧୦୦ ଜଣ ଭାରତୀୟ ବଂଶୋଦ୍ଭବଙ୍କ ସହ କୌଣସି ଯୋଗାଯୋଗ ହୋଇପାରି ନାହିଁ। ୨୦୧୫ ମସିହାର ନେପାଳ ମହାଭୂକମ୍ପ ସମୟରେ ବିଦେଶୀ ସେନା ଯୋଗୁଁ ସୃଷ୍ଟି ହୋଇଥିବା ପରିଚାଳନାଗତ ଜଟିଳତାକୁ ଦୃଷ୍ଟିରେ ରଖି ବାଲେନ ଶାହ ଏହି ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି 'ଦି କାଠମାଣ୍ଡୁ ପୋଷ୍ଟ' ରିପୋର୍ଟ ପ୍ରକାଶ କରିଛି। ଏହି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭାରତ ପକ୍ଷରୁ ନେପାଳକୁ ଏକ ସ୍ୱତନ୍ତ୍ର ସୁଡ଼ଙ୍ଗ ଉଦ୍ଧାରକାରୀ ଦଳ ଏବଂ ଏକ ମୋବାଇଲ ମେଡିକାଲ ପଠାଯାଉଛି। ସେମାନେ ଗତ ଦୁଇ ଦିନ ଧରି ତ୍ରିଶୂଳୀ ୩ଏ ଜଳବିଦ୍ୟୁତ ପ୍ରକଳ୍ପ ସୁଡ଼ଙ୍ଗ ଭିତରେ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ଫସି ରହିଥିବା ପ୍ରାୟ ୧୦୦ ଜଣ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବେ। ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ଶୁକ୍ରବାର ନେପାଳ ବିଦେଶ ମନ୍ତ୍ରୀଙ୍କ ସହ ଟେଲିଫୋନରେ ଆଲୋଚନା କରି ଭାରତ ପକ୍ଷରୁ ସମସ୍ତ ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି।

ନେପାଳ ପ୍ରଶାସନର ଅନୁରୋଧକ୍ରମେ ଧୋଇଯାଇଥିବା ରାସ୍ତା ଓ ସେତୁଗୁଡ଼ିକୁ ପୁନଃକାର୍ଯ୍ୟକ୍ଷମ କରିବା ପାଇଁ ଭାରତ ପକ୍ଷରୁ ତୁରନ୍ତ ପୋର୍ଟେବଲ୍ 'ବେଲି ବ୍ରିଜ୍' ପଠାଯାଇଛି। ନେପାଳ ସେନାର ପ୍ରଶଂସନୀୟ ଉଦ୍ୟମ ଯୋଗୁଁ ଏପର୍ଯ୍ୟନ୍ତ ବିଭିନ୍ନ ଦୁର୍ଗମ ସ୍ଥାନରୁ ପ୍ରାୟ ୮୫ ଜଣ ଭାରତୀୟଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଯେଉଁଥିରେ ତାମିଲନାଡୁର ୨୧ ଜଣ ପର୍ଯ୍ୟଟକ ସାମିଲ ଅଛନ୍ତି ଏବଂ ସେମାନେ ଶୁକ୍ରବାର ଅପରାହ୍ଣରେ ନୂଆଦିଲ୍ଲୀ ବିମାନବନ୍ଦରରେ ଅବତରଣ କରିଛନ୍ତି।

## ବଢୁଛି ସ୍ୱାଇନ୍ ଫ୍ଲୁ ଚିନ୍ତା, ଜଣେ ମହିଳା ମୃତ

ଉତ୍ତରପ୍ରଦେଶ : ଉତ୍ତରପ୍ରଦେଶରେ ସ୍ୱାଇନ୍ ଫ୍ଲୁକୁ ନେଇ ଚିନ୍ତା ବୃଦ୍ଧି ପାଉଛି । ଏହାରି ମଧ୍ୟରେ ସ୍ୱାଇନ୍ ଫ୍ଲୁ କାରଣରୁ ଲକ୍ଷ୍ନୌରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ମୃତ ମହିଳା ଜଣଙ୍କ ବୟସ ହେଉଛି ୫୦ ବର୍ଷ ଏବଂ ଇନ୍ଦିରାନଗରର ବାସିନ୍ଦା । ସୂଚନାନୁଯାୟୀ, କିଛି ଦିନ ପୂର୍ବରୁ ମହିଳାଙ୍କୁ ଥଣ୍ଡା, ଜ୍ୱର ଏବଂ ନିଶ୍ୱାସ ନେବାରେ କଷ୍ଟ ହୋଇଥିଲା । ପରିବାର ପ୍ରଥମେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଏହି ସବୁ ଲକ୍ଷଣକୁ ଦୃଷ୍ଟିରେ ରଖି ସ୍ୱାଇନ୍ ଫ୍ଲୁ ପରୀକ୍ଷା କରାଯାଇଥିଲା । ଫଳରେ ଚିହ୍ନଟ କରାଯାଇ ଡାକ୍ତର ମହିଳାଙ୍କୁ ହାୟର ସେଣ୍ଟରକୁ ନିଆଯିବା ପାଇଁ ପରାମର୍ଶ ଦେଇଥିଲେ । ପରିବାର ଲୋକେ ଅଗଷ୍ଟ ୨୫ ତାରିଖରେ ମହିଳାଙ୍କୁ ବଳରାମପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ । ହସ୍ପିଟାଲରେ ଥିବା ସମୟରେ ମହିଳାଙ୍କୁ ନିଶ୍ୱାସ ନେବାରେ ଆହୁରି ଅଧିକ ବଢିବାରେ ଲାଗିଲା । ତାଙ୍କ ଅବସ୍ଥା ଖରାପ ହେବାରୁ ତାଙ୍କୁ ଅକ୍ସିଜେନ୍ ସପୋର୍ଟ ଏବଂ ଲାଇଫ୍ ସପୋର୍ଟରେ ରଖାଯାଇଥିଲା ।

## କାଶ୍ମୀରୀ ପଣ୍ଡିତଙ୍କୁ ପୁଣି ଧମକ: ଚଳିତ ମାସରେ ଚତୁର୍ଥ ଧମକପୂର୍ଣ୍ଣ ଚିଠି




ଶ୍ରୀନଗର: ଜମ୍ମୁ-କାଶ୍ମୀରରେ କାଶ୍ମୀରୀ ପଣ୍ଡିତମାନଙ୍କୁ ପୁଣି ଧମକ ଦିଆଯାଇଛି। ଲସ୍କର-ଏ-ତୋଇବା (ଏଲ୍?ଇଟି) ସହ ସମ୍ପର୍କ ଥିବା କୁହାଯାଉଥିବା ୟୁନାଇଟେଡ୍? ଲିବରେସନ୍ କାଉନସିଲ (ୟୁଏଲ୍ସି) ନାମରେ ଅଗଷ୍ଟ ୨୭ ତାରିଖର ଏକ ଧମକପୂର୍ଣ୍ଣ ଚିଠି ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଛି। ଚଳିତ ମାସରେ କାଶ୍ମୀରୀ ପଣ୍ଡିତଙ୍କୁ ଟାର୍ଗେଟ କରି ଏହା ଚତୁର୍ଥ ଧମକ ବୋଲି ରିପୋର୍ଟ ହୋଇଛି। ତେବେ ଚିଠିର ସତ୍ୟତା ଏବଂ ଏହା ପଛରେ କିଏ ଅଛି, ସେନେଇ ସୁରକ୍ଷା ଓ ଗୁଇନ୍ଦା ଏଜେନ୍ସି ଯାଞ୍ଚ କରୁଛନ୍ତି। ଚିଠିରେ କାଶ୍ମୀରୀ ପଣ୍ଡିତଙ୍କ ବିସ୍ଥାପନ ଓ ହତ୍ୟା ସମ୍ପର୍କିତ ପୁରୁଣା ମାମଲା ପୁଣି ଖୋଲିବା ପ୍ରୟାସକୁ ନେଇ ଆପତ୍ତି ଉଠାଯାଇଛି। ଏଥିରେ ବିଜବେହରା, ଗାବକାଦଲ, ସୋପୁର ଓ ହଣ୍ଡୱାଡ଼ା ଘଟଣାର ମଧ୍ୟ ତଦନ୍ତ କରିବାକୁ କୁହାଯାଇଛି। ବିସ୍ଥାପିତ ପଣ୍ଡିତଙ୍କ ସମ୍ପର୍କିତ ମାମଲା ଖୋଲିବାରେ ଯେଉଁମାନେ ଭୂମିକା ନେଉଛନ୍ତି, ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି ଚିଠିରେ ଧମକ ଦିଆଯାଇଛି। ଅତିରିକ୍ତ ସୁରକ୍ଷା ଦିଆଗଲେ ମଧ୍ୟ ଏଥିରୁ ସୁରକ୍ଷା ମିଳିବ ନାହିଁ ବୋଲି ମଧ୍ୟ ଧମକ ଦିଆଯାଇଛି। ସୁରକ୍ଷା ଏଜେନ୍ସିଗୁଡ଼ିକ ଚିଠିର ଉତ୍ସ, ପ୍ରାମାଣିକତା ଏବଂ ଏଥିରେ ଦିଆଯାଇଥିବା ଧମକ ପଛରେ କୌଣସି ନିର୍ଦ୍ଦିଷ୍ଟ ଯୋଜନା ଅଛି କି ନାହିଁ, ତାହା ଯାଞ୍ଚ କରୁଛନ୍ତି।

## ସୋନିଆଙ୍କ ମେମୋଏର 'ବିଲଙ୍ଗିଂ: ଏ ଜର୍ଣ୍ଣି ଅଫ୍? ଲଭ୍?' ପ୍ରକାଶନ କରିବନି ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍; କଂଗ୍ରେସର ସମାଲୋଚନା



ନୂଆଦିଲ୍ଲୀ : ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍? ସୋନିଆ ଗାନ୍ଧୀଙ୍କ ମେ?ମୋଏର୍? 'ବିଲଙ୍ଗିଂ: ଏ ଜର୍ଣ୍ଣି ଅଫ୍ ଲଭ୍'ର ଭାରତରେ ପ୍ରକାଶକ ନୁହେଁ। ସୋନିଆ ସମ୍ପାଦକୀୟ ପରିବର୍ତ୍ତନଗୁଡ଼ିକୁ ମନା କରିବା ପରେ ପ୍ରକାଶକ ପଛକୁ ହଟିଯାଇଥିବା କମ୍ପାନୀ ଏକ ବିବୃତିରେ କହିଛି। ଏକ ରିପୋର୍ଟ ଅନୁଯାୟୀ, ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍? ମେମୋଏର୍? ଏକ ଅଂଶରେ ନିର୍ଦ୍ଦିଷ୍ଟ ପରିବର୍ତ୍ତନ ଓ ବିଲୋପ କରିବାକୁ ଚାହୁଁଥିଲା। କିନ୍ତୁ ସୋନିଆ ପ୍ରସ୍ତାବିତ ପରିବର୍ତ୍ତନଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଥିଲେ ଓ ତାଙ୍କ ପାଠ୍ୟରେ କୌଣସି ପରିବର୍ତ୍ତନ କିମ୍ବା କିଛି ବାଦ୍? ଦେବାକୁ ସେ ମନା କରିଥିଲେ। ଏହି ମତଭେଦ ଶେଷରେ ବିଶ୍ୱ ପ୍ରକାଶନ ସଂସ୍ଥାର ଭାରତୀୟ ଶାଖାକୁ ପ୍ରକଳ୍ପରୁ ଓହରି ଯିବାକୁ ବାଧ୍ୟ କରିଥିଲା। ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍? ଆଉ ଜଡିତ ନଥିବାରୁ ହାର୍ପରକଲିନ୍ସ ଇଣ୍ଡିଆ ଭାରତରେ ମେମୋଏର୍? ପ୍ରକାଶନ ଓ ବଣ୍ଟନ ପାଇଁ ଏକ ଚୁକ୍ତିନାମା ଚୂଡ଼ାନ୍ତ କରିବାକୁ ଯାଉଛି ବୋଲି ଜଣାପଡ଼ିଛି। ଏହି ଘଟଣା ପୁସ୍ତକର ଅନ୍ତର୍ଜାତୀୟ ପ୍ରକାଶନକୁ ପ୍ରଭାବିତ କରିବ ନାହିଁ ବୋଲି ଆଶା କରାଯାଉଛି। 'ବିଲଙ୍ଗିଂ: ଏ ଜର୍ଣ୍ଣି ଅଫ୍ ଲଭ୍' ନଭେମ୍ବର ୧୦, ୨୦୨୬ ରେ ବିଶ୍ୱବ୍ୟାପୀ ପ୍ରକାଶନ ପାଇଁ ସ୍ଥିର କରାଯାଇଛି ଓ ଏହାକୁ ପେଙ୍ଗୁଇନ୍ ରାଣ୍ଡମ୍ ହାଉସର ଆଲଫ୍ରେଡ୍ ଏ. ନପ୍‌ଫଙ୍କ ଦ୍ୱାରା ଆମେରିକାରେ ପ୍ରକାଶିତ କରାଯିବ। କଂଗ୍ରେସ ଶୁକ୍ରବାର ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ ପକ୍ଷରୁ ସୋନିଆ ଗାନ୍ଧୀଙ୍କ ବହୁ ପ୍ରତୀକ୍ଷିତ ମେମୋଏର୍? ପ୍ରକାଶ କରିବାରେ ଅନିଚ୍ଛା ପ୍ରକାଶ କରିବା ଉପରେ ପ୍ରଶ୍ନ ଉଠାଇଛି। ଯଦି ପେଙ୍ଗୁଇନ୍ ବୁକ୍ସ ସାରା ବିଶ୍ୱରେ ଏହାକୁ ପ୍ରକାଶ କରିପାରୁଛି, ତେବେ ଭାରତରେ ପ୍ରକାଶନ ପାଇଁ ପେଙ୍ଗୁଇନ୍?ର 'ତଥ୍ୟ ଯାଞ୍ଚ' ଦାବି ହାସ୍ୟାସ୍ପଦ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

## ଆରଏସଏସ କାର୍ଯ୍ୟକ୍ରମରେ ହୋଇଥିଲେ ସାମିଲ, ନିଲମ୍ବନ କଲେ ସରକାର, କଟାକ୍ଷ କଲା ବିଜେପି

କର୍ଣ୍ଣାଟକ : କେନ୍ଦ୍ର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଶୁକ୍ରବାର କହିଛନ୍ତି, ଆର୍?ଏସ୍?ଏସ୍?ର ରୁଟ୍ ମାର୍ଚ୍ଚରେ ଅଂଶଗ୍ରହଣ କରିବା ପାଇଁ ଦୁଇ ଜଣ ସରକାରୀ ସ୍କୁଲ ଶିକ୍ଷକଙ୍କୁ ନିଲମ୍ବନ କରି କର୍ଣ୍ଣାଟକ ସରକାର ପ୍ରତିଶୋଧ ପରାୟଣତା ପ୍ରଦର୍ଶନ କରିଛନ୍ତି। ଯୋଶୀ ନିଲମ୍ବିତ ଶିକ୍ଷକଙ୍କ ଉପରୁ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। କେନ୍ଦ୍ରମନ୍ତ୍ରୀ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ସରକାରଙ୍କ ପ୍ରାଥମିକତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଯୋଶୀ କହିଛନ୍ତି ଯେ, କର୍ଣ୍ଣାଟକ ଲୋକସେବା ଆୟୋଗରେ ହୋଇଥିବା ବଡ଼ଧରଣର ଅନିୟମିତତା ମାମଲାରେ ଗିରଫ ହୋଇଥିବା ଆଇଏଏସ୍ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଗଙ୍ଗୱାରଙ୍କୁ ଖୋଜିବା ଉପରେ ରାଜ୍ୟ ସରକାର ଧ୍ୟାନ ଦେବା ଉଚିତ। ଯୋଶୀ କହିଛନ୍ତି ଯେ, ଦୁଇ ଶିକ୍ଷକଙ୍କ ନିଲମ୍ବନ କୋର୍ଟରେ ତିଷ୍ଠିପାରିବ ନାହିଁ ଓ ସରକାର 'ପ୍ରତିଶୋଧପରାୟଣ' ହୋଇ କାର୍ଯ୍ୟ କରୁଛି ବୋଲି ଅଭିଯୋଗ କରିଛନ୍ତି। ବିଜେପି ବିଧାୟକ ମହେଶ ତେଙ୍ଗିନକାଇ ମଧ୍ୟ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରି ଏହାକୁ ଅତ୍ୟନ୍ତ ଆପତ୍ତିଜନକ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି ଏବଂ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ହୁବାଲିଠାରେ ସାମ୍ବାଦିକମାନଙ୍କ ସହିତ କଥାବାର୍ତ୍ତାରେ ଯୋଶୀ କର୍ଣ୍ଣାଟକ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠାଇଛନ୍ତି। ଶିକ୍ଷା ବିଭାଗ ଯାଦଗି ଜିଲ୍ଲାର ଦୁଇ ଜଣ ଶିକ୍ଷକ ଗୁରୁରାଜ ଯୋଶୀ ଓ ଆନ୍ନା ସାହେବ ଦେଶମୁଖଙ୍କୁ ଆର୍?ଏସ୍?ଏସ୍? ରୁଟ୍ ମାର୍ଚ୍ଚରେ ଯୋଗଦେବାରୁ ନିଲମ୍ବିତ କରିଥିଲା ଯାହାର ବିଭାଗୀୟ ତଦନ୍ତ ପର୍ଯ୍ୟନ୍ତ ଥିଲା। ଆର୍?ଏସ୍?ଏସ୍? କାର୍ଯ୍ୟକ୍ରମରେ ଅଂଶଗ୍ରହଣ କର୍ଣ୍ଣାଟକ ସିଭିଲ୍ ସର୍ଭିସେସ୍ (ଆଚରଣ) ନିୟମ, ୨୦୨୧ ର ବ୍ୟବସ୍ଥା ଉଲ୍ଲଂଘନ କରୁଛି ବୋଲି କୁହାଯାଇଥିଲା।

## କାଦୁଅରେ ହଜିଗଲା ଚଳଚଞ୍ଚଳ ତ୍ରିଶୂଳୀ ବଜାର; ପ୍ରାଣ ବିକଳରେ ଲୋକେ ଦୌଡ଼ିଲେ ଲୋକେ

କାଠମାଣ୍ଡୁ: ନେପାଳର ନୁୱାକୋଟ ଜିଲ୍ଲାର ତ୍ରିଶୂଳୀ ବଜାରବାସୀଙ୍କ ପାଇଁ ବୁଧବାର ଦିନଟି ଅନ୍ୟ ଦିନ ଭଳି ଆରମ୍ଭ ହୋଇଥିଲା। ଅଳଙ୍କାର, ପୋଷାକ ଦୋକାନ ଓ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନରେ ଭରି ରହିଥିବା ଏହି ଚଳଚଞ୍ଚଳ ବଜାର ସହର ଆଖି ପିଛୁଳାକେ ଏମିତି କାଦୁଅ ଭିତରେ ହଜିଯିବ ବୋଲି କେହି କଳ୍ପନା ମଧ୍ୟ କରିନଥିଲେ। ନେପାଳର ତ୍ରିଶୂଳୀ ବଜାର ଅଭିମୁଖେ ବନ୍ୟାଜଳ ପ୍ରବଳ ବେଗରେ ମାଡ଼ି ଆସୁଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଜୋରଦାର ଭାଇରାଲ୍? ହେବାରେ ଲାଗିଛି। ନୁୱାକୋଟରେ ଘଟିଥିବା ବିପୁଳ ଧ୍ୱଂସର ଭୟାବହତାକୁ ଏହି ଦୃଶ୍ୟ ସ୍ପଷ୍ଟ କରୁଛି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଭିଡିଓରେ ତ୍ରିଶୂଳୀ ବଜାର ଅଭିମୁଖେ ବନ୍ୟାଜଳ ପ୍ରବଳ ବେଗରେ ମାଡ଼ି ଆସୁଥିବାର ଭୟଙ୍କର ଦୃଶ୍ୟ ଦେଖିବାକୁ ମିଳିଛି। କିଛି ସମୟ ପରେ କାଦୁଅ ଓ ଭଙ୍ଗାରୁଜାର ଏକ ବିଶାଳ ସ୍ରୋତ ସହର ଦେଇ ବହିଯାଇଥିଲା। ଜୀବନ ବଞ୍ଚାଇବା ପାଇଁ ସ୍ଥାନୀୟ ବାସିନ୍ଦା, ପଥଚାରୀ ଓ ଗାଡ଼ି ଚାଳକମାନେ ଏଣେତେଣେ ଦୌଡ଼ି ପଳାଉଥିବା ଦେଖାଯାଇଛି। ମାତ୍ର କିଛି ମିନିଟ୍ ମଧ୍ୟରେ ଏକଦା ଚଳଚଞ୍ଚଳ ଥିବା ଏହି ବଜାର ସହର ହଠାତ୍ ଏକ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଥିଲା।

ତ୍ରିଶୂଳୀର କେତେକ ଅଞ୍ଚଳରେ ଧ୍ୱଂସର ଚିତ୍ର ଅତ୍ୟନ୍ତ ଭୟାବହ। ହଜାର ହଜାର କୋଠାମାଡ଼ିର ଅସ୍ତିତ୍ୱ ହଜିଯାଇଥିବା ବେଳେ ଏବେ ସେଠାରେ ପଥର ଓ ବହଳ କାଦୁଅ ବ୍ୟତୀତ ପ୍ରାୟ କିଛି ଦେଖିବାକୁ ମିଳୁନାହିଁ। ନୁୱାକୋଟ ଏପର୍ଯ୍ୟନ୍ତ ସବୁଠାରୁ ଅଧିକ ପ୍ରଭାବିତ ଅଞ୍ଚଳଗୁଡ଼ିକ ମଧ୍ୟରେ ରହିଛି। ଅନେକ ଗାଁ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ସବୁଠାରୁ ଅଧିକ

# ୬ ମାସର ଯୁଦ୍ଧ: ଇରାନ ହାରିନି, ଆମେରିକା ଜିତିନି



ୱାଶିଂଟନ୍?: ଆମେରିକା ଓ ଇସ୍ରାଏଲ୍?ର ଇରାନ ଉପରେ ପ୍ରଥମ ସାମରିକ ଆକ୍ରମଣକୁ ୬ ମାସ ପୂରିଥିଲେ ମଧ୍ୟ ପଶ୍ଚିମ ଏସିଆ ଯୁଦ୍ଧର କୌଣସି ସ୍ପଷ୍ଟ ବିଜେତା କିମ୍ବା ପରାଜିତ ନାହାନ୍ତି। ଆମେରିକା ଇରାନର ଶାସନ ବ୍ୟବସ୍ଥାକୁ ଭାଙ୍ଗିପାରିନାହିଁ, ତେହେରାନର ସମୃଦ୍ଧ ୟୁରାନିୟମ୍? ସମ୍ପର୍କରେ ନିଶ୍ଚିତ ତଥ୍ୟ ପାଇନାହିଁ ଏବଂ ହର୍ମୁଜ୍? ପ୍ରଣାଳୀ ଦେଇ ସମୁଦ୍ରପଥରେ ସମ୍ପୂର୍ଣ୍ଣ ମୁକ୍ତ ଜାହାଜ ଚଳାଚଳ ମଧ୍ୟ ପୁନଃସ୍ଥାପନ କରିପାରିନାହିଁ। ହର୍ମୁଜ୍? ପ୍ରଣାଳୀ ଏବେ ବି ତେହେରାନର ବଡ଼ ଅସ୍ତ୍ର ହୋଇ ରହିଛି। ଅନ୍ୟପକ୍ଷରେ ଇରାନ ମଧ୍ୟ ଆମେରିକୀୟ କଟକଣାରୁ ମୁକ୍ତି, ନୌସେନା ଅବରୋଧର ଅନ୍ତ ଏବଂ ବିଦେଶରେ ଜବତ ହୋଇଥିବା ନିଜ ସମ୍ପତ୍ତି ଫେରିପାଇବାରେ ସଫଳ ହୋଇନାହିଁ। ଜୁନ୍?ରେ ପାକିସ୍ତାନର ମଧ୍ୟସ୍ଥତାରେ ହୋଇଥିବା ୬୦ ଦିନିଆ ବୁଝାମଣାର ଅବଧି ଅଗଷ୍ଟ ୧୭ରେ ଶେଷ ହୋଇଛି। ଏହା ସ୍ଥାନରେ ନୂଆ ଚୁକ୍ତି, ଔପଚାରିକ ଯୁଦ୍ଧବିରତି କିମ୍ବା ଆଲୋଚନାର କୌଣସି ନିର୍ଦ୍ଧାରିତ ତାରିଖ ନାହିଁ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର କହିଥିଲେ ଯେ, ଇରାନକୁ ପୁଣି ଆଲୋଚନା ଟେବୁଲକୁ ଫେରାଇବା ନେଇ ସେ ତରବର ନୁହନ୍ତି।

ଇରାନର ସବୁଠୁ ବଡ଼ ଚାପ ପ୍ରୟୋଗର ଅସ୍ତ୍ର ହେଉଛି ହର୍ମୁଜ୍? ପ୍ରଣାଳୀ। ଇରାନର ଇସ୍?ଲାମିକ୍? ରିଭୋଲ୍ୟୁସନାରି ଗାର୍ଡ କର୍ପସ୍? ମାର୍ଚ୍ଚ ୨ରେ 'ଶତ୍ରୁଭାବାପନ୍ନ' ଦେଶ ସହ ଜଡ଼ିତ ଜାହାଜ ପାଇଁ ଏହି ପ୍ରଣାଳୀ ବନ୍ଦ ଘୋଷଣା କରିଥିଲା। ମାର୍ଚ୍ଚ ୪ରେ ସେମାନେ ଏହି ଜଳପଥ ଉପରେ 'ସମ୍ପୂର୍ଣ୍ଣ ନିୟନ୍ତ୍ରଣ' ଥିବା ଦାବି କରିଥିଲେ। ଏହାପରଠାରୁ ଜାହାଜ ଚଳାଚଳ ସ୍ୱାଭାବିକ ସ୍ତରକୁ ଫେରିପାରିନାହିଁ। ଇରାନ ଉପରେ ଅଗଷ୍ଟ ୨୪ରେ ଘୋଷିତ ନୂଆ ଆମେରିକୀୟ କଟକଣା ଆଲୋଚନା ପ୍ରକ୍ରିୟାକୁ ଆହୁରି କଠିନ କରିଛି। ଇରାନର ରାଷ୍ଟ୍ରପତି ମସୁଦ ପେଜେଶକିଆନ୍? ବୁଧବାର ତେହେରାନରେ ଆୟୋଜିତ ଇସ୍?ଲାମିକ୍? ଏକତା ସମ୍ମିଳନୀରେ କହିଛନ୍ତି ଯେ, ଇରାନ ଦୁର୍ବଳ ସ୍ଥିତିରେ ନାହିଁ। ଏହି ପରିସ୍ଥିତିରେ ଉଭୟ ପକ୍ଷ କ୍ଷୟକ୍ଷତି ସହୁଥିଲେ ମଧ୍ୟ କେହି ପଛକୁ ହଟିବାକୁ ପ୍ରସ୍ତୁତ ନ ଥିବାରୁ ପଶ୍ଚିମ ଏସିଆର ଏହି ଯୁଦ୍ଧ କେବେ ଶେଷ ହେବ, ତାହା ଏବେ ବି ଅନିଶ୍ଚିତ ରହିଛି।

# ପ୍ରଥମ ଭାରତୀୟ ଭାବେ ଟ୍ରଫି ଜିତି ଇତିହାସ ରଚିଲେ ପ୍ରଜ୍ଞାନନ୍ଦା



ନୂଆଦିଲ୍ଲୀ,୨୮।୮:ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନାନନ୍ଦ ସେଣ୍ଟ ଲୁଇସରେ ଗ୍ରାଣ୍ଡ ଚେସ ଟୁର୍ ଟାଇଟଲ ଜିତି ଇତିହାସ ରଚିଛନ୍ତି। ଏହି ଟ୍ରଫି ଜିତିଥିବା ପ୍ରଥମ ଭାରତୀୟ ଚେସ ଖେଳାଳି ହୋଇଛନ୍ତି। ପ୍ରତିଯୋଗିତାର ଶେଷ ଦିନରେ ଡିଫେଣ୍ଡିଂ ଚାମ୍ପିଅନ ଫାବିଆନୋ କାରୁଆନାଙ୍କ ବିପକ୍ଷରେ ଛଅ ପଏଣ୍ଟ ପଛରେ ରହିବା ସତ୍ତ୍ୱେ, ପ୍ରଜ୍ଞାନାନନ୍ଦ ଏକ ଉଲ୍ଲେଖନୀୟ ପ୍ରତ୍ୟାବର୍ତ୍ତନ କରି ଟାଇଟଲ ଜିତିଛନ୍ତି।

କ୍ଲାସିକାଲ୍ ମ୍ୟାଚ ପରେ ପ୍ରଜ୍ଞାନାନନ୍ଦ ୩-୯ ପଛରେ ଥିଲେ ଏବଂ ତାଙ୍କର ଟାଇଟଲ ଜିତିବାର ସମ୍ଭାବନା ପ୍ରାୟ ଶେଷ ହୋଇଯାଇଥିଲା। ସେ ଅବିଶ୍ୱସନୀୟ ଭାବେ ମ୍ୟାଚ୍‌କୁ କରିଥିଲେ। ସେ ଉଭୟ ରାପିଡ୍ ଖେଳ ଜିତି ସ୍କରକୁ ୧୧-୯ କରିଥିଲେ। ତା'ପରେ କାରୁଆନା ଦ୍ୱିତୀୟ ବ୍ଲିଜ ଖେଳ ଜିତି ସ୍କରକୁ ୧୨-୧୨ ରେ ସମାନ କରିଥିଲେ। କିନ୍ତୁ ପ୍ରଜ୍ଞାନାନନ୍ଦ ତୃତୀୟ ବ୍ଲିଜ ଖେଳ ଜିତି ଅଗ୍ରଣୀ ଫେରି ପାଇଥିଲେ।

ଫାଇନାଲ ମ୍ୟାଚରେ ତାଙ୍କୁ କେବଳ ଏକ ଡ୍ର ଆବଶ୍ୟକ ଥିଲା, ଯାହାକୁ ସେ ଟାଇଟଲ ଜିତିବା ପାଇଁ ତିନିଥର ପୁନରାବୃତ୍ତି ମାଧ୍ୟମରେ ସୁରକ୍ଷିତ କରିଥିଲେ। ଛଅଟି ଫାଇନାଲ ମ୍ୟାଚ ମଧ୍ୟରେ, ପ୍ରଜ୍ଞାନାନନ୍ଦ ତିନୋଟି ବିଜୟ, ଦୁଇଟି ଡ୍ର ଏବଂ କେବଳ ଗୋଟିଏ ପରାଜୟ ରେକର୍ଡ କରିଥିଲେ।ଏହି ଟାଇଟଲ ବିଜୟ ୨୦୨୬ରେ ପ୍ରଜ୍ଞାନନ୍ଦାଙ୍କ ପାଇଁ ଆଉ ଏକ ପ୍ରମୁଖ ସଫଳତା। ଗ୍ରାଣ୍ଡ ଚେସ ଟୁର୍ ଜିତିବା ତାଙ୍କୁ ପ୍ରାୟ ୧.୯୧ କୋଟି ପୁରସ୍କାର ଏବଂ ୨୦୨୭ ଟୁର୍ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିଲେ। ଏହା ସହିତ ସେ ସମଗ୍ର ୨୦୨୬ ସର୍କିଟରେ ମୋଟ ପ୍ରାୟ ୪ କୋଟି ପୁରସ୍କାର ରାଶି ଅର୍ଜନ କରିଥିଲେ।

## ଏସୀୟ କ୍ରୀଡା କ୍ରିକେଟ୍: 'ବି' ଦଳ ପଠାଇପାରେ ଭାରତ

ନୂଆଦିଲ୍ଲୀ, ୨୭।୮: ଆଗାମୀ ଏସୀୟ କ୍ରୀଡା କ୍ରିକେଟ୍ ପ୍ରତିଯୋଗିତା ଲାଗି ଭାରତ 'ବି' ଦଳ ପଠାଇପାରେ। କ୍ରିକେଟ୍‌ରଙ୍କ ପାଇଁ ଜାପାନରେ ହୋଇଥିବା ବ୍ୟବସ୍ଥାରେ ବିସିସିଆଇ ଓ ଏସୀୟ କ୍ରିକେଟ୍ ପରିଷଦ (ଏସିସି) ଖୁସି ନଥିବାରୁ ଭାରତ ଏଭଳି ନିଷ୍ପତ୍ତି ନେଇପାରେ ବୋଲି ବିସିସିଆଇର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏସୀୟ କ୍ରୀଡା ସେପ୍ଟେମ୍ବର ୧୯ରୁ ଆଇଚି-ନଗୋୟାରେ ଆନୁଷ୍ଠାନିକ ଭାବେ ଆରମ୍ଭ ହେବ।ଏହାର ଦୁଇ ଦିନ ପୂର୍ବରୁ ସେପ୍ଟେମ୍ବର ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ମହିଳା କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ।

ଏହାପରେ ୨୪ରୁ ଅକ୍ଟୋବର ୩ ପର୍ଯ୍ୟନ୍ତ ପୁରୁଷ କ୍ରିକେଟ୍ ଖେଳାଯିବ।ଚୀନରେ ଆୟୋଜିତ ୨୦୨୩ ହାଙ୍ଗଝୋ ଏସୀୟ କ୍ରୀଡାରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିଲା। ଆଫଗାନିସ୍ତାନ ବିପକ୍ଷ ଫାଇନାଲ୍ ମ୍ୟାଚ୍ ବର୍ଷା ଯୋଗୁଁ ଧୋଇ ହୋଇଯିବାରୁ ଭାରତ ଉଚ୍ଚମାନ୍ୟତା ଦଳ ଭାବେ ବିଜେତା ଘୋଷିତ ହୋଇଥିଲା। ଜାପାନ ସଂସ୍କରଣ ଲାଗି ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଭାରତ ଦଳ ଘୋଷଣା କରିସାରିଛି। ଏହି ଦଳରେ ବ୍ୟାଟର୍ ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ଈଶାନ କିଶନ ଓ ତିଲକ ବର୍ମା ଏବଂ ବୋଲିଂରେ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରାଙ୍କ ସହ ଅର୍ଶଦୀପ ସିଂହ ରହିଛନ୍ତି। ସେହିଭଳି ହର୍ମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ମହିଳା ଦଳ ଘୋଷିତ ହୋଇଛି। ତାରକା ଖେଳାଳି ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଜେମିମା ରଡ୍ରିଗ୍ସ, ଦୀପ୍ତି ଶର୍ମା ଦଳରେ ରହିଛନ୍ତି।

# ଭାରତୀୟ ମହିଳା ଏ' ଦଳ ଘୋଷଣା

ମୋହାଲି, ୨୭।୮: ଭାରତୀୟ ମହିଳା କ୍ରିକେଟର ଭବିଷ୍ୟତ ତାରକାଙ୍କୁ ପ୍ରସ୍ତୁତ କରିବା ଲକ୍ଷ୍ୟରେ ବିସିସିଆଇ ଭାରତୀୟ ମହିଳା 'ଏ' ଦଳର ଅଷ୍ଟ୍ରେଲିଆ 'ଏ' ବିପକ୍ଷ ସିରିଜ୍ ପାଇଁ ଦଳ ଘୋଷଣା କରିଛି। ଆସନ୍ତା ସେପ୍ଟେମ୍ବର ମାସରେ ଖେଳାଯିବାକୁ ଥିବା ଏହି ସିରିଜ୍ ପାଇଁ ଟି-୨୦, ଦିନିକିଆ ଏବଂ ଟେଷ୍ଟ ଟିମ୍ ଘୋଷଣା କରାଯାଇଛି। ତେବେ ଏହି ଘୋଷଣାରେ ସବୁଠାରୁ ଆକର୍ଷଣୀୟ ନାମ ହେଉଛି ୨୩ ବର୍ଷୀୟା ଅଲରାଉଣ୍ଡର ଅନୁଷ୍କା ଶର୍ମା, ଯାହାଙ୍କୁ ଟି-୨୦ ସିରିଜ୍ ପାଇଁ ଦଳର ଅଧିନାୟିକା ଦାୟିତ୍ୱ ଦିଆଯାଇଛି।

ବିସିସିଆଇ ସିନିୟର ମହିଳା ଚୟନ କମିଟି ଅନୁଯାୟୀ, ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ୩ଟି ଟି-୨୦ (ମୁଲ୍ଲାନ୍‌ପୁର), ୩ଟି ଦିନିକିଆ (ମୋହାଲି) ଏବଂ ଗୋଟିଏ ଅନୌପଚାରିକ ଟେଷ୍ଟ ମ୍ୟାଚ୍ (ଧର୍ମଶାଳା) ଖେଳାଯିବ।

ଦିନିକିଆ ଏବଂ ଟେଷ୍ଟ ସିରିଜ୍ ପାଇଁ ଭାରତୀୟ ସିନିୟର ଟିମ୍‌ର ଉଇକେଟକିପର-ବ୍ୟାଟର ଯଷ୍ଟିକା ଭାଟିଆଙ୍କୁ ଅଧିନାୟିକା କରାଯାଇଛି। ତେବେ ଟି-୨୦ ସିରିଜ୍‌ରୁ ଯଷ୍ଟିକାଙ୍କୁ ବିଶ୍ରାମ ଦିଆଯାଇଥିବାରୁ ମଧ୍ୟପ୍ରଦେଶର ଗ୍ୱାଲିୟରରୁ ଆସିଥିବା ୨୩ ବର୍ଷୀୟା ବ୍ୟାଟିଂ ଅଲରାଉଣ୍ଡର ଅନୁଷ୍କା ଶର୍ମା ଟି-୨୦ ଟିମ୍‌ର ଅଧିନାୟିକା ସାଜିଛନ୍ତି। ଏହାସହ ଦିନିକିଆ ଓ ଟେଷ୍ଟରେ ସେ ଉପ-ଅଧିନାୟିକା ଦାୟିତ୍ୱ ତୁଲାଇବେ।

ଘରୋଇ କ୍ରିକେଟ୍‌ରେ ମଧ୍ୟପ୍ରଦେଶର ସଫଳ ନେତୃତ୍ୱ ନେଇଥିବା ଅନୁଷ୍କା ଗତ ୱିମେନ୍ସ ପ୍ରିମିୟର ଲିଗ୍ (ଡବ୍ଲୁପିଏଲ)ରେ ଗୁଜରାଟ ଜାଏଣ୍ଟସ୍ ପକ୍ଷରୁ ୭ଟି ପାଳିରେ ୧୨୯ ଷ୍ଟ୍ରାଇକ୍ ରେଟ୍‌ରେ ୧୭୭ ରନ୍ ସଂଗ୍ରହ କରି ନିଜର ଦକ୍ଷତା ପ୍ରମାଣିତ କରିଥିଲେ। ଏହାପରେ ସେ



ସାଉଥ୍ ଆଫ୍ରିକା ବିପକ୍ଷରେ ସିନିୟର ଭାରତୀୟ ଦଳରେ ଡେବ୍ୟୁ କରିବାର ସୁଯୋଗ ପାଇଥିଲେ।

**ସିରିଜ୍ ସୂଚୀ:**

ଟି-୨୦ ସିରିଜ୍: ସେପ୍ଟେମ୍ବର ୧୨, ୧୫ ଏବଂ ୧୭।

ଦିନିକିଆ ସିରିଜ୍: ସେପ୍ଟେମ୍ବର ୨୦, ୨୩ ଏବଂ ୨୫।

ଟେଷ୍ଟ ମ୍ୟାଚ୍: ସେପ୍ଟେମ୍ବର ୨୯ ରୁ ଅକ୍ଟୋବର ୨।

**ଇଣ୍ଡିଆ 'ଏ' ସ୍କ୍ୱାଡ୍:**

ଟି-୨୦: ଅନୁଷ୍କା ଶର୍ମା (ଅଧିନାୟିକା), ସାୟଲି ସତଘରେ (ଉପ-ଅଧିନାୟିକା), ବୃନ୍ଦା ଦିନେଶ, ସୁଜାତା ଦେ, ତେଜଲ ହସବନିସ, ନିକ୍କି ପ୍ରସାଦ, ଶିପ୍ରା ଗିରି (ୱିକେଟକିପର), ଶ୍ୱେତା ସେହରାୱତ, ଉମା ଛେତ୍ରୀ (ୱିକେଟକିପର), ତନୁଜା କଂୱର, ମିନ୍ନୁ ମଣି, ବଷ୍ଣବୀ ଶର୍ମା, ଜିନ୍ତିମଣି କଲିତା, ଶବନମ ଶକିଲ, ସିମରନ୍ ଦିଲ ବାହାଦୁର।

ଦିନିକିଆ : ଯଷ୍ଟିକା ଭାଟିଆ (ଅଧିନାୟିକା/ଉଇକେଟକିପର), ଅନୁଷ୍କା ଶର୍ମା (ଉପ-ଅଧିନାୟିକା), ବୃନ୍ଦା ଦିନେଶ, ପ୍ରିୟା ପୁନିଆ, ତନିଷା ସିଂ, ତେଜଲ ହସବନିସ, ନିକ୍କି ପ୍ରସାଦ, ଉମା ଛେତ୍ରୀ (ଉଇକେଟକିପର), ମିନ୍ନୁ ମଣି, ଅମନଦୀପ କୌର, ବଷ୍ଣବୀ ଶର୍ମା, ସାୟଲି ସତଘରେ, ଜିନ୍ତିମଣି କଲିତା, ଶବନମ ଶକିଲ, ଅକ୍ଷିତା ଭଗତ। ଟେଷ୍ଟ: ଯଷ୍ଟିକା ଭାଟିଆ (ଅଧିନାୟିକା/ଉଇକେଟକିପର), ଅନୁଷ୍କା ଶର୍ମା (ଉପ-ଅଧିନାୟିକା), ଶୁଭା ସତୀଶ, ପ୍ରିୟା ପୁନିଆ, ତନିଷା ସିଂ, ତେଜଲ ହସବନିସ, ନିକ୍କି ପ୍ରସାଦ, ମମତା ମଦିୱାଲା (ଉଇକେଟକିପର), ସୁଶ୍ରୀ ଦିବ୍ୟଦର୍ଶିନୀ, ଶୁଚି ଉପାଧ୍ୟାୟ, ବଷ୍ଣବୀ ଶର୍ମା, ସାୟଲି ସତଘରେ, ଜିନ୍ତିମଣି କଲିତା, ଶବନମ ଶକିଲ, ଅକ୍ଷିତା ଭଗତ।

# ପ୍ରଥମ ମ୍ୟାଚ୍‌ରେ ଅଧିନାୟକ, ଦ୍ୱିତୀୟ ମ୍ୟାଚ୍‌ରେ ଟିମ୍‌ରୁ ବିଦା !

ଲଣ୍ଡନ୍, ୨୭।୮: ପାକିସ୍ତାନ କ୍ରିକେଟ୍‌ରେ ସବୁକିଛି ସମ୍ଭବ। ନିଜର ଖେଳ ପ୍ରଦର୍ଶନ ତୁଳନାରେ ଅଜବ ନିଷ୍ପତ୍ତି ପାଇଁ ଚର୍ଚ୍ଚାରେ ରହୁଥିବା ପାକିସ୍ତାନ ଟିମ୍ ପୁଣି ଏକ ଚମକାଇବା ଭଳି କାମ କରିଛି। ଇଂଲଣ୍ଡ ବିପକ୍ଷରେ ଲଣ୍ଡନ୍‌ର ଲର୍ଡସଠାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ପାକିସ୍ତାନ ତା'ର ପ୍ଲେଇଂ-୧୧ରୁ ସଲମାନ ଅଲ୍ଲୀ ଆଗାଙ୍କୁ ବାଦ୍ ଦେଇଛି, ଯିଏ କି ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେଉଥିଲେ।ଗୁରୁବାର ଅଗଷ୍ଟ ୨୭ରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ତାରକା ବ୍ୟାଟର ତଥା ନିୟମିତ ଅଧିନାୟକ ବାବର ଆଜମ ଦଳକୁ ଫେରିଛନ୍ତି। ଆଘାତ ସମସ୍ୟା ଯୋଗୁ ବାବର ପ୍ରଥମ ଲିଡ୍ସ ଟେଷ୍ଟ ଖେଳିପାରି ନ ଥିଲେ, ଯେଉଁଥିରେ ପାକିସ୍ତାନ ପରାଜିତ ହୋଇଥିଲା। ସେହି ମ୍ୟାଚ୍‌ରେ ବାବରଙ୍କ ଅନୁପସ୍ଥିତିରେ ସଲମାନ ଅଲ୍ଲୀ ଆଗା ଦଳର କମାଣ ସମ୍ଭାଳିଥିଲେ। ତେବେ ବାବର ଫେରିବା କ୍ଷଣି ଟିମ୍ ମ୍ୟାନେଜମେଣ୍ଟ ସଲମାନଙ୍କୁ ସିଧାସଳଖ ପ୍ଲେଇଂ-୧୧ରୁ ବାହାରର ରାସ୍ତା ଦେଖାଇଛି।

ଏହି ନିଷ୍ପତ୍ତିକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଥମ ଟେଷ୍ଟରେ ସଲମାନ ବ୍ୟାଟର ଭାବେ ୨୧ ଓ ୪ ରନ୍ କରି ନିରାଶ କରିଥିଲେ ସତ, ମାତ୍ର ଦଳର ଅନ୍ୟତମ ବ୍ୟାଟର ସୌଦ ଶକିଲ ମଧ ସେହି ମ୍ୟାଚ୍‌ରେ ମାତ୍ର ୫ ଓ ୧୪ ରନ୍ କରିଥିଲେ। ୨୦୨୫ ଜାନୁଆରୀରୁ ଏପର୍ଯ୍ୟନ୍ତ ସଲମାନ ୯ଟି ଟେଷ୍ଟରୁ ୩ଟି ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଶକିଲ ୮ଟି ଟେଷ୍ଟରୁ ୨ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।ସମାନ ପ୍ରଦର୍ଶନ ସତ୍ତ୍ୱେ ଯେଉଁ ଖେଳାଳିଙ୍କୁ ପ୍ରଥମ ମ୍ୟାଚ୍‌ରେ କାପ୍ଟେନ୍ସି ପାଇଁ ଯୋଗ୍ୟ ମନେକରାଯାଇଥିଲା, ତାଙ୍କୁ ପରବର୍ତ୍ତୀ ମ୍ୟାଚ୍‌ରେ ବାଦ୍ ଦେବା ପାକିସ୍ତାନ କ୍ରିକେଟ୍‌ର ଅସ୍ଥିର କାର୍ଯ୍ୟଶୈଳୀକୁ ପୁଣି ପଏଣ୍ଟ ଆଉଟ୍ କରିଛି।

## ଏଲିଟ ତାଲିକାରେ ସାମିଲ ହେଲେ ଦିନୁଶା

କଲମ୍ବୋ, ୨୭।୮: ଶ୍ରୀଲଙ୍କାର ସୋନଲ ଦିନୁଶା ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ ହାସଲ କରିବା ସହ ଏଲିଟ(ସ୍ୱତନ୍ତ୍ର) ତାଲିକାରେ ସାମିଲ ହୋଇଛନ୍ତି। ସେ ତୃତୀୟ ବ୍ୟାଟର ଭାବେ ଫଲୋ-ଅନ୍ ବରଣ କରିଥିବା ଦଳ ପାଇଁ ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଭାରତର ବିଜୟ ହଜାରେ ଓ ଜିମ୍ବାୱେର ଆଣ୍ଡି ଫ୍ଲାଓର ଏହି ତାଲିକାରେ ରହିଥିଲେ। ହଜାରେ ୧୯୪୮ରେ ଅଷ୍ଟ୍ରେଲିଆ ବିପକ୍ଷ ଆଡିଲେଡ୍ ଟେଷ୍ଟରେ ଯଥାକ୍ରମେ ୧୧୬ ଓ ୧୪୫ ରନ କରିଥିବା ବେଳେ ଫ୍ଲାଓର ୨୦୦୧ରେ ହରାରେଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟରେ ୧୪୨ ଓ ୧୯୯* ରନ କରିଥିଲେ। ଏଥିସହିତ ଦିନୁଶା ବିଶ୍ୱର ପଞ୍ଚମ ବ୍ୟାଟର ଭାବେ ଷଷ୍ଠ ପୋଜିଶନରେ ବ୍ୟାଟିଂ କରି ଉଭୟ ଇନିଂସରେ ଶତକ କରିଛନ୍ତି। ଏହି ତାଲିକାରେ ଅଷ୍ଟ୍ରେଲିଆର ଆଲାନ ବର୍ଡର (୧୯୮୦, ପାକିସ୍ତାନ), ଶ୍ରୀଲଙ୍କାର ତିଲକରତ୍ନେ ଦିଲଶାନ (୨୦୦୯, ବାଂଲାଦେଶ), ଧନଞ୍ଜୟ ଡି ସିଲ୍‌ଭା (୨୦୨୪, ବାଂଲାଦେଶ) ଓ କାମିନ୍ଦୁ ମେଣ୍ଡିସ (୨୦୨୪, ବାଂଲାଦେଶ) ରହିଛନ୍ତି।

## ପର୍ତ୍ତୁଗିଜ୍ କ୍ଲବ୍ ଗୁଆର୍ଡା ଏଫ୍‌ସି ସହ ୟୋହାନ୍‌ଙ୍କ ଚୁକ୍ତି

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି):ମୁମ୍ବାଇଜନ୍ମିତ ଭାରତୀୟ ଯୁବ ଅନ୍ତର୍ଜାତୀୟ ଫୁଟ୍‌ବଲର୍ ୟୋହାନ ବେଞ୍ଜାମିନ୍ ନିଜର ୟୁରୋପୀୟ ସ୍ୱପ୍ନ ପୂରଣ କରିବାକୁ ଯାଉଛନ୍ତି। ସେ ପର୍ତ୍ତୁଗୀଜ କ୍ଲବ୍ ଗୁଆର୍ଡା ଏଫ୍‌ସି ସହ ଚୁକ୍ତି କରିଛନ୍ତି। ଅନ୍ତର୍ଜାତୀୟ ଅନୁମୋଦନ ଓ ଭିସା ସମ୍ବନ୍ଧୀୟ କାର୍ଯ୍ୟ ପରେ ସେ ଦଳ ସହ ଯୋଗଦେବେ। ଗୁଆର୍ଡା ଏଫ୍‌ସି ସହ ଚୁକ୍ତି କରିବା ମୋ ପାଇଁ ବହୁତ



ଖୁସିର ବିଷୟ। ୟୁରୋପୀୟ ଯାତ୍ରା ପାଇଁ ଏହା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଉଚ୍ଚସ୍ତରୀୟ ପ୍ରତିଯୋଗିତାରେ ଖେଳି ନିଜକୁ ପ୍ରମାଣିତ କରିବାର ଏହା ଏକ ବଡ ସୁଯୋଗ ହେବ। ମୋ ଉପରେ ବିଶ୍ୱାସ ରଖି ସୁଯୋଗ ଦେଇଥିବାରୁ ଗୁଆର୍ଡା ଏଫ୍‌ସି ନିକଟରେ କୃତଜ୍ଞ ବୋଲି ଚୁକ୍ତି ପରେ ବେଞ୍ଜାମିନ୍ କହିଛନ୍ତି। ଏହି ମିଡ୍‌ଫିଲ୍ଡରଙ୍କ ଫୁଟ୍‌ବଲ୍ ଯାତ୍ରା ସ୍କୁଲ୍ ଓ ଏକାଡେମୀରୁ ଆରମ୍ଭ କରିଥିଲେ। ୨୦୨୨ରେ ସିଲଙ୍ଗ ଲାଜୋଙ୍ଗରେ ଯୋଗଦେବା ପୂର୍ବରୁ ସେ କନ୍‌ସାଏଣ୍ଟ୍ ଫୁଟ୍‌ବଲ୍ ମୁମ୍ବାଇ, ଫୁଟ୍‌ବଲ୍ ଏକାଡେମୀ ବେଙ୍ଗାଲୁରୁ ଓ ମିନର୍ଭା ଫୁଟ୍‌ବଲ୍ ଏକାଡେମୀରେ ଖେଳିଥିଲେ। ଏହି କ୍ଲବ୍ ସହ ୩ ବର୍ଷ ରହିବା ମଧ୍ୟରେ ୟୋହାନ ଅନେକ ଅଭିଜ୍ଞତା ହାସଲ କରିଥିଲେ। ସେ ୨୦୨୪ ସିଲଙ୍ଗ ପ୍ରିମିୟର ଲିଗ୍‌ରେ ୯ ଗୋଲ୍ କରିଥିଲା ବେଳେ ସିଲଙ୍ଗ ଲାଜୋଙ୍ଗର ଟ୍ରଫି ବିଜୟରେ ପ୍ରମୁଖ ଅବଦାନ ରଖିଥିଲେ। ଏଥି ସହ ମେଘାଳୟ ଷ୍ଟେଟ୍ ଲିଗ୍‌ରେ ମଧ ଦଳକୁ ଉପବିଜେତା କରାଇବାରେ ପ୍ରମୁଖ ଭୂମିକା ନେଇଥିଲେ। ତାଙ୍କ ସହ ଚୁକ୍ତି କରିବା ପରେ ଗୁଆର୍ଡା ଫୁଟ୍‌ବଲ୍ କ୍ଲବ୍‌ର ସିଇଓ ଜୟ ଅଗ୍ରୱାଲ କହିଛନ୍ତି ଯେ ''ଆମେ ଯେପରି ଖେଳାଳି ଚାହୁଁଥିଲୁ ୟୋହାନ ସେପରି ଜଣେ ଖେଳାଳି। ସେ ଉଚ୍ଚାଭିଳାଷୀ, ଉତ୍ସର୍ଗୀକୃତ ଏବଂ ସଫଳତା ଲାଗି ଭୋକିଲା ଅଛନ୍ତି। ଆମେ ତାଙ୍କ ସହ ୨ ବର୍ଷିଆ ଚୁକ୍ତି କରି ବହୁତ ଖୁସି। ଅନ୍ତର୍ଜାତୀୟ ଅନୁମୋଦନ, ଭିସା ଔପଚାରିକତା ଉପରେ ତାଙ୍କ ଯୋଗଦାନ ନିର୍ଭରଶୀଳ''।

### ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍

# ଭାରତୀୟ ମହିଳା ପ୍ରଥମ ଥର ପଞ୍ଚମ

ଆମ୍‌ଷ୍ଟେଲଭିନ୍: ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍‌ରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରି ପଞ୍ଚମ ସ୍ଥାନ ହାସଲ କରିଛି। ୫୨ ବର୍ଷ ପରେ ଭାରତକୁ ଶ୍ରେଷ୍ଠ ସ୍ଥାନ ମିଳିଛି। ଗୁରୁବାର ପଞ୍ଚମ-ଷଷ୍ଠ ସ୍ଥାନ ପାଇଁ ଖେଳାଯାଇଥିବା କ୍ଲାସିଫିକେସନ୍ ମ୍ୟାଚ୍‌ରେ ଭାରତ ୩-୧ ଗୋଲ୍‌ରେ ଜର୍ମାନୀକୁ ପରାସ୍ତ କରି ଏହି ସଫଳତା ଲାଭ କରିଛି। ବିଶ୍ୱକପ୍ ଇତିହାସରେ ଏହା ହେଉଛି ଭାରତୀୟ ମହିଳା ଦଳର ଦ୍ୱିତୀୟ ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଭାରତୀୟ ଦଳ ଏହା ପୂର୍ବରୁ ୧୯୭୪ ମସିହାରେ ଚତୁର୍ଥ ସ୍ଥାନରେ ରହିଥିଲା, ତାହା ଆଜି ପର୍ଯ୍ୟନ୍ତ ଭାରତୀୟ ଦଳର ସର୍ବଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଛି। ଏହା ପରେ ଭାରତୀୟ ମହିଳା ହକି ଦଳ ୧୯୭୮ରେ ସପ୍ତମ, ୧୯୮୩ରେ ଏକାଦଶ, ୧୯୯୮ରେ ଦ୍ୱାଦଶ, ୨୦୦୬ରେ ଏକାଦଶ, ୨୦୧୦ରେ ନବମ, ୨୦୧୮ରେ ଅଷ୍ଟମ ଓ ୨୦୨୨ରେ ନବମ ସ୍ଥାନରେ ରହିଥିଲା।




ଭାରତ ଆଧିପତ୍ୟ ବିସ୍ତାର କରିଥିବା ଗୁରୁବାର ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉଭୟ ଦଳ ଗୋଲ୍ କରିପାରି ନ ଥିଲେ। ତେବେ ତୃତୀୟ କ୍ୱାର୍ଟରରେ ଭାରତ ଲଗାତାର ଦୁଇଟି ଗୋଲ୍ କରି ମ୍ୟାଚ୍ ଉପରେ ନିଜର ନିୟନ୍ତ୍ରଣ ସୁଦୃଢ଼ କରିଥିଲା। ୪୩ତମ ମିନିଟ୍‌ରେ ଇଶିକା ଫିଲ୍ଡ ଗୋଲ୍ କରି ଭାରତକୁ ଆଗୁଆ କରିଥିଲେ। ଏହାର ଗୋଟିଏ ମିନିଟ୍ ପରେ ନଭନୀତ କୌର ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ଭାରତର ଅଗ୍ରଣୀକୁ ୨-୦ କରିଥିଲେ। ୪୭ତମ ମିନିଟ୍‌ରେ ନଭନୀତ ପୁଣିଥରେ ଗୋଲ୍ କରି ବ୍ୟକ୍ତିଗତ ଭାବେ ଦ୍ୱିତୀୟ ଗୋଲ୍ ସହ ଭାରତକୁ ୩-୦ର ଦୃ ସ୍ଥିତିରେ ପହଞ୍ଚାଇଥିଲେ। ମ୍ୟାଚ୍‌ର ୫୯ତମ ମିନିଟ୍‌ରେ ଜର୍ମାନୀର ଲିନ୍ କ୍ରିଙ୍ଗ୍ସ ଗୋଟିଏ ଫିଲ୍ଡ ଗୋଲ୍ ଦେଇ ବ୍ୟବଧାନ କମାଇଥିଲେ। ତେବେ ଶେଷ ପର୍ଯ୍ୟନ୍ତ ଭାରତୀୟ ରକ୍ଷଣଭାଗ ଆଉ କୌଣସି ଗୋଲ୍ ହେବାକୁ ଦେଇନଥିଲା। ଅନ୍ୟପକ୍ଷରେ ଦୁଇ ଥର ଅଲିମ୍ପିକ୍ସ କାଂସ୍ୟ ପଦକ ବିଜେତା ଭାରତୀୟ ପୁରୁଷ ଦଳ ସେମିଫାଇନାଲ୍‌ରୁ ବଞ୍ଚିତ ହୋଇଥିବାବେଳେ ଶୁକ୍ରବାର ସପ୍ତମ/ଅଷ୍ଟମ ସ୍ଥାନ ପ୍ଲେଅଫ୍ ଲଢ଼େଇରେ ଘରୋଇ ବେଲଜିୟମ୍ ସହିତ ଖେଳିବ।

## ଡାଇମଣ୍ଡ ଲିଗ୍ ଫାଇନାଲ୍‌କୁ ନୀରଜଙ୍କ ଯୋଗ୍ୟତା

ନୂଆଦିଲ୍ଲୀ: ଭାରତୀୟ ଜାଭ୍‌ଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ଋତୁ ଶେଷ ଡାଇମଣ୍ଡ ଲିଗ୍ ଫାଇନାଲ୍ ଲାଗି ନିଜ ସ୍ଥାନ ପକ୍କା କରିଛନ୍ତି। ଡାଇମଣ୍ଡ ଲିଗ୍ ଫାଇନାଲ୍ ଆସନ୍ତା ମାସ ୪ ଓ ୫ ତାରିଖରେ ବ୍ରସେଲ୍ସରେ ଅନୁଷ୍ଠିତ ହେବ। ୨ ଥରର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚଳିତ ଋତୁରେ ୨ ଡାଇମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରିଛନ୍ତି। ଦୋହାରେ ଜୁନ୍ ୧୯ ତାରିଖରେ ଆୟୋଜିତ ପ୍ରତିଯୋଗିତାରେ ସେ ୮୫.୬୯ ମିଟର ଜାଭ୍‌ଲିନ୍ ଫିଙ୍ଗି ଚତୁର୍ଥ ସ୍ଥାନରେ ରହିଥିଲେ। ଏହାପରେ ଅଗଷ୍ଟ ୨୧ ତାରିଖରେ ଲେସାନେରେ ଆୟୋଜିତ ପ୍ରତିଯୋଗିତାରେ ସେ ନିଜ ଥ୍ରୋରେ ଉନ୍ନତି ଆଣି ୮୮.୦୫ ମିଟର ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।



ଚଳିତ ମାସ ୨୭ ତାରିଖରେ ଜୁରିକ୍‌ରେ ସେ ଅଂଶଗ୍ରହଣ କରି ନଥିଲେ। ହେଲେ ତାଙ୍କ ପୂର୍ବ ପ୍ରଦର୍ଶନ ଫାଇନାଲ୍ ଖେଳିବା ଲାଗି ପ୍ରର୍ଯ୍ୟାପ୍ତ ହୋଇଥିଲା। ନୀରଜ ଚଳିତ ବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡାରେ ୮୫.୮୩ ମିଟର ଜାଭ୍‌ଲିନ୍ ଫିଙ୍ଗି ରୌପ୍ୟ ପଦକ ଜିତିଥିଲେ। ଜୁରିକ୍‌ରେ ୯୨.୦୭ ମିଟର ଜାଭଲିନ୍ ଫିଙ୍ଗିଥିବା ଶ୍ରୀଲଙ୍କାର ରୁମେଶ ଥରଙ୍ଗା ପାଥିରାଗେଙ୍କ ସହ ବ୍ରସେଲ୍ସରେ ଆଗରେ ରହିଛନ୍ତି। ତାଙ୍କ ସହ ନୀରଜଙ୍କୁ ଆଣ୍ଡରସନ୍ ପିଟର୍ସ, କେଶୋର୍ନ ୱାଲକଟ୍ ଓ କୁର୍ଟିସ ଥମ୍ପସନ୍ କଡା ଟକ୍କର ଦେବେ। ୨୦୨୨ରେ ବିଜେତା ହୋଇଥିବା ନୀରଜ ପରବର୍ତ୍ତୀ ୩ ସଂସ୍କରଣରେ ଉପବିଜେତା ହୋଇଥିଲେ। ଏବେ ପୁଣି ନିଜ ଅଭିଜ୍ଞତାକୁ ବ୍ୟବହାର କରି ଡାଇମଣ୍ଡ ଟ୍ରଫି ଜିତିବା ଲକ୍ଷ୍ୟରେ ରହିଛନ୍ତି ସେ।



# ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ପ୍ରସ୍ତୁତିର ସମୀକ୍ଷା କଲେ ଗୃହମନ୍ତ୍ରୀ

ନୂଆଦିଲ୍ଲୀ: ଭାରତରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ହେବ। ଏହାର ପ୍ରସ୍ତୁତିର ସମୀକ୍ଷା ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର କରିଛନ୍ତି। ଏଥିସହ ଏହି ବୈଠକରେ ୨୦୩୬ ଅଲିମ୍ପିକ୍ସ ବିଡ୍ ଉପରେ ମଧ ଆଲୋଚନା କରିଛନ୍ତି। ଏହି ସମୀକ୍ଷା ବୈଠକରେ କେନ୍ଦ୍ର କ୍ରୀଡାମନ୍ତ୍ରୀ ମନସୁଖ ମାଣ୍ଡବୀୟ ଓ ଗୁଜରାଟ ଉପମୁଖ୍ୟମନ୍ତ୍ରୀ ହର୍ଷ ସାଂଘଭୀଙ୍କ ସହ କ୍ରୀଡା ଓ ଗୃହମନ୍ତ୍ରାଳୟରେ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକରେ ଉପସ୍ଥିତ ଥିବା ନେଇ ଶାହ ସାମଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ସେ ଲେଖିଛନ୍ତି ଯେ ''ମୋଦୀ ସରକାର ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରି ଭାରତକୁ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ସ୍ଥଳରେ ପରିଣତ କରିବାକୁ ଦୃଢ଼ ପ୍ରତିବଦ୍ଧ। ୨୦୩୬ ଅଲିମ୍ପିକ୍ସ ପାଇଁ ଭାରତର ବିଡ୍, ୨୦୨୯ ବିଶ୍ୱ ପୁଲିସ ଓ ଫାୟାର କ୍ରୀଡା ଏବଂ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ପ୍ରସ୍ତୁତି ପାଇଁ ଅହମଦାବାଦରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରିଥିଲି।''କ୍ରୀଡ଼ା ପ୍ରତିଯୋଗିତା ବେଳେ ସୁରକ୍ଷା ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଲଜିଷ୍ଟିକ୍ସର ତଦାରଖ କରିବାରେ ଗୃହ ମନ୍ତ୍ରଣାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଦୁଇ ଦଶନ୍ଧି ପରେ ରାଜ୍ୟଗୋଷ୍ଠୀ କ୍ରୀଡା ଭାରତକୁ ଫେରିବ। ଏହା ଅହମଦାବାଦରେ ଆୟୋଜିତ ହେବ। ୨୦୧୦ରେ, ଦିଲ୍ଲୀ ପ୍ରଥମ ଥର ପାଇଁ ଏହି ବହୁଦେଶୀୟ କ୍ରୀଡ଼ା ଆୟୋଜନ କରିଥିଲା। ୨୦୩୬ରେ ଅଲିମ୍ପିକ୍ସ ଆୟୋଜନ ଦୌଡ଼ରେ ଅହମଦାବାଦ ମଧ ରହିଛି। ଭାରତ ସଂପ୍ରତି ଆୟୋଜକ ଦୌଡରେ ଅଗାରେ ରହିଛି। କିନ୍ତୁ ନିଷ୍ପତ୍ତି ୨୦୨୯ ପୂର୍ବରୁ ହେବା ସମ୍ଭାବନା ନାହିଁ। ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ପୂର୍ବରୁ ଅହମଦାବାଦରେ ବିଶ୍ୱ ପୁଲିସ ଓ ଫାୟାର କ୍ରୀଡା ଆୟୋଜନ ହେବ। ଏଥିରେ ୭୦ ଦେଶରୁ ପ୍ରାୟ ୧୦ହଜାର ଖେଳାଳି ଅଂଶଗ୍ରହଣ କରିବେ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , Email : odishamahabharata@gmail.com, orissamahabharat@rediffmail.com
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର